R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୩୭
ତିଥି : ସପ୍ତମୀ
୧୪ ସେପ୍ଟେମ୍ବର ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 337
14 Sept 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ଟ୍ରମ୍ପଙ୍କ ଟାର୍ଗେଟରେ ଋଷ୍-ଚୀନ୍




**ଋଷ୍ ଉପରେ କଟକଣା ଲଗାଇବାକୁ ନାଟୋ ରାଷ୍ଟ୍ରଙ୍କୁ ଅପିଲ**

**ଚୀନ୍ ଉପରେ ୫୦ ରୁ ୧୦୦% ଟିକସ ଲଗାଇବାକୁ ପ୍ରସ୍ତାବ**

ନୂଆଦିଲ୍ଲୀ, ୧୩।୯ : ଋଷ୍ ଉପରେ କଟକଣା ଲାଗୁ କରିବା ସହ ଚୀନ୍ ଉପରେ ୫୦ ରୁ ୧୦୦% ଶୁଳ୍କ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ପ୍ରୟାସ ଆରମ୍ଭ କରିଛନ୍ତି । ନାଟୋ ରାଷ୍ଟ୍ରଗୁଡ଼ିକ ଉପରେ ଏଭଳି ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।

ଆମେରିକା ରାଷ୍ଟ୍ରପତି ଆଜି ନାଟୋ ରାଷ୍ଟ୍ର ଉପରେ ଋଷରୁ ତେଲ କିଣା ବନ୍ଦ କରିବା ସହ କଟକଣା ଲାଗୁ କରିବା ପାଇଁ ଚାପ ପକାଇଛନ୍ତି । ଏହାଛଡ଼ା ୟୁକ୍ରେନ୍ ଯୁଦ୍ଧର ସମାପ୍ତି ପାଇଁ ଚୀନ୍ ଉପରେ ୫୦ ରୁ ୧୦୦% ଶୁଳ୍କ ଲଗାଇବାକୁ କହିଛନ୍ତି । ଆମେରିକା ରାଷ୍ଟ୍ରପତି ଭାରତରୁ ଆମେରିକା ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇ ସାରିଛନ୍ତି । ମାତ୍ର ଚୀନ୍ ଉପରେ ସେ ଏତେ ପରିମାଣର ଶୁଳ୍କ ଲଗାଇନାହାନ୍ତି । ନାଟୋ ସଦସ୍ୟମାନଙ୍କୁ ଟ୍ରମ୍ପ ଚିଠି ଲେଖି ଉଲ୍ଲେଖ କରିଛନ୍ତି ଯେ ଋଷ୍ ଉପରେ ବଡ କଟକଣା ଲାଗୁ କରିବାକୁ ସେ ପ୍ରସ୍ତୁତ ଅଛନ୍ତି । ଯଦି ନାଟୋ ରାଷ୍ଟ୍ରମାନେ ରାଜି ହୁଅନ୍ତି ତେବେ ସେ ଏହି କଟକଣା ପ୍ରକ୍ରିୟା ଆରମ୍ଭ କରିବେ । ସମସ୍ତ ନାଟୋ ରାଷ୍ଟ୍ର ଋଷରୁ ତେଲ କିଣା ବନ୍ଦ କରନ୍ତୁ । ନାଟୋ ରାଷ୍ଟ୍ରଗୁଡ଼ିକ ଶତ ପ୍ରତିଶତ ତେଲ ଋଷରୁ କିଣୁଛନ୍ତି । ଫଳରେ ଋଷ୍ ସହିତ ବୁଝାମଣା ପାଇଁ ବାଟ ଫିଟୁନାହିଁ । ମିଳିତ ଭାବେ ପ୍ରୟାସ କରିବାର ସମୟ ଆସିଛି ଓ ନାଟୋ ରାଷ୍ଟ୍ରମାନେ ରାଜି ହୁଅନ୍ତୁ । ନାଟୋ ରାଷ୍ଟ୍ର ମଧ୍ୟ ଚୀନ୍‌ର ପ୍ରଭାବ ହ୍ରାସ କରିବା ଲାଗି ୫୦ ରୁ ୧୦୦% ଶୁଳ୍କ ଲଗାନ୍ତୁ । ଚୀନ୍‌ର ଋଷ୍ ଉପରେ ବଡ ନିୟନ୍ତ୍ରଣ ରହିଛି । ଏହି ଶକ୍ତିଶାଳୀ ଶୁଳ୍କ ତା'ର ଅଣ୍ଟା ଭାଙ୍ଗିବ । ଚୀନ୍ ମଧ୍ୟ ଏହାର ଜବାବରେ କହିଛି ଋଷ୍ ସହ ଆମେରିକାର ଧମକ ସତ୍ତ୍ୱେ ବି ଶକ୍ତି ବୁଝାମଣା ଜାରି ରହିବ । ଚୀନ୍ ତା'ର ସ୍ୱାଭାବିକ ଅର୍ଥନୀତି ପାଇଁ ଆଇନ୍‌ଗତ ପଦକ୍ଷେପ ନେବ ଓ ସବୁ ଦେଶ ସହ ବାଣିଜ୍ୟିକ ବୁଝାମଣା କରିବ । ନାଟୋକୁ ମଧ୍ୟ ସେ ଚେତାବନୀ ଦେଇଛି ଏଭଳି ପ୍ରସ୍ତାବ ଆମେରିକାର ସମ୍ବଳକୁ ନଷ୍ଟ କରିବ । ଦିନକ ପୂର୍ବରୁ ବ୍ରିଟେନ୍ ଋଷ୍ ସମ୍ପର୍କିତ ଏକ ପ୍ୟାକେଜ ଘୋଷଣା କରିଛି ।

## ମଣିପୁର ଗସ୍ତରେ ପ୍ରଧାନମନ୍ତ୍ରୀ

# ଶାନ୍ତି, ସଦ୍‌ଭାବ ଲାଗି ନିବେଦନ



- ହିଂସା ପ୍ରଭାବିତ ଲୋକଙ୍କୁ ଭେଟିଲେ
- ୧୨୦୦ କୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର
- ଚୁରାଚାନ୍ଦପୁରରେ ୭୩୦୦ କୋଟି ପ୍ରକଳ୍ପର ଶିଳାନ୍ୟାସ

ନୂଆଦିଲ୍ଲୀ, ୧୩।୯ : ଉପତ୍ୟକା ଓ ପାର୍ବତ୍ୟାଞ୍ଚଳ ମଧ୍ୟରେ ବସବାସ କରୁଥିବା ଦୁଇ ସମ୍ପ୍ରଦାୟ ମୈତେଇ ଓ କୁକି ଜନଜାତି ସମ୍ପ୍ରଦାୟ ଉଭୟଙ୍କ ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ବଜାୟ ରଖନ୍ତୁ । ମଣିପୁରରେ ଯେ କୌଣସି ପ୍ରକାର ହିଂସା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ମଣିପୁରକୁ ଶାନ୍ତି ଓ ବିକାଶ ପଥରେ ଆଗେଇ ନେବାକୁ ହେବ । ଆମକୁ ଏକାଠି ମିଳିମିଶି କାର୍ଯ୍ୟ କରିବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ।

୨୦୨୩ ମେ'ରେ ମଣିପୁରରେ ଜାଣିଆଣ ହିଂସା ବ୍ୟାପିଥିଲା । ଏହାର ଦୁଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ଆଜି ମଣିପୁର ଗସ୍ତ କରିଛନ୍ତି । ଇମ୍ଫାଲ ଠାରେ ଏକ ରାଲିକୁ ସେ ସମ୍ବୋଧିତ କରି କହିଛନ୍ତି ଯେ ସମନ୍ୱିତ ବିକାଶ, ପରସ୍ପର ପ୍ରତି ସମ୍ମାନ ଆଗକୁ (୯ ପୃଷ୍ଠାରେ)

# ନୂଆପଡା ଉପନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ

**ଅକ୍ଟୋବର ୯ ସୁଦ୍ଧା ଚୂଡାନ୍ତ ଭୋଟର ତାଲିକା**

**ଏସ୍ଏସ୍ଆର ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୩।୯ (ସବ୍ୟୁ) : ନୂଆପଡା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆଙ୍କର ମୃତ୍ୟୁ ପରେ ଏବେ ଏଠାରେ ଉପନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ରାଜନୈତିକ ଦଳଗୁଡ଼ିକ ସକ୍ରିୟ ହୋଇଥିବାବେଳେ ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଜନପ୍ରତିନିଧିତ୍ୱ ଆଇନ୍ ୧୯୫୦ର ଧାରା ୨୧ ଅନୁଯାୟୀ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍ଏସ୍ଆର) ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ନିର୍ବାଚନ କମିଶନଙ୍କ ପକ୍ଷରୁ ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ସେପେଟମ୍ବର ୧୪ ସୁଦ୍ଧା ମତଦାନ କେନ୍ଦ୍ରର ପୁନଃବ୍ୟବସ୍ଥାପନ ଓ ପରିବର୍ତ୍ତନ କରାଯିବ । ସେପ୍ଟେମ୍ବର ୧୫ ସୁଦ୍ଧା ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଦାବି ଏବଂ ଆପତ୍ତି ଦାଖଲ କରିବାର ଅବଧି ସେପ୍ଟେମ୍ବର ୧୫ ରୁ ସେପ୍ଟେମ୍ବର ୨୯ ମଧ୍ୟରେ ଗ୍ରହଣ କରାଯିବ । ଏହାର (୯ ପୃଷ୍ଠାରେ)

# ଟ୍ରଫ୍ ଲାଇନ୍ ଲାଗି ଆଉ ୩ ଦିନ ବର୍ଷା

**▲ ୧୫ ରୁ ରାଜସ୍ଥାନରୁ ଫେରିଯିବ ମୌସୁମୀ**

**▲ ଦଶହରାରେ ରାଜ୍ୟରେ ବର୍ଷିବ**

ଭୁବନେଶ୍ୱର, ୧୩।୯ (ସବ୍ୟୁ) : ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି । ଗତ ଦୁଇଦିନ ଧରି ଦକ୍ଷିଣ ଓଡିଶା ସମେତ ବିଭିନ୍ନ ସ୍ଥାନରେ ତୁହାକୁତୁହା ବର୍ଷା ଜନଜୀବନ ପ୍ରଭାବିତ ହୋଇଛି । ତେବେ ଆଉ ଏକ ଟ୍ରଫ୍ ଲାଇନ୍ ଯୋଗୁଁ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ପଶ୍ଚିମ ରାଜସ୍ଥାନରୁ ଆସନ୍ତା ଦୁଇଦିନ ଭିତରେ ମୌସୁମୀ ଫେରିଯିବ । ତେବେ ରାଜ୍ୟରୁ ଫେରିବାକୁ ସାମାନ୍ୟ ବିଳମ୍ବ ହୋଇପାରେ । ଦଶହରାରେ ଏଥର ବର୍ଷାର ସମ୍ଭାବନା ରହିଛି ।

ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସକ୍ରିୟ ରହିଛି । ଏହା ଆସନ୍ତା ଦୁଇଦିନ ମଧ୍ୟରେ ପଶ୍ଚିମ- ଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଓଡିଶା ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଛତିଶଗଡ ଅତିକ୍ରମ କରିବ । ଏହା ସହିତ ଦକ୍ଷିଣ ଓଡିଶା ଉପରେ (୯ ପୃଷ୍ଠାରେ)

## କେନ୍ଦୁଝରରେ ଶୂନ୍ୟ ଦୁର୍ଘଟଣା ଦିବସ

# ଦୁର୍ଘଟଣାମୁକ୍ତ କରାଯିବା ସାମଗ୍ରିକ ଦାୟିତ୍ୱ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର/କେନ୍ଦୁଝର, ୧୩।୯ (ସବ୍ୟୁ) : "ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା"ର ପ୍ରତିଶ୍ରୁତିକୁ ଆଗକୁ ବଢ଼ାଇ ନେଇ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଜି କେନ୍ଦୁଝର ଠାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ "ଜିରୋ ଆକ୍ସିଡେଣ୍ଟ ଡେ" ବା ଶୂନ ଦୁର୍ଘଟଣା ଦିବସ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାକୁ ଏକ ଦୁର୍ଘଟଣା-ଶୂନ୍ୟ ରାଜ୍ୟ ଭାବେ ଗଢିବା ପାଇଁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିରୋ ଆକ୍ସିଡେଣ୍ଟ ସେଲ୍ଫି ପଏଣ୍ଟକୁ ଉଦ୍‌ଘାଟନ କରିବା ସହିତ ସଡକ ସୁରକ୍ଷା ବାର୍ତ୍ତା ପ୍ରଚାରକ ମାନଙ୍କୁ ସେହିଠାରେ ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ସମସ୍ତ ୧୩ ଟି ବ୍ଲକରେ ସଡକ ସୁରକ୍ଷା ସଚେତନତା ତଥା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥର ଶୁଭାରମ୍ଭ କରିଥିଲେ ଓ ସିଗନେଚର କ୍ୟାମ୍ପେନକୁ ଉଦ୍‌ଘାଟନ କରିଥିଲେ ।

ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ସୁରକ୍ଷା କେବଳ ସରକାରଙ୍କର ଦାୟିତ୍ୱ ନୁହେଁ । ଏଥି ପ୍ରତି ସଚେତନ ହେବା ପ୍ରତ୍ୟେକ ବ୍ୟକ୍ତିଙ୍କର ସାମୂହିକ ଦାୟିତ୍ୱ । ଭୁବନେଶ୍ୱରରେ ଶୂନ ଦୁର୍ଘଟଣା ଦିବସର ଏକ ବିଶେଷ ସଫଳତା ପରେ କେନ୍ଦୁଝର ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶାର ପ୍ରଥମ ଜିଲ୍ଲା ହୋଇଛି । ଆମର ଲକ୍ଷ୍ୟ ହେବ, ଶୂନ ଦୁର୍ଘଟଣା ଦିବସ ସଚେତନତା ବାର୍ତ୍ତାକୁ ପ୍ରତି ସହର, ଗାଁ ଏପରିକି ଘରେ ଘରେ ପହଞ୍ଚାଇବା । ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା । ସମସ୍ତ କ୍ଷେତ୍ରରେ ସତର୍କତା ହିଁ ଆମକୁ ଏସବୁ ଦୁର୍ଘଟଣାରୁ ବଞ୍ଚେଇ ପାରିବ ।

କେନ୍ଦୁଝର ଜିଲ୍ଲା ହେଉଛି ଏକ ଖଣିବହୁଳ ଅଞ୍ଚଳ । ଦିନରାତି ଏଠାରେ ଖଣିଜ ପଦାର୍ଥ ପରିବହନ ହୋଇଥାଏ । ଏଠାରୁ ପ୍ରତିଦିନ ସହସ୍ର ସଂଖ୍ୟକ ଟ୍ରକ୍, ଲୋଡର୍, ଭାରୀ ଯାନବାହାନ ଯାତାୟାତ କରୁଛି । ଏହା ଅଞ୍ଚଳର ଅର୍ଥନୀତିକୁ ସଚଳ କରୁଛି, କିନ୍ତୁ ଏହା ସହିତ ସଡ଼କ ସୁରକ୍ଷା ପାଇଁ ଏକ ବିଶେଷ ଚାଲେଞ୍ଜ ମଧ୍ୟ ହୋଇ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କୁ ଯାତାୟତ ସମୟରେ ସଡକ ସୁରକ୍ଷା ନିୟମାବଳୀ ମାନିବା ସହିତ ସତର୍କତା ଅବଲମ୍ବନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ ।

ସେ ପୁଣି କହିଥିଲେ ଯେ ଶୂନ ଦୁର୍ଘଟଣା ଦିବସ ପାଳନ କରୁଛେ । ଏହା ଏପରି ଏକ ପଦକ୍ଷେପ ଯାହା ଆମର ସାମଗ୍ରିକ ଦାୟିତ୍ୱକୁ ପ୍ରଦର୍ଶନ କରୁଛି । ଖଣି ଓ ଶିଳ୍ପ କ୍ଷେତ୍ର ସହିତ ସଂଲଗ୍ନ ସମସ୍ତ କମ୍ପାନୀ, ଡ୍ରାଇଭର୍, କର୍ମଚାରୀମାନଙ୍କ ସୁରକ୍ଷାକୁ ପ୍ରଥମ ପ୍ରାଥମିକତା ଦିଅନ୍ତୁ । ଭାରି ଯାନବାହାନ ଗୁଡିକର ନିୟମିତ ମେଣ୍ଟେନାନ୍ସ, ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ କୁ ଗୁରୁତ୍ୱ ଦିଅନ୍ତୁ । ଏହି ସବୁକିଛିକୁ କଡ଼ାକଡ଼ି ଭାବରେ ପାଳନ କରିଲେ ଅନେକ ଦୁର୍ଘଟଣାକୁ ରୋକାଯାଇ ପାରିବ ।

ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, (୯ ପୃଷ୍ଠାରେ)

# ମୌସୁମୀ ଅଧିବେଶନ ଲାଗି ୧୭ରେ ବିରୋଧୀଙ୍କ ରଣନୀତି



**ଜନପ୍ରତିନିଧିଙ୍କ କ୍ଷମତା ହ୍ରାସକୁ ପ୍ରସଙ୍ଗ କରିବ ବିଜେଡି**

**ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବ କଂଗ୍ରେସ**

ଭୁବନେଶ୍ୱର, ୧୩।୯ (ସବ୍ୟୁ) : ଆସନ୍ତା ୧୮ରେ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି । ଏହା ପୂର୍ବରୁ ସରକାରଙ୍କୁ ଘେରିବା ଲାଗି ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯିବ । ୧୭ ତାରିଖ ସନ୍ଧ୍ୟାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଥିବାବେଳେ ସେହିଦିନ କଂଗ୍ରେସ ବିଧାୟକ ଦଳର ବୈଠକ ମଧ୍ୟ ଅନୁଷ୍ଠିତ ହେବ ।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ୧୭ ତାରିଖ ସନ୍ଧ୍ୟା ୫ଟାରେ ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳ ବୈଠକ ବସିବ । ସରକାର ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ବିଫଳ ହୋଇଛନ୍ତି । ତାହାକୁ ଦଳ ପ୍ରସଙ୍ଗ କରିବ । ନାରୀ ସୁରକ୍ଷା, ଜନପ୍ରତିନିଧିଙ୍କ କ୍ଷମତା ହ୍ରାସକୁ ମଧ୍ୟ ପ୍ରସଙ୍ଗ କରାଯିବ । ତେବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯେଉଁ ନିଷ୍ପତ୍ତି ନେବେ ତାହା ଉପରେ ବିଧାୟକମାନେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି । ସେହିଭଳି କଂଗ୍ରେସର ବିଧାୟକ ଦଳ ବୈଠକ ୧୭ରେ ଅନୁଷ୍ଠିତ ହେବ । କଂଗ୍ରେସ ଅନାସ୍ଥାପ୍ରସ୍ତାବ ଆଣିବା ପାଇଁ ଚିନ୍ତା କରୁଛି । ଉପରାଷ୍ଟ୍ରପତି ନିର୍ବାଚନ ଶେଷ ହୋଇଛି । ସରକାରଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ହରାଇଛନ୍ତି ବୋଲି କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି । ସେ କହିଛନ୍ତି ଯେ ଆମେ ଅନାସ୍ଥା ପ୍ରସ୍ତାବରେ ବିଜେଡିର ସମର୍ଥନ ଲୋଡ଼ିବୁ । ବ୍ୟକ୍ତିଗତ ଭାବେ ବିରୋଧୀ ଦଳ ନେତାଙ୍କୁ ଭେଟି ଅନାସ୍ଥା ସମ୍ପର୍କରେ ଆଲୋଚନା (୯ ପୃଷ୍ଠାରେ)

# ଶାଳିନୀ ପଣ୍ଡିତ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ନିଯୁକ୍ତ

ଭୁବନେଶ୍ୱର, ୧୩।୯ (ସବ୍ୟୁ): ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ସଚିବ ତଥା ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି । ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟିର ଅନୁମୋଦନ ପରେ ଶନିବାର ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି ।

ସୂଚନା ଅନୁସାରେ, ଶ୍ରୀମତୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ୫ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଯୁକ୍ତି ମିଳିଛି । ଶ୍ରୀମତୀ ପଣ୍ଡିତ ଏବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି । ସେ ଦୀର୍ଘବର୍ଷ ଧରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରିଛନ୍ତି । ବିଶେଷକରି କରୋନା ସମୟରେ ନିଜର ଦକ୍ଷତା ପ୍ରତିପାଦନ କରି ସେ ପ୍ରଶଂସିତ ହୋଇଥିଲେ (୯ ପୃଷ୍ଠାରେ)

T-

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

******

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଆସନ୍ତା ସୋମବାର, ଇଂରାଜୀ ତା. 15/09/2025 ରିଖ** ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR : 09014/11/0192/2526

# ଚର୍ମ ସଂକ୍ରମଣ

ବର୍ଷାଦିନେ ଚର୍ମ ସଂକ୍ରମଣ ଦେଖାଯିବାର ଆଶଙ୍କା ଖୁବ ଅଧିକ ରହିଥାଏ । ବର୍ଷାଦିନେ ସାଧାରଣତଃ ଜଳବାୟୁରେ ଆଦ୍ରତାର ପରିମାଣ ଖୁବ ଅଧିକ ରହିଥାଏ ଯାହା ବିଭିନ୍ନ ଚର୍ମ ସଂକ୍ରମଣର କାରଣ ସାଜିଥାଏ । ଏହି ସମୟରେ ଚର୍ମର ଅଧିକ ଯତ୍ନ ନେବାକୁ ହୋଇଥାଏ । ଏହି ସମୟରେ ପରିଷ୍କାର ପରିଚ୍ଛନତା ଉପରେ ଧ୍ୟାନ ନେଦେଲେ ଅନେକ ଚର୍ମ ସଂକ୍ରମଣ ଦେଖିବାକୁ ମିଳିଥାଏ । ତେଣୁ ଏହି ଦିନେ ବିଶେଷଭାବେ ପରିଷ୍କାର ରହିବା, ହାତପାଦ ଓଦା ହେବାପରେ ପୋଛିବା, ସମୟ ସମୟରେ ହାତ ପାଦରେ ତେଲ ଲଗାଇବା ଭଳି ପଦକ୍ଷେପ ନେଲେ ଏହି ସଂକ୍ରମଣରୁ ଦୂରେଇ ରହିପାରିବା । ତେବେ ଯାହା କିଛି ବି ସମସ୍ୟା ହେଉଛି ଡାକ୍ତରଙ୍କୁ ଦେଖେଇବାର ଆବଶ୍ୟକତା ରହିଛି । ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇଲେ ଏହା ଜଲଦି ଭଲ ହୋଇଥାଏ । ତେବେ ଆସନ୍ତୁ ସେହିଭଳି କିଛି ଚର୍ମ ସଂକ୍ରମଣ ସମ୍ପର୍କରେ ଜାଣିବା ।



**ହର୍ପିସ ଜୋଷ୍ଟର–** ଏହା ସାଧାରଣତଃ ମୁହଁ, ଛାତି, ପିଠି ଆଦିରେ ଦେଖିବାକୁ ମିଳିଥାଏ । ଏହି ସମସ୍ୟା ହେଲେ ଶରୀରରେ ଛୋଟଛୋଟ ଫୋଟକା ଭଳି ହୋଇଯାଇଥାଏ । ଏହାର ରଙ୍ଗ ଲାଲ ହେବା ସହ କୁଣ୍ଡାଇ ହୋଇଥାଏ । ଏପରି ହେଲେ ଡାକ୍ତରଙ୍କୁ ପରାମର୍ଶ କରି ଔଷଧ ସେବନ କରନ୍ତୁ ।

**ଫଙ୍ଗାଲ ସଂକ୍ରମଣ–** ଏହା ହେଲେ କୁଣ୍ଡାଇହେବା ସହିତ ଚେକା ଚେକା ହୋଇ ଫଳିଯାଏ । ଏହାସହିତ ଦୁର୍ଗନ୍ଧ ମଧ୍ୟ ହୋଇଥାଏ । ଏପରି ଯଦି ହୋଇଛି ତେବେ ତୁରନ୍ତୁ ଡାକ୍ତରଙ୍କ ପରାମର୍ଶ କରନ୍ତୁ ।

**ସିମ୍ପଲେକ୍ସ ଭାଇରସ–** ଏହା ବିଶେଷଭାବେ ଓଠ, ମୁହଁରେ ଦେଖିବାକୁ ମିଳିଥାଏ । ଏହାମଧ୍ୟ ସେଇ କୁଣ୍ଡାଇ ହେବାରୁ ଆରମ୍ଭ ହୋଇଥାଏ । ଏହାସହ ଏହି ସ୍ଥାନ ପୋଡିଥାଏ ମଧ୍ୟ । ଏଗୁଡ଼ିକ ବେଶ କଷ୍ଟ ଦାୟକ ହୋଇଥାଏ । ତେଣୁ ଏହାହେବା କ୍ଷଣି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରନ୍ତୁ ।

**ବ୍ୟାକ୍ଟେରିଆଲ ସଂକ୍ରମଣ–** ଏହି ସଂକ୍ରମଣ ହେଲେ ସାଧାରଣତଃ କୁଣ୍ଡାଇ ହୋଇ ଫଳିଯାଇଥାଏ । ଏହାସହ ସମ୍ପୃକ୍ତ ସ୍ଥାନ ଫୁଲିବା ଓ ଲାଲ ରଙ୍ଗର ପ୍ୟାଚ ମଧ୍ୟ ପଡିଯାଇଥାଏ । କେତେକ କ୍ଷେତ୍ରରେ ପୂଜ ହେବାର ଡର ମଧ୍ୟ ରହିଥାଏ । ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରନ୍ତୁ ।

## ସୋସିଆଲ କୋଟ୍ସ



"ସନାତନ ଧର୍ମକୁ ନିଚା ଦେଖାଇବାର ଧୃଷ୍ଟତା ଗ୍ରହଣୀୟ ନୁହେଁ । ଏଥିପାଇଁ ଆମେ କ୍ଷମାପାର୍ଥନା କରିସାରିଛୁ । ଏହା ପରେ ମଧ୍ୟ ଆମ ପ୍ରତି ଆକ୍ରୋଶ ଠିକ୍ ନୁହେଁ ।

–ଦିଶା ପଟାନୀ, ବଲିଉଡ୍ ଅଭିନେତ୍ରୀ



"ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନୀ କଳାକାରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଆଶା ନ ଥିଲା 'ଅବିର ଗୁଲାଲ' ରିଲିଜ୍ ହେବ । ଏବେ ମୁଁ ବହୁତ ଖୁସି ।

–ଫବାଦ ଖାନ୍, ଇଣ୍ଡୋ–ପାକ୍ ସିନେ



"ସାଇ ପଲ୍ଲବୀଙ୍କ ସହ ସ୍କ୍ରିନ୍ ସେୟାର କରିବା କଷ୍ଟକର ବୋଲି ଭାବୁଥିଲି । ହେଲେ 'ମେରେ ହିରୋ'ରେ କାମ କରିବା ପରେ ମୋ ଭ୍ରମ ଦୂର ହୋଇଛି ।

–ଜୁନେଦ ଖାନ୍, ବଲିଉଡ୍ ଅଭିନେତା ଅମୀର ଖାନ୍‌ଙ୍କ ପୁଅ

# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁଡଲ୍ସ

ଆଜିକାଲି ଲୋକଙ୍କ ପାଖରେ କୌଣସି କାମ ପାଇଁ ଅଧିକ ସମୟ ନାହିଁ । ସବୁ ଜିନିଷ ତୁରନ୍ତ କିମ୍ବା କମ ସମୟ ଭିତରେ କରିବାକୁ ସମସ୍ତଙ୍କର ଇଚ୍ଛା । ଏହାର ପ୍ରଭାବ ବିଶେଷଭାବେ ଖାଦ୍ୟରେ ଦେଖିବାକୁ ମିଳିଛି । ତେଣୁ ଲୋକଙ୍କ ଭିତରେ ଇନ୍‌ଷ୍ଟାଣ୍ଟ ଖାଦ୍ୟ ସାମଗ୍ରୀକୁ ନେଇ ଉତ୍ସାହ ବେଶି ଦେଖିବାକୁ ମିଳୁଛି । ଯେଉଁଥିରେ ସବୁଠାରୁ ଆଗରେ ରହିଛି ଇନ୍‌ଷ୍ଟାଣ୍ଟ ନୁଡଲ୍‌ସ । ସେହିଭଳି ସୂଚନା ଅନୁସାରେ ଇନ୍‌ଷ୍ଟାଣ୍ଟ ନୁଡଲ୍ସ ଖାଇବାରେ ଭାରତ ସାରା ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି । ଭାରତୀୟମାନେ ଖୁବ ଅଧିକ ମାତ୍ରାରେ ନୁଡଲ୍ସ ଖାଉଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତା ପ୍ରକାଶ ପାଇଛି । କାରଣ ଏହି ନୁଡଲ୍ସ ଆମ ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ । ଇନ୍‌ଷ୍ଟାଣ୍ଟ ନୁଡଲ୍ସରେ ସାଚୁରେଟେଡ୍ ଫ୍ୟାଟ୍ ବହୁତ ଅଧିକ ରହିଥାଏ । ଏଥିରେ ଅନେକ ଏଭଳି ସାମଗ୍ରୀ ରହିଥାଏ ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଖରାପ । ଏହା କେବଳ ନୁଡଲ୍ସର ସ୍ୱାଦ ବଢାଇବା ପାଇଁ ସାହାଯ୍ୟ କରିଥାଏ ହେଲେ ଶରୀର ପାଇଁ କ୍ଷତିକାରକ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଆମର ପାଚନତନ୍ତ୍ରରେ ସମସ୍ୟା ଦେଖିବାକୁ ମିଳିଥାଏ । ଏଥିରେ ସାଚୁରେଟେଡ୍ ଫ୍ୟାଟ୍, ସୋଡିଅମ, ମଇଦା, କୃତ୍ରିମ ଫ୍ଲେଭର ଆଦି ସାମିଲ ରହିଥାଏ, ଯାହା କ୍ଷତିକାରକ ହୋଇଥାଏ ।



# ଝରଣା ସହର ହେମିଲଟନ୍



ଉତ୍ତର ଆମେରିକାରେ ଥିବା ନିଏଗ୍ରା ଫଲ୍ସ ହେଉଛି ସର୍ବାଧିକ ଦେଖାଯାଇଥିବା ଝରଣା । ହେଲେ ଏମିତି ଏକ ସ୍ଥାନ ଅଛି, ଯାହାକୁ ବିଶ୍ୱର ଝରଣା ରାଜଧାନୀ ବୋଲି କୁହାଯାଇଥାଏ । ଏଠାରେ ଏତେ ସଂଖ୍ୟକ ଝରଣା ଅଛି ଯେ ଆପଣ ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ହୋଇଯିବେ । କାନାଡାର ହେମିଲଟନ୍ ନାମକ ଏହି ସହର ହେଉଛି ଝରଣାଗୁଡ଼ିକର ରାଜଧାନୀ । ଏହି ସହରର ପ୍ରାକୃତିକ ସୁନ୍ଦରତା କାରଣରୁ ପ୍ରତିବର୍ଷ ବୃହତ୍ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସିଥାଆନ୍ତି । ରିପୋର୍ଟ ମୁତାବକ, ହେମିଲଟନ୍ ସହରର ସବୁଠୁ ଲୋକପ୍ରିୟ ପ୍ରାକୃତିକ ବିଶେଷତା ହେଉଛି ଏହାର ଝରଣା । କାହିଁକି ନା ଏଠାରେ ୧୦୦ରୁ ଅଧିକ ଝରଣା ରହିଛି । ତେବେ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ଏଠାରେ ଥିବା ଏକ ପାହାଡ଼ ଉପରୁ ଝରଣାଟିଏ ସହର ଦେଇ ବୋହିଯାଏ । ଯାହା ସହରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ତେବେ ପାହାଡ଼ ଉପରୁ ଏହି ଝରଣାଟି ବୋହିବା ପରେ ଏହାର ଜଳରାଶି ଏକାଧିକ ଛୋଟ ଛୋଟ କୃତ୍ରିମ ଝରଣାର ସନ୍ଦେହ ସୃଷ୍ଟି କରିଥାଏ । ହେଲେ ହେମିଲଟନ୍‌ରେ କେତେ ଝରଣା ଅଛି, ତାହା ଏଯାବତ୍ କେହି ବି ସଠିକ୍ ରୂପେ ଗଣନା କରିନାହାନ୍ତି । ଏଠାକାର ନିବାସୀ କ୍ରିସ୍ ଏକ୍ଲଣ୍ଡ୍ ସହରରେ ଥିବା ଝରଣାକୁ ନେଇ ଷ୍ଟଡି କରି ସେସବୁକୁ ତାଙ୍କ ୱେବସାଇଟ୍‌ରେ ଉଲ୍ଲେଖ କରିଥିଲେ । ପ୍ରାୟ ୧୩୦ଟି ଝରଣାର ନାଁ ତାଙ୍କ ୱେବସାଇଟ୍‌ରେ ଉଲ୍ଲେଖ ରହିଥିବାବେଳେ ଏଠାରେ ପ୍ରାୟ ୧୫୦ଟି ଝରଣା ଅଛି ବୋଲି ଅନ୍ୟମାନେ କୁହନ୍ତି ।

୧୮୩୩– ୱିଲିଅମ୍ ବେଣ୍ଟିକ୍ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ୍ ହେଲେ ।
୧୯୦୧– ଆମେରିକାର ରାଷ୍ଟ୍ରପତି ୱିଲିଅମ୍ ମାକେନ୍‌ଜିଙ୍କୁ ଗୁଳିକରି ହତ୍ୟା ।
୧୯୨୩– ପୂର୍ବତନ କେନ୍ଦ୍ର ଆଇନ ମନ୍ତ୍ରୀ ରାମ ଜେଠମାଲାନୀଙ୍କ ଜନ୍ମ ।
୧୯୩୨– ପ୍ରସିଦ୍ଧ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ କ୍ରାନ୍ତିକାରୀ ଦୁର୍ଗା ଭାଭିଙ୍କ ଜନ୍ମ ।
୧୯୬୦– ଅର୍ଗାନାଇଜେସନ୍ ଅଫ୍ ଦି ପେଟ୍ରୋଲିଅମ୍ ଏକ୍ସପୋର୍ଟିଙ୍ଗ୍ କଣ୍ଟ୍ରିଜ୍ ବା ଓପେକ୍‌ର ସ୍ଥାପନା ।
୧୯୭୧– ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରସିଦ୍ଧ ବଙ୍ଗଳା ସାହିତ୍ୟିକ ତାରାଶଙ୍କର ବନ୍ଦୋପାଧ୍ୟାୟଙ୍କ ଦେହାନ୍ତ ।
୧୯୮୮– ଜେନେରାଲ୍ ଇଲେକ୍ଟ୍ରୋନିକ୍‌କୁ ପଛରେ ପକାଇ ବିଶ୍ୱର ସବୁଠୁ ବଡ କମ୍ପାନୀ ହେବାର ଗୌରବ ଅର୍ଜନ କଲା ମାଇକ୍ରୋସଫ୍ଟ ।
୨୦୦୦– ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଆମେରିକୀୟ ସିନେଟ୍‌ର ଦୁଇ ସଦନର ମିଳିତ ବୈଠକକୁ ସମ୍ବୋଧନ କଲେ ।
୨୦୦୧– ଓସାମା ବିନ୍ ଲାଡେନଙ୍କୁ ଧରିବା ପାଇଁ ଆମେରିକାରେ ୪୦ ବିଲିୟନ୍ ଡଲାର ମଞ୍ଜୁର କରାଗଲା ।

# ଧନିଆ ଚିଙ୍ଗୁଡି




**ସାମଗ୍ରୀ–** ୮ରୁ ୧୨ଟି ଚିଙ୍ଗୁଡି, ଗୋଟିଏ ଲେମ୍ବୁ ରସ, ଧନିଆ ପତ୍ର ୨ ବିଡା, ରସୁଣ, ଅଦା, ଗୋଲମରିଚ ଗୁଣ୍ଡ, ଅଧା ଚାମଚ କର୍ଣ୍ଣଫ୍ଲୋର ।

**ପ୍ରଣାଳୀ–** ପ୍ରଥମେ ରସୁଣ, ଅଦା, ଧନିଆ ପତ୍ର, ଲେମ୍ବୁ ରସ ଓ ଅଳ୍ପ ତେଲ ମିଶାଇ ବାଟି ନିଅନ୍ତୁ । ଚିଙ୍ଗୁଡିକୁ ଗୋଟିଏ ପାତ୍ରରେ ନେଇ ଏଥିରେ ଲୁଣ, ଗୋଲମରିଚ ଗୁଣ୍ଡ ଏବଂ ବଟାଯାଇଥିବା ମିଶ୍ରଣକୁ ଗୋଳାଇ ଦିଅନ୍ତୁ । ଏହାକୁ ଭଲ କରି ଗୋଳାଇ ପାଖାପାଖି ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଦିଅନ୍ତୁ । ଏହାପରେ ତେଲ ଗରମ କରି ଏଥିରେ ଚିଙ୍ଗୁଡିକୁ ପକାନ୍ତୁ, ଏହାକୁ ୨ ମିନିଟ୍ ଯାଏଁ ଭାଜନ୍ତୁ । ଏହାପରେ କର୍ଣ୍ଣଫ୍ଲୋରକୁ ପାଣିରେ ମିଶାଇ ଏଥିରେ କଟା ଧନିଆ ପତ୍ର ପକାଇ ପ୍ୟାନରେ ଢାଳନ୍ତୁ । ଅଳ୍ପ ସମୟରେ ପରେ ଏହି ମିଶ୍ରଣ ଧୀରେଧୀରେ ଗାଢା ହେବା ଆରମ୍ଭ କରିବ । ଗାଢା ହୋଇଗଲେ ଏଥିରେ ଗୋଲମରିଚ ଗୁଣ୍ଡ ପକାଇ ଓହ୍ଲାଇ ଦିଅନ୍ତୁ ।

# ଘରକୁ ରଖନ୍ତୁ କୀଟପତଙ୍ଗମୁକ୍ତ

ଘରେ ଅନେକ ସମୟରେ କୀଟପତଙ୍ଗ ହୋଇଯାଆନ୍ତି ଯାହା ଘରର ବିଭିନ୍ନ ଆସବାବ ପତ୍ରକୁ ନଷ୍ଟ କରିବାର ଭୟ ରହିଥାଏ । ଏହି କୀଟପତଙ୍ଗକୁ ଦୂରରେ ରଖିବାକୁ ଅନେକ ପ୍ରକାରର ଚେଷ୍ଟା ସବୁବେଳେ ସମସ୍ତେ କରିଥାଆନ୍ତି । ତେବେ କେବଳ କୌଣସି କେମିକାଲ ଔଷଧ ନୁହେଁ ବରଂ କିଛି ଘରୋଇ ଟିପ୍ସ ସାହାଯ୍ୟରେ ମଧ୍ୟ ଆମେ ଏହି କୀଟମାନଙ୍କୁ ଘର ଭିତରୁ ଦୂରେଇ ପାରିବା ।



- ଘରେ ଥିବା ସମସ୍ତ ଝରକା ଓ କବାଟକୁ ସିଲ୍ କରିନିଅନ୍ତୁ, ଯେପରି ଏହି ପୋକମାନ ରହିପାରିବେ ନାହିଁ ।
- ଝରକା କବାଟରେ ମଶା ରୋକିବା ପାଇଁ ବ୍ୟବହାର ହେଉଥିବା ଜାଲିକୁ ଲଗାଇ ଦିଅନ୍ତୁ । ଏହି ଜାଲି ଲାଗିବା ଫଳରେ କୀଟ ପତଙ୍ଗମାନେ ଭିତରକୁ ଆସିପାରିବେ ନାହିଁ ।
- ଘରର ଆଖପାଖ, ଛାତ, ବାଲକୋନି ଆଦି ସ୍ଥାନକୁ ସଫା ରଖନ୍ତୁ । ଏଠାରେ କୌଣସି ଆବର୍ଜନା କିମ୍ବା ପାଣି ଯମିବାକୁ ଦିଅନ୍ତୁ ନାହିଁ ।
- ଘରେ କୌଣସି ଗାତ ରଖନ୍ତୁ ନାହିଁ, ଏହାକୁ ମୁଜି ଦିଅନ୍ତୁ । କିମ୍ବା କାନ୍ଥରେ ଫାଟ ଥିଲେ ମଧ୍ୟ ଏହାକୁ ନିବୁଜ କରନ୍ତୁ । ଏହି ସବୁ ଫାଟରେ କୀଟପତଙ୍ଗ ରହିବାର ଭୟ ଥାଏ ।
- ଘର ପାଖରେ ପାଣି ଯମିବାକୁ ଦିଅନ୍ତୁ ନାହିଁ । ଏଥିରେ କୀଟ ପତଙ୍ଗ କିମ୍ବା ପୋକଯୋକ ହେବାର ଭୟ ରହିଥାଏ । ତେଣୁ ଏଗୁଡିକୁ ସଫା ରଖନ୍ତୁ ।
- ଘରେ ରଖୁଥିବା ପ୍ରତିଦିନର ଅଳିଆକୁ ଖୋଲା ରଖନ୍ତ ନାହିଁ ଏଗୁଡିକ ଖୋଲା ରଖିବା ଦ୍ୱାରା ଏଥିରେ ପୋକ ହେବାର ସମ୍ଭାବନା ସବୁଠାରୁ ଅଧିକ ଥାଏ ।
- ସବୁଦିନ ଘରର ଡଷ୍ଟବିନ୍ ଫୋପାଡନ୍ତୁ । ଏହାକୁ ଯମା କରି ଘରେ ରଖନ୍ତୁ ନାହିଁ । ଘର ଅପରିଷ୍କାର ହେବାର ସମ୍ଭାବନା ବଢିଥାଏ ।

# ଅଭିନୟବିମୁଖ ଥିଲେ ପରୀ



ବଲିଉଡ୍‌ର ବ୍ୟୁଟି କୁଇନ ପରିଣୀତି ଚୋପ୍ରା ଏକଦା ଅଭିନୟ ପ୍ରତି ବିମୁଖ ଥିବା ନିକଟରେ ଏକ ସାକ୍ଷାତକାରରେ କହିଛନ୍ତି । ପାଠ ପଢ଼ିବା ବେଳେ ଭଉଣୀ ପ୍ରିୟଙ୍କା ଚୋପ୍ରା ସିନେ ଦୁନିଆରେ ପାଦ ଥାପି ଷ୍ଟାର୍‌କାଷ୍ଟ ହାତେଇ ସାରିଥିଲେ ହେଁ ପରୀଙ୍କ ମନରେ କିନ୍ତୁ ଅଭିନେତ୍ରୀ ହେବାର ରୁଚି ଜାଗ୍ରତ ହୋଇ ନ ଥିଲା । ମାତ୍ର ୨୦୧୧ରେ ମୁକ୍ତିଲାଭ କରିଥିବା ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ହିନ୍ଦୀ ଫିଲ୍ମ 'ସାତ୍ ଖୁନ୍ ମାଫ୍'ରେ ଭଉଣୀ ପ୍ରିୟଙ୍କା ଚୋପ୍ରାଙ୍କ ଅଭନୟ ଦେଖିବା ପରେ ତାଙ୍କ ମନରେ ସିନେମା ପ୍ରତି ରୁଚି ବଢ଼ିଥିଲା । ସିନେମାର ପ୍ରିୟଙ୍କାଙ୍କ ଚରିତ୍ର ତାଙ୍କୁ ଏତେଦୂର ପ୍ରଭାବିତ କରିଥିଲା ଯେ ପରବର୍ତ୍ତୀ ସମୟରେ ସେ ନିଶ୍ଚୟ ଅଭିନେତ୍ରୀ ହେବେ ବୋଲି ସ୍ଥିର କରିଥିଲେ । ଏଥିପୂର୍ବରୁ ପରିଣୀତି ବଲିଉଡ୍‌ର ପ୍ରସିଦ୍ଧ ବ୍ୟାନର ଯଶରାଜ ଫିଲ୍ମସରେ ପିଆର୍‌ଓ ଭାବ କାମ କରିଥିବାରୁ ସିନେମାରେ ଏଣ୍ଟ୍ରି ତାଙ୍କୁ ସୁବିଧାଜନକ ହୋଇଥିଲା । ସଂଯୋଗକୁ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଓ ଯଶରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ଫିଲ୍ମ 'ଲେଡିଜ ଭର୍ସେସ ରିକି ବହଲ'ରେ ହିଁ ପରୀଙ୍କୁ ଡେବ୍ୟୁ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଏପରିକି ନିଜର ପ୍ରଥମ ସିନେମା ପାଇଁ ପରିଣୀତିଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମଧ୍ୟ ମିଳିଥିଲା । ଏହାପରେ 'ଇଶକଜାଦେ' ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସ୍ପେଶାଲ ଜୁରୀ ଆୱାର୍ଡରେ ସମ୍ମାନିତ କରାଯାଇଥିଲା । ପରେ ପରେ ପରୀ 'ହସି ତୋ ଫସି', 'ମେରି ପ୍ୟାରୀ ବିନ୍ଦୁ', 'ଦାୱତ୍–ଇ–ଇସ୍କ', 'ସୁଦ୍ଧ ଦେଶୀ ରୋମାନ୍ସ' ଓ 'ଗୋଲ୍‌ମାଲ୍ ଏଗେନ୍' ଭଳି ଅନେକ ସିନେମାରେ ଦମ୍‌ଦାର ଅଭିନୟ କରି ନିଜକୁ ଦକ୍ଷ ଅଭିନେତ୍ରୀ ଭାବେ ପ୍ରତିପାଦିତ କରିପାରିଥିଲେ । ୨୦୨୩ରେ ରାଜନେତା ରାଘବ ଚଡ୍ଢାଙ୍କୁ ବିବାହ କରିବା ପରେ ୩୬ ବର୍ଷୀୟ ପରୀ ଏବେ ସିନେଦୁନିଆରୁ ସାମୟିକ ଅବ୍ୟାହତି ନେଇ ଫ୍ୟାମିଲି ଲାଇଫ୍ ଏଞ୍ଜୟ କରୁଛନ୍ତି ।



ଗୋନାଷିକା ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୂଜାର୍ଚ୍ଚନା





କେନ୍ଦୁଝରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ରାଜ୍ୟ ଗୃହିଣୀ ସମାଜ ସମ୍ପାଦିକା ଇନ୍ଦିରା ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ଗୃହିଣୀ ସମାଜ ସମ୍ପାଦିକା ତଥା ବିଶିଷ୍ଟ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଧର୍ମପତ୍ନୀ ଇନ୍ଦିରା ପଟ୍ଟନାୟକଙ୍କ ଶନିବାର ସକାଳ ୭ ଘଟିକା ସମୟରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ୧୦ ଦିନ ହେବ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ପୂର୍ବତନ ମନ୍ତ୍ରୀ, ସଞ୍ଜୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସମୀର ରାଉତ, ମଣ୍ଟୁ ସିଂ, ରବୀନ୍ଦ୍ର ବିଶ୍ୱାଳ, ରୁଦ୍ର ସାମନ୍ତରାୟ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ, କର୍ପୋରେଟର ଆସିଆ ବେଗମ, କଟକ ମେୟର ସୁବାସ ସିଂ, ତନ୍ମୟ ସ୍ୱାଇଁ, ଆଶିଷ କାନୁନଗୋ, ଜୟନ୍ତ ଦାସ, ବସନ୍ତ ପାଇକରାୟ, ବିଶିଷ୍ଟ ଶିକ୍ଷାବିତ କ୍ଷୀରୋଦ ପ୍ରସାଦ ମହାନ୍ତି, ଶ୍ରମିକ ନେତା ନବ କିଶୋର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପିସିସି ଗଣମାଧ୍ୟମର ମୁଖ୍ୟ ସମ୍ପାଦକ ଅରବିନ୍ଦ ଦାସ, ପ୍ରମେୟ ସମ୍ପାଦକ ଗୋପାଳ ମହାପାତ୍ର, ସିନେ ସମୀକ୍ଷକ ଦିଲ୍ଲିପ ହାଲି, ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ପ୍ରଭୁ କଲ୍ୟାଣ ମହାପାତ୍ର, ଏସ୍. ରାଜୀବ ଗୌରବ, ବିବେକାନନ୍ଦ ଜେନା, 'ଉନ୍ନତିପଥେ'ର ପ୍ରଦ୍ୟୁମ୍ନ କୁମାର ମହାନ୍ତି, ହିମାଂଶୁ ଖଟୁଆ, ମାଧବାନନ୍ଦ ବେହୁରା, ଶ୍ରୀଧର ମାର୍ଥା, ପ୍ରଶାସକ ଲୁଲୁ ସାମନ୍ତ, ଦୁର୍ଗା ସାମନ୍ତରାୟ, ସୁର ଜେନା, ଗାନ୍ଧିବାଦୀ ଚିନ୍ତକ ପ୍ରହ୍ଲାଦ ସିଂହ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୀତା ପଟ୍ଟନାୟକ, ସାଗର ମଲ୍ଲିକ, ମଞ୍ଜରୀଦେବୀ ନର୍ସିଂ କଲେଜର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଲେଖିକା ଝରଣା ପଟ୍ଟନାୟକ, ପ୍ରୀତିଛନ୍ଦା ଧଳ, ସ୍ୱାଧୀକାର ସମ୍ପାଦକ ଅକ୍ଷୟ କୁମାର ପତି, ଦେବୀ ପଟ୍ଟନାୟକ, କେ. ରବି ପ୍ରମୁଖ ବହୁ ବିଶିଷ୍ଟ



ରାଜନେତା, ସମାଜସେବୀ, ସାମ୍ବାଦିକ ଓ ଆତ୍ମୀୟ ସ୍ୱଜନମାନେ ତାଙ୍କ ୟୁନିଟ୍-୩ସ୍ଥିତ ବାସଭବନରେ ସ୍ୱର୍ଗତା ପଟ୍ଟନାୟକଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତା ପଟ୍ଟନାୟକଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କର ପୁତ୍ର ପରାଗ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ ଏବଂ ବୋହୁ ସଂସ୍କୃତି ଅନୁରାଗିଣୀ ଉପସ୍ଥିତ ଥିଲେ । ଶ୍ରୀମତୀ ପଟ୍ଟନାୟକଙ୍କ ପରଲୋକରେ ସରଳା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସଂପାଦକ ଗୁରୁ କଲ୍ୟାଣ ମହାପାତ୍ର, ସମୟର ସଂପାଦକ ପପୁ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ସାଧାରଣ ସଂପାଦକ ବେଣୁଧର ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଅଜନ୍ତା କଳା ମିଶ୍ର ପାଇଲେ ଗୁରୁଶିକ୍ଷା ସମ୍ମାନ

କଟକ ,(ସବ୍ୟୁ): ଶାରଳା ଭବନଠାରେ ଡମ୍ବରୁଧର ମହାନ୍ତି



ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ବାପା ମହୋତ୍ସବରେ କଟକ ଓ ଭୁବନେଶ୍ୱର ସେ ଜାଭିୟସ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଗୁରୁଶିକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିରେ ଅଜନ୍ତା କଳା ମିଶ୍ରଙ୍କୁ ବେଷ୍ଟ ମେଣ୍ଟର ଭାବରେ ଗୁରୁଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ତୃଷ୍ଣା ତୃପ୍ତିକା ମହାନ୍ତି, ସୁଶ୍ରୀ ଶିବାନୀ ମହାପାତ୍ର, ସରିତ୍ ସପନ ଜେନା, ସୋନାଲିସା ସ୍ୱାଇଁ, ସୁନିତା ସେଜପାଡା, ଶୁଭଶ୍ରୀ ବେହେରାଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା ଓ ଇଂ ପ୍ରଭାକର ସ୍ୱାଇଁ ଯୋଗଦେଇ ସେମାନଙ୍କୁ ଉପଢ୍ୌକନ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ନିର୍ଦ୍ଦେଶକ ଡଃ ପ୍ରଭୁ ଚରଣ ମହାନ୍ତି, ଶ୍ରୀମତୀ ସ୍ନିଗ୍ଧା ମହାନ୍ତି, ଇଂ ସମ୍ୟକ ମହାନ୍ତି, ସାମର୍ଥ ମହାନ୍ତି, ଆୟେଶା ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ । ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଏକ୍ ପେଡ୍ ମା' କେ ନାମ୍ ୨.୦ ଅଭିଯାନ

ଭୁବନେଶ୍ୱର,(ସବ୍ୟୁ) : ଦୁନିଆର ସବୁଠୁ ବଡ଼ ଆଶୀର୍ବାଦ ହେଉଛି ମା' । ନିଜ ଜନ୍ମଦାତ୍ରୀ ମା' ଭଳି ଧରିତ୍ରୀ ମଧ୍ୟ ଆମର ଆଉ ଏକ ମା' । ନିଜ ମା' ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ "ଏକ୍ ପେଡ୍ ମା' କେ ନାମ୍', ବା "ମା ପାଇଁ ଗଛଟିଏ' ଅଭିଯାନ ଆରମ୍ଭ କରିଛନ୍ତି । ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଚଳିତ ବର୍ଷ



ରାଜ୍ୟବ୍ୟାପୀ ମୋଟ ୭.୫ କୋଟି ଗଛ ଲଗାଇବାକୁ ଆମେ ଲକ୍ଷ୍ୟ ରଖିଛୁ । ଗତ ଜୁନ୍ ୫ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସେପେଟମ୍ବର ୩୦ରେ ସମାପ୍ତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ୭୫ତମ ଜନ୍ମଦିନ ଚଳିତମାସ ୧୭ ତାରିଖରେ ପଡୁଛି । ଏକ ସଶକ୍ତ ଓ ବିକଶିତ ଭାରତ ଗଠନରେ ମୋଦୀଜୀଙ୍କ ନେତୃତ୍ୱ ଆଜି ସାରା ବିଶ୍ୱରେ ପ୍ରଶଂସା ଅର୍ଜନ କରିଛି । ଓଡିଶାର ବିକାଶ ପ୍ରତି ଶ୍ରୀ ମୋଦୀଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି ।

ଓଡିଶାର ବିକାଶ ପ୍ରତି ତାଙ୍କର ନିଷ୍ଠାକୁ ସମ୍ମାନ ଦେଇ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଚାରାରୋପଣ କରାଯିବ । ଏହା ହେବ ମୋଦୀଜୀଙ୍କ ପ୍ରତି ଓଡିଶାବାସୀଙ୍କ ଏକ ସଶ୍ରଦ୍ଧ ଉପହାର । ତେଣୁ ବୃକ୍ଷରୋପଣ ଭଳି ମହତ କାମରେ ସମସ୍ତ ଜନସାଧାରଣ, ଛାତ୍ରଛାତ୍ରୀ, ଯୁବପିଢ଼ି, ଏସ୍ଏଚ୍‌ଜି ସଦସ୍ୟା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଡ଼ି ହୋଇ ଏହାକୁ ସଫଳ କରିବା ପାଇଁ ବିଶେଷ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅଭିଯାନରେ ସମସ୍ତେ ସାମିଲ ହେବା ଆମ ଜନ୍ମଦାତ୍ରୀ ମା' ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ଧରିତ୍ରୀ ମା'ର ସୁରକ୍ଷା ଲାଗି ଗଛଟିଏ ନିଶ୍ଚୟ ଲଗାଇବା । ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଓ ସୁନ୍ଦର ପୃଥିବୀ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି ।

## ଅଭିଜିତଙ୍କ ଅବସ୍ଥା ଗୁରୁତର

ଭୁବନେଶ୍ୱର, (ସବ୍ୟୁ) : ଓଲିଉଡ୍ ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ଅବସ୍ଥା ଗୁରୁତର ରହିଛି । ଏମ୍ସର ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଗଠିତ ଟିମ୍ ଚିକିତ୍ସା କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାରେ ସେଭଳି କିଛି ଉନ୍ନତି ପରିଲକ୍ଷିତ ହୋଇ ନାହିଁ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି । ତାଙ୍କୁ ଭେଟିବାକୁ ଯାଉଥିବା ଓଲିଉଡ୍ କଳାକାରଙ୍କ କହିବା ଅନୁଯାୟୀ ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ଉନ୍ନତି ହୋଇଛି । କାରଣ ସେ ଆଇସିୟୁ ଭେଣ୍ଟିଲେଟରରେ ଥିଲେ ମଧ୍ୟ ଟିକେ ଟିକେ ଖାଦ୍ୟ ଖାଇଲେଣି । ଡାକ୍ତରୀ ଟିମ୍ ତାଙ୍କ ଶରୀରର ବିଭିନ୍ନ ଲକ୍ଷଣକୁ ନଜର କରି ଚିକିତ୍ସା ଜାରି ରଖିଛନ୍ତି । କାରଣ ସେ ବିଭିନ୍ନ ସମସ୍ୟାରେ ପୀଡ଼ିତ ଥିବାରୁ ଚିକିତ୍ସା ପାଇଁ କିଛିଦିନ ହେବ ଏମ୍ସରେ ଭର୍ତ୍ତି ହୋଇଛନ୍ତି । ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର ପାଇଁ ଯୋଜନା ହେଉଥିବାବେଳେ ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ହେବାରୁ ସ୍ଥାନାନ୍ତରକୁ ସ୍ଥଗିତ ରଖାଯାଇଛି ।

### କାର୍ଡିଓଲୋଜି ସୋସାଇଟି ଅଫ୍ ଇଣ୍ଡିଆ'ର ଓଡ଼ିଶା ଶାଖାର ବାର୍ଷିକ ସମ୍ମିଳନୀ

## ସୁଷମ ଖାଦ୍ୟ, ସୁସ୍ଥ ଜୀବନଶୈଳୀ ଦ୍ୱାରା ହୃଦରୋଗ ନିୟନ୍ତ୍ରଣ ହୋଇପାରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଦ୍ରୁତ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ସହ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁଁ ଓଡ଼ିଶା ସମେତ ଦେଶ ଓ ବିଶ୍ୱରେ ହୃଦରୋଗ ଭଳି ଜଟିଳ ରୋଗର ବୃଦ୍ଧି ହେଉଛି । ଏହାର ନିବାରଣ ପାଇଁ ଆମକୁ ବିଶେଷ ଭାବରେ ଯୁବପିଢି ସୁଷମ ଖାଦ୍ୟ ଗ୍ରହଣ କରିବା ସହ ସୁସ୍ଥ ଜୀବନଶୈଳୀକୁ ଆପଣାଇବା ଜରୁରି ବୋଲି ଶନିବାର ସମ୍ବଲପୁରରେ କାର୍ଡିଓଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆ(ସିଏସଆଇ)ର ଓଡ଼ିଶା ଶାଖାର ୩୦ତମ ବାର୍ଷିକ ସମ୍ମିଳନୀ-୨୦୨୫ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସିଏସଆଇ, ଓଡ଼ିଶା ଏବଂ ଆସୋସିଏସନ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ(ଏପିଆଇ), ସମ୍ବଲପୁରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦ୍ରୁତ ଜୀବନଶୈଳୀ, ଚାକିରି ଚାପ ଏବଂ ଅସ୍ଥିର ସାମାଜିକ ପରିବେଶ ଅନେକ ରୋଗ ସୃଷ୍ଟି କରୁଛି । ପୂର୍ବରୁ ଅଧିକ ସଂକ୍ରମିତ ରୋଗ ବ୍ୟାପୁଥିବା ବେଳେ ଏବେ ଅଣ-ସଂକ୍ରମିତ ରୋଗ କମ ବୟସର ଯୁବପିଢ଼ିଙ୍କ ଠାରେ




ଅଧିକ ଦେଖାଯାଇଛି । ହୃଦ୍‌ରୋଗ ବିଶ୍ୱ, ଭାରତ ଓ ଓଡ଼ିଶାରେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ହୋଇଥିବା ସତ୍ତ୍ୱେ, ସମୟୋଚିତ ଚିକିତ୍ସା, ପ୍ରତିରୋଧ ଓ ସଚେତନତା ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ସୁସ୍ଥ ଖାଦ୍ୟ ଗ୍ରହଣ କରିବା ସହ ପ୍ରତିଦିନ ବ୍ୟାୟାମ ଏବଂ ଯୋଗ କରିବା, ମୋବାଇଲର କମ ବ୍ୟବହାର କରିବା, ଚାପମୁକ୍ତ ହୋଇ କାମ କରିବା ସହ ବଦ ଅଭ୍ୟାସକୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ ।

ଶ୍ରୀ ପ୍ରଧାନ କହିଥିଲେ ସିବିଏସଇ ଏହାର ସମସ୍ତ ଅନୁବନ୍ଧିତ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରି ପିଲାମାନଙ୍କ ମଧ୍ୟରେ ବଢୁଥିବା ଟାଇପ- ୨ ମଧୁମେହ, ମେଦବହୁଳତା, ଦାନ୍ତ ସମସ୍ୟା ଏବଂ ଅନ୍ୟାନ୍ୟ ରୋଗର ସମାଧାନ କରିବା ପାଇଁ " ସୁଗାର ବୋର୍ଡ" ସ୍ଥାପନ କରିବାକୁ କହିଛି । ଦେଶରେ ସ୍ୱାସ୍ଥ୍ୟ ଏବଂ ଫିଟନେସକୁ ନେଇ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଜନଆନ୍ଦୋଳନର ରୂପ ନେଇଛି । ମିଲେଟକୁ ଶ୍ରୀଅନ୍ନର ପରିଚୟ ଦେଇ ଏହାକୁ ଖାଦ୍ୟ ପ୍ରକ୍ରିୟା ସାମିଲ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି । ନିଜ ଖାଦ୍ୟପେୟରେ ଛୋଟ ଛୋଟ ପରିବର୍ତ୍ତନ କରି ଆମେମାନେ ଆମର ଭବିଷ୍ୟତକୁ ସୁଦୃଢ଼, ସୁସ୍ଥ ତଥା ରୋଗମୁକ୍ତ କରିପାରିବା । ସମ୍ବଲପୁରକୁ ଏକ ସମୟ ଉପଯୋଗୀ ଆଧୁନିକ ସହର କରିବାର ଆବଶ୍ୟକତା ଥିବାବେଳେ ଅଞ୍ଚଳରେ ଚିକିତ୍ସାସେବାର ମାନକୁ ବଢାଇବା ଦିଗରେ ଯୋଜନା କରିବା ଉପରେ ସେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**କନ୍ୟା ସନ୍ତାନ ସୁରକ୍ଷା ମେଳା**

# ବାଲ୍ୟବିବାହ ସମାଜରୁ ହଟିବା ଆବଶ୍ୟକ : ମୁଖ୍ୟ ବିଚାରପତି

କଟକ,(ସବ୍ୟୁ): ଜାତୀୟ ସ୍ତରରେ ବାଲ୍ୟବିବାହ ୨୩% ରହିଥିଲାବେଳେ ଓଡ଼ିଶାରେ ଏହି ହାର୍ ୨୫% ରହିଛି । ଯାହାକି ଜାତୀୟ ସ୍ତରଠାରୁ ଓଡ଼ିଶାରେ ଏହି ହାର ଅଧିକ ରହିଛି । ଏଭଳି ବାଲ୍ୟବିବାହ ସମାଜରୁ ସମ୍ପୂର୍ଣ୍ଣ ଭାବେ ହଟିବା ଆବଶ୍ୟକ ବୋଲି ଆଜି ଜୁଡିସଆଲ ଏକାଡେମୀରେ କନ୍ୟା ସନ୍ତାନ ସୁରକ୍ଷା ଉପରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଆହ୍ୱାନ ଦେଇଛନ୍ତି । ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟି, ମହିଳା ଏବଂ ଶିଶୁ ବିକାଶ ବିଭାଗ ଓ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ କନ୍ୟା ଶିଶୁ ସୁରକ୍ଷା ଉପରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଜଷ୍ଟିସ୍ ଟଣ୍ଡନ ବାଳିକାଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ଓ ସମାଜରେ ଯେଉଁ ବାଲ୍ୟବିବାହ ଚାଲିଛି ତାହା ବଡ଼ ହୃଦୟ ବିଦାରକ ଘଟଣା ଓ ଯେଉଁ ସମୟରେ ଜଣେ ଝିଅ ଖେଳି ବୁଲିବା କଥା, ଯେଉଁ ସମୟରେ ଗୋଟେ ଝିଅ ଶିକ୍ଷା ଗ୍ରହଣ କରିବା କଥା ସେହି ସମୟରେ ଗୋଟେ ଝିଅ ବିବାହ କରିଯାଉଛି । ଏହା ଝିଅଟିର ଉଭୟ ମାନସିକ ଏବଂ ଶାରିରୀକ ଉପରେ କୁପ୍ରଭାବ ପକାଉଛି । ଏହାର ମୁଖ୍ୟ କାରଣ ହେଉଛି ଅର୍ଥନୈତିକ ଅସମାନତା । ଏହି ବାଲ୍ୟବିବାହ ପ୍ରଥା ସମାଜରୁ ସମ୍ପୂର୍ଣ୍ଣ ହଟାଯିବା ଆବଶ୍ୟକ ବୋଲି ଜଷ୍ଟିସ୍ ଟଣ୍ଡନ ଗୁରୁତ୍ୱାରୋପ କରିଥିଲେ । ଏହି ବାଲ୍ୟ ବିବାହ ରୋକିବା ଲାଗି ମାମଲା ରୁଜୁ ହେବାମାତ୍ରେ ପୁଲିସ୍ ପଦକ୍ଷେପ ନେବା ଆବଶ୍ୟକ । ବାଲ୍ୟ ବିବାହ ନିଷେଧ ଅଧିକାରୀମାନେ ମଧ୍ୟ ଏନେଇ ନିମ୍ନ ଅଦାଲତରେ ମାମଲା ରୁଜୁ କଲେ ଅଦାଲତ ଏଦିଗରେ ଆବଶ୍ୟକ ନିର୍ଦ୍ଦେଶ ଦେବା ଆବଶ୍ୟକ । ଏହାଦ୍ୱାରା ବାଲ୍ୟବିବାହ ଅନୁଷ୍ଠିତ ହେବା ପୂର୍ବରୁ ତାହାକୁ ରୋକାଯାଇ ପାରିବ । ବିଭିନ୍ନ ସିସିଆଇ(ଶିଶୁ ଯତ୍ନ ଅନୁଷ୍ଠାନ)ରେ ରହୁଥିବା ପୀଡ଼ିତାମାନଙ୍କ ମାନସିକ ଅବସ୍ଥା କିପରି ରହିଛି ତାହା ଜାଣିବାର ଆବଶ୍ୟକତା ରହିଛି । ଏଥିପାଇଁ ନିୟମିତ ବ୍ୟବଧାନରେ ବିଚାର ବିଭାଗୀୟ ଅଧିକାରୀମାନେ ସିସିଆଇକୁ ପରିଦର୍ଶନ କରିବା ଆବଶ୍ୟକ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ୍ ଟଣ୍ଡନ କହିଛନ୍ତି । ଓଡ଼ିଶା ହାଇକୋର୍ଟ କିଶୋର ନ୍ୟାୟ କମିଟିର ଅଧକ୍ଷା ଜଷ୍ଟିସ୍ ସାବିତ୍ରୀ ରଥ ସ୍ୱାଗତ ଭାଷଣ ଦେବାସହ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ଏବେବି ଝିଅମାନେ ସମାଜ ପାଇଁ ବୋଝ ବୋଲି ଅନେକ ବିଚାର କରନ୍ତି । ଝିଅମାନଙ୍କୁ ସବୁ ଦୃଷ୍ଟିରୁ ସୁରକ୍ଷା ଦେବାକୁ ପଡ଼ିବ । ଯେ ପର୍ଯ୍ୟନ୍ତ ଝିଅଟିଏ ସୁରକ୍ଷିତ ନୁହେଁ ସେ ପର୍ଯ୍ୟନ୍ତ ସମାଜ ମଧ୍ୟ ସୁରକ୍ଷିତ ନୁହେଁ ବୋଲି ଜଷ୍ଟିସ୍ ରଥ ପ୍ରକାଶ କରିଥିଲେ । ଏହି ଅବସରରେ ନ୍ୟୁଜଲେଟରର ମୁଖ୍ୟ ସମ୍ପାଦକ ତଥା ଓଡ଼ିଶା ହାଇକୋର୍ଟ ଜୁଭେନାଇଲ୍ ଜଷ୍ଟିସ୍ କମିଟିର ସଦସ୍ୟ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ନ୍ୟୁଜଲେଟରରେ ଶିଶୁ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ମହିଳା ଏବଂ ଶିଶୁବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓଡ଼ିଶାରେ ବାଲ୍ୟ ବିବାହ, ଅଧାରୁ ପାଠ ଛାଡ଼ିବା, ଶିଶୁ ଚାଲାଣ ଉପରେ ସୂଚନା ପ୍ରଦାନ କରିଥିଲେ । ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ଗ୍ରାମକୁ ଶତପ୍ରତିଶତ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି ବୋଲି ସେ ଏହିଅବସରରେ ପ୍ରକାଶ କରିଥିଲେ । ରାଜ୍ୟ ସରକାର ବାଳିକାଙ୍କ ଉନ୍ନତି ପାଇଁ ହାତକୁ ନେଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ । ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ୍ ହାନ୍‌ଲନ୍ ଜୁନିଅର କନ୍ୟା ସୁରକ୍ଷା ସଂକ୍ରାନ୍ତରେ ବକ୍ତବ୍ୟ ରଖିଥିଲେ । ନ୍ୟୁକ୍‌ଲେଟର ୨୦୨୫ ସ୍ମରଣିକାକୁ ଉନ୍ମୋଚନ କରଯାଇଥିଲା । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା ।

### ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

## ୧୦୮ ଆମ୍ବୁଲାନ୍ସ ଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ପ୍ରଥମ ପ୍ରତିକ୍ରିୟାକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ, ୧୦୮ ଆମ୍ବୁଲାନ୍ସ ଟିମ ଭୁବନେଶ୍ୱରର 'ବାୟୁସେନା ଚୟନ କେନ୍ଦ୍ର'ରେ ଏକ ଜରୁରୀକାଳୀନ ପ୍ରଥମ ପ୍ରତିକ୍ରିୟାକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଗ୍ରୁପ୍ କ୍ୟାପଟେନ୍ ସଞ୍ଜୟ ପଟ୍ଟନାୟକ ଓ ୧୦୮ ଆମ୍ବୁଲାନ୍ସ ସେବାର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ ଉପସ୍ଥିତ ଥିଲେ । ୨୦୧୩ ମାର୍ଚ୍ଚ ୫ରୁ ରାଜ୍ୟରେ ଆରମ୍ଭ ହୋଇଥିବା ୧୦୮ ଆମ୍ବୁଲାନ୍ସ, ଜରୁରୀକାଳୀନ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାବାସୀଙ୍କ ପ୍ରତି ଦେଇଆସୁଥିବା ଅବିରତ ସେବା ଓ ଏହାର କାର୍ଯ୍ୟକାରିତା ବିଷୟରେ ଅଲୋଚନା କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏମ୍ରୀ ଗ୍ରୀନ ହେଲଥ ସର୍ଭିସେସର ତାଲିମ ପ୍ରାପ୍ତ ପ୍ରଶିକ୍ଷକ ପ୍ରମିତ ପ୍ରିୟଦର୍ଶନ ପଣ୍ଡା ପରିଚାଳନା କରିଥିଲେ । ସେ ବାୟୁସେନା କର୍ମଚାରୀମାନଙ୍କୁ ହୃଦ୍‌ଘାତ, ମୂର୍ଚ୍ଛା ଯିବା, ନିଶ୍ୱାସ ନେବାରେ ଅସୁବିଧା, ରକ୍ତସ୍ରାବ ନିୟନ୍ତ୍ରଣ, ସ୍ଲିଣ୍ଟିଂ, ବ୍ୟାଣ୍ଡେଜ୍, କୀଟପତଙ୍ଗ କାମୁଡ଼ା, ପଶୁ ଆକ୍ରମଣ ଓ ସାପ କାମୁଡ଼ା ପରି ଜରୁରୀକାଳୀନ ପରିସ୍ଥିତିରେ କିପରି




ଜରୁରୀକାଳିନ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇପାରିବ, ତାହା ସମ୍ବନ୍ଧିତ ପ୍ରାୟୋଗିକ ପ୍ରଶିକ୍ଷଣ ସହିତ କାର୍ଯ୍ୟକ୍ରମ ।

# ୫ ଆନ୍ତଃରାଜ୍ୟ ଲୁଟେରା ଗିରଫ: ୬୦ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ଥାନା ପୋଲିସ ୫ ଆନ୍ତଃରାଜ୍ୟ ଝାଡ଼ଖଣ୍ଡି ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬୦ ଲୁଟ୍ ମୋବାଇଲ ଜବତ କରିଛି । ୫ ଜଣଙ୍କ ମଧ୍ୟରୁ ୨ ଜଣ ନାବାଳକ ଅଛନ୍ତି । ଏମାନେ ଲୁଟ୍‌ପାଟ୍ କରିବା ସହ ବିମାନରେ ଯାତାୟାତ କରି ହୋଟେଲରେ ରୁହନ୍ତି । ବେଳେବେଳେ ରେଳଷ୍ଟେସନ ଆଦି ଅଞ୍ଚଳରେ ରହିଥାନ୍ତି । କାରଣ ସେମାନଙ୍କ ନିକଟରୁ ବିମାନ ଟିକେଟ, ଲଜ୍ ଓ ହୋଟେଲ ବିଲ୍ ଜବତ ହୋଇଛି ।



୫ ଝାଡ଼ଖଣ୍ଡି ଲୁଟେରା ହେଲେ ଏମ୍‌ଡି ଜମାଲ ସେଖ (୨୫), ଶିବକୁମାର ମହାତୋ (୩୨), ଅମରନାଥ ମହାତୋ (୩୩) ଏମାନଙ୍କ ଘର ଝାଡ଼ଖଣ୍ଡର ସାହେବାଗଞ୍ଜ ଜିଲ୍ଲାର ଟିରନ୍‌ପହାର ଥାନା ଅଞ୍ଚଳରେ । ଦୁଇଜଣ ନାବାଳକ ହୋଇଥିବାରୁ ତାଙ୍କ ନାମ ପ୍ରକାଶ କରାଯାଉ ନାହିଁ । ଏମାନେ ଗହଳି ସ୍ଥାନ, ଟ୍ରେନ୍ ଓ ଭିଡ଼ ଥିବା ବସ୍ ପ୍ରଭୃତିରୁ ମୋବାଇଲ ଲୁଟ୍ କରନ୍ତି । ସ୍ଥିର ଭାବେ ନରହି ବିଭିନ୍ନ ରାଜ୍ୟର ବଡ଼ବଡ଼ ସହରକୁ ଯାଇ ଲୁଟ୍‌ପାଟ୍ କରନ୍ତି । ଏମାନଙ୍କୁ ରେଳ ଷ୍ଟେସନ ଅଞ୍ଚଳରୁ ଗିରଫ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମିନା କହିଛନ୍ତି । ଜବତ ମୋବାଇଲ ମଧ୍ୟରୁ କେତେକ ମୋବାଇଲ ଲୁଟ୍‌ର ଶିକାର ହୋଇଥିବା ଲୋକଙ୍କୁ ଫେରାଇ ଦିଆଯାଇଛି । ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । କ୍ୟାପିଟାଲ ଥାନାରେ ଲୁଟ୍‌ର ଶିକାର ହୋଇଥିବା ଜଣେ ବ୍ୟକ୍ତି ଗତ ୧୧ ତାରିଖ ଦିନ କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖୋଜଖବର କରି ଏହି ଗ୍ୟାଙ୍ଗର ସନ୍ଧାନ ପାଇଛି ।

### ଡକାୟତି ଯୋଜନା ପଣ୍ଡ; ୫ ଗିରଫ

# ବନ୍ଧୁକ, ବୋମା, ମାରଣାସ୍ତ୍ର ଜବତ

ଖୋର୍ଦ୍ଧା, (ସବ୍ୟୁ):ଡକାୟତି ପାଇଁ ଯୋଜନା କରୁଥିବାବେଳେ ଶିଳ୍ପାଂଚଳ ଥାନା ପୁଲିସ ଏକ ଡକାୟତି ଗ୍ୟାଙ୍ଗ ର ୫ଜଣଙ୍କୁ ପୁଲିସ ବେଣାପଞ୍ଜୁରୀ-ଗଡଖୋର୍ଦ୍ଧା ରୋଡ୍ ରେ ଥିବା ଗଡଚଣ୍ଡି ମନ୍ଦିର ନିକଟରୁ ଗିରଫ କରିଛି । ସେମାନଙ୍କ ଠାରୁ ପୁଲିସ ଗୋଟିଏ ବନ୍ଧୁକ, ୪ଟି ଦେଶୀବୋମା, ଖଣ୍ଡା, ଛୁରୀ, ଆରିପାତିଆ, ପ୍ଲାସ୍, ୨ଟି ହେଲମେଟ ଓ ୨ଟି ବାଇକ କୁ ଜବତ କରିଛି । ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତି ରେ କେତେକ ଯୁବକ ଗଡଚଣ୍ଡି ମନ୍ଦିର ନିକଟ ଏକ ପିଣ୍ଡି ରେ ବସି କିଛି ଯୋଜନା କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ।ସେମାନଙ୍କୁ ଧରିବା



ଲାଗି ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଏସ୍‌ଡିପିଓ ଅନୀଲ ମହାନ୍ତି ଓ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ତତ୍ୱବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ବିଳମ୍ବିତ ରାତିରେ ଚଢଉ କରି ଘଟଣାସ୍ଥଳରୁ ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡା ସିଜୁଆ ର ଅନୀଲ ପ୍ରଧାନ (୩୦) ଓ ସୁନୀଲ ପ୍ରଧାନ (୩୬), ଶିଳ୍ପାଂଚଳ ଥାନା ମୁକୁନ୍ଦପ୍ରସାଦ ର କ୍ରିଷ୍ଣାକୁମାର ପ୍ରଧାନ (୨୬), ତାଜ ଖାନ୍ (୨୭) ଏବଂ ଆଦର୍ଶ ଥାନା ଅନ୍ତର୍ଗତ ଗଡଦ୍ୱାରସାହି ର ମିନକେତନ ଆଚାର୍ଯ୍ୟ (୩୪) ପ୍ରମୁଖ ୫ଜଣଙ୍କୁ ଗିରଫ କରିଛନ୍ତି । ସେମାନଙ୍କୁ ଥାନାରେ ତଦନ୍ତବେଳେ ରାତିରେ ବଡଧରଣ ର ଲୁଟ ପାଇଁ ଯୋଜନା କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ । ୨୧୭/୨୫ରେ ଏକ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି ।

# ଡାକ୍ତର ଚିତ୍ତରଂଜନ ସାହୁ ସମ୍ମାନୀତ



ବାଲେଶ୍ୱର, (ସବ୍ୟୁ): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟର ନିର୍ଦ୍ଦେଶକ ଡାକ୍ତର ଚିତ୍ତ ରଂଜନ ସାହୁ ନିକଟରେ ଆୟୁଷ କଲେଜ ହାସପାତାଳ ଏବଂ ଗବେଷଣା କେନ୍ଦ୍ର, ଲାଜପତ୍ ଭବନ, ନୂଆଦିଲ୍ଲୀ ପକ୍ଷରୁ 'ନେଚୋରପାଥି ଏକସେଲେଣ୍ଟ ଆୱାର୍ଡ' ପ୍ରାପ୍ତ କରିଛନ୍ତି । ଯାହା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କର୍ମକର୍ତ୍ତାଙ୍କ ମନରେ ଆନନ୍ଦର ଲହରୀ ଆଣି ଦେଇଛି । ଏଥିପାଇଁ ଡାକ୍ତର ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି ।

# ଖୋର୍ଦ୍ଧାରେ ରାଷ୍ଟ୍ରୀୟ ଲୋକ ଅଦାଲତ




ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାକୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ।ରାଷ୍ଟ୍ରୀୟ ଲୋକ ଅଦାଲତ ଅଧ୍ୟକ୍ଷ ତଥା ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ଫୌଜଦାରି, ଦେୱାନି, ମଟର ଦୁର୍ଘଟଣା ଜନିତ, ବୈବାହିକ ମାମଲା ଏବଂ ବିଭିନ୍ନ ଜାତୀୟ କରଣ ବ୍ୟାଙ୍କ ଗୁଡ଼ିକର ମାମଲା ଫଏସଲା ହୋଇଛି । ମୋଟ ୪୯୯ ଟି ମକଦ୍ଦମା ବିଚାର କୁ ଆସିଥିବାବେଳେ ୧୯୫ଟି ମକଦ୍ଦମା ଫଏସଲା କରାଯାଇଛି । ଏ ବାବଦକୁ ୧, ୮୪,୫୧,୦୦୦ଟଙ୍କା ଜୋରିମାନା ବାବଦକୁ ଆଦାୟକରାଯାଇଛି । ଏଥିସହିତ ୨୦ଟି ଜାତିୟକରଣ ବ୍ୟାଙ୍କର ୧୯ଟି ମାମଲା ବିଚାରକୁ ନିଆଯାଇ ୧୭ଟି ଫଇସଲା କରାଯାଇ ମୋଟ ୪,୪୫,୫୦୦/- ଟଙ୍କା ଆଦାୟ କରାଗଲା ଏଥିରେ ଖୋର୍ଦ୍ଧା ଜିଲ୍ଲାକୋଟର ସମସ୍ତ ବିଚାରପତି ସହଯୋଗ କରିଥିଲେ ଏହାକୁ ତାଲୁକଆଇନ ସେବା ସମ୍ପାଦକ ବସନ୍ତ ଶଥପଥି ସଂଯୋଜନା କରିଥିଲେ । ଓକିଲ ସଂଘ ର ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ କ୍ଷୀରୋଦ ମୋହନ ସ୍ୱାଇଁ, ଆଇନା ଜୀବୀ ପ୍ରଭାତ ବେହେରା, ବିକ୍ରମ ଚମ୍ପତି, ମନ୍ମଥ ମିଶ୍ର, ପ୍ରମୁଖ ଉପସ୍ଥିତଥିଲେ ।

### ସ୍ୱତନ୍ତ୍ର ଅଭିଯାନରେ ଅବକାରୀକୁ ମିଳିଛି ୧.୬୯ କୋଟିର ମାଦକ ଦ୍ରବ୍ୟ

# ୧୨ ଦିନରେ ୨୯୨ ମାମଲା, ୧୬୮ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସ୍ୱତନ୍ତ୍ର ଅଭିଯାନରେ ଅବକାରୀକୁ ୧.୬୯ କୋଟିର ମାଦକ ଦ୍ରବ୍ୟ ମିଳିଛି । ଦେଶୀ, ବିଦେଶୀ ବେଆଇନ ମଦ ଓ ମଦ ତିଆରି ସାମଗ୍ରୀ ଜବତ କରାଯିବା ସହ ଗଞ୍ଜେଇ, ବ୍ରାଉନସୁଗର ମଧ୍ୟ ଜବତ ହୋଇଛି । ଏହା ୧୨ ଦିନର ସଫଳତା ବୋଲି ଅବକାରୀ କହିଛି ।

ବେଆଇନ ମଦ ଓ ନିଷିଦ୍ଧ ମାଦକ ଦ୍ରବ୍ୟ ବିରୋଧରେ ଚାଲିଥିବା ଏହି ଅଭିଯାନରେ ୨୯୨ଟି ମାମଲା ରୁଜୁ ହେବା ସହ ୧୬୮ ଜଣଙ୍କୁ ଅବକାରୀ ତଥା ଏନ୍‌ଡିପିଏସ୍ ଆଇନର ଉଲ୍ଲଂଘନ ଅଭିଯୋଗରେ ଗିରଫ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୧୩.୯୮୮ ଲିଟର ବେଆଇନ ମଦ, ୭୮୫ ଲିଟର ଡିଉଟି ପେଡ୍ ମଦ ଜବତ ହୋଇଛି । ସେହିପରି ୧.୪୩ ଲକ୍ଷ ଲିଟର ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପୋଚ୍‌କୁ ନଷ୍ଟ କରାଯାଇଛି । ଅନ୍ୟ ପକ୍ଷରେ କଞ୍ଚା ମାଲ ଭାବେ ବ୍ୟବହୃତ ୫୨୪ କିଗ୍ରା ମହୁଲ ଫୁଲ ଜବତ ହୋଇଛି । ଏହାସହିତ ବେଆଇନ ସାମଗ୍ରୀ ପରିବହନରେ ବ୍ୟବହୃତ ୨୩ଟି ଗାଡ଼ି ଜବତ ହୋଇଥିବା ଅବକାରୀରୁ ସୂଚନା ମିଳିଛି ।

ଏନ୍‌ଡିପିଏସ୍ ଆଇନ ଅନ୍ତର୍ଭୁକ୍ତ ଅନ୍ୟ ଉଲ୍ଲେଖନୀୟ ବିଷୟ ଭାବେ ଏନ୍‌ଫୋର୍ସ ଟିମ୍ ୧୩୨ କିଗ୍ରା ଗଞ୍ଜେଇ, ୩୨୩ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୧୦ଟି ମାମଲା ରୁଜୁ କରାଯାଇଛି । ଏହା ବିଭାଗର ବେଆଇନ ମାଦକ ଦ୍ରବ୍ୟ ବିରୋଧରେ ଶୂନ୍ୟ ସହନଶୀଳତା ବୋଲି କୁହାଯାଉଛି । ବେଆଇନ ମଦ, ଅନ୍ୟ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଏହି ସମନ୍ୱିତ ଅଭିଯାନର ମୂଳ ଲକ୍ଷ୍ୟ । ଏହି ସ୍ୱତନ୍ତ୍ର ଅଭିଯାନ କେବଳ ରାଜଧାନୀରେ ନୁହେଁ, ସାରା ରାଜ୍ୟରେ ଜାରି ରହିଥିବା ଅବକାରୀ ସୂତ୍ରରୁ ପ୍ରକାଶ ।

# ରାଷ୍ଟ୍ରୀୟ ଲୋକ ଅଦାଲତ

## ୩ଲକ୍ଷ ୬ହଜାର ୬୬୯ ମାମଲାର ସମାଧାନ, ୨୬୫ କୋଟି ଟଙ୍କା ଆଦାୟ ନିର୍ଦ୍ଦେଶ

କଟକ,(ସବ୍ୟୁ): ରାଜ୍ୟର ବିଭିନ୍ନ ଅଦାଲତ, ଜିଲ୍ଲା ସ୍ତରୀୟ ଅଦାଲତରେ ଅନୁଷ୍ଠିତ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ୍ ୩ଲକ୍ଷ ୬ ହଜାର ୬୯୫ଟି ମାମଲାର ସମାଧାନ ହୋଇଛି । ଏଥିରେ ଅଦାଲତରେ ବିଚାରଧୀନ ଥିବା ୨୨ ହଜାର ୯୩୬ଟି ମାମଲାର ସମାଧାନ ହୋଇଥିଲାବେଳେ ୨ଲକ୍ଷ ୭୬ ହଜାର ୯୩ଟି ରାଜସ୍ୱ ମାମଲା ଏବଂ ୭ହଜାର ୬୪୪ଟି ପ୍ରି-ଲିଟିଗେସନ୍ ମାମଲାର ସମାଧାନ କରାଯାଇଛି । ଏ ବାବଦରେ ମୋଟ୍ ୨୬୫ କୋଟି ୨୬ ଲକ୍ଷ ୯୫ ହଜାର ୭୩୯ଟଙ୍କା ଆଦାୟ ନିର୍ଦ୍ଦେଶ ଦିଆଯାଇଛି । ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପରିଷଦର ପାର୍ଟନ-ଇନ୍ ଚିଫ୍ ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ହାଇକୋର୍ଟର ବରିଷ୍ଠ ବିଚାରପତି ତଥା ରାଜ୍ୟ ଆଇନସେବା ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହିସବୁ ମାମଲା ମଧ୍ୟରେ ୩୭୦ଟି କ୍ରିମିନାଲ କମ୍ପାଉଣ୍ଡେବୁଲ୍ ଅଫନ୍ସ ମାମଲା ଥିଲାବେଳେ ୨୨୦୦ ଏନ୍‌ଆଇ ମାମଲା, ୬୮୨ଟି ଅର୍ଥ ଆଦାୟ ମାମଲା, ୧୩୦୯ଟି ମୋଟର ଦୁର୍ଘଟଣା ମାମଲା, ୩୯ଟି ଶ୍ରମ ବିବାଦ ମାମଲା, ୩୫ଟି ପାଣି ଏବଂ ବିଦ୍ୟୁତ୍ ବିଲ୍ ସଂକ୍ରାନ୍ତ ମାମଲା, ୬୬୦ଟି ବୈବାହିକ ବିବାଦ ସମାଧାନ ମାମଲା, ୨ଟି ଜର୍ସି ଅଧିଗ୍ରହଣ ମାମଲା, ୨ଲକ୍ଷ ୭୬ ହଜାର ୯୩ଟି ରାଜସ୍ୱ ମାମଲା, ୩୨ଟି ଉପଭୋକ୍ତା ବିବାଦ ମାମଲା, ୨୨୨୮ଟି ଅନ୍ୟାନ୍ୟ ଦେୱାନୀ ମାମଲା, ୧୫ ହଜାର ୩୭୯ଟି ଫୌଜଦାରୀ ମାମଲା, ୮ଟି ଡେବଟ୍ ରିକଭରି ମାମଲା, ୨ଟି ରାଜ୍ୟ ଖାଉଟି ଉପଭୋକ୍ତା କମିସନ ମାମଲା, ୮ଟି ରାଜ୍ୟ ଶିକ୍ଷା ଟ୍ରିବୁନାଲ, ଭୁବନେଶ୍ୱରର ମାମଲା, ୨ଟି ଶ୍ରମ ଅଦାଲତ ମାମଲା ଏବଂ ୨ଟି ଇଣ୍ଡଷ୍ଟ୍ରିଆଲ ଟ୍ରିବୁନାଲ ମାମଲାର ସମାଧାନ ହୋଇଛି ।

# ଯୁବତୀଙ୍କୁ ଗଣ ବଳାତ୍କାର, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଯୁବତୀଙ୍କୁ ଗଣ ବଳାତ୍କାର ଅଭିଯୋଗରେ ମହିଳା ଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ୩ ଅଭିଯୁକ୍ତ ହେଲେ ଚନ୍ଦନ ହାତୀ (୨୫), ପ୍ରସନ୍ନ କୁମାର ଆଚାର୍ଯ୍ୟ (୩୭) ଓ ରାଜେଶ କୁମାର ଦାସ (୩୨) । ତିନି ଜଣଙ୍କ ଘର ଜଗତସିଂହପୁର ଜିଲ୍ଲାରେ ହୋଇଥିବାବେଳେ ସେମାନେ ଭୁବନେଶ୍ୱରରେ ରହୁଛନ୍ତି ବୋଲି ପୋଲିସ କହୁଛି ।

ଗତ ୧୦ ତାରିଖ ଦିନ ୧୨ଟା ବେଳେ ଅଭିଯୋଗକାରିଣୀଙ୍କ ସାନ ଭଉଣୀ ଜଣେ ସଂଗୀତଜ୍ଞଙ୍କୁ ଭେଟିବାକୁ ଯାଇଥିଲେ । ଅଭିଯୁକ୍ତ ଚନ୍ଦନ ଏବଂ ତାଙ୍କ ସହଯୋଗୀମାନେ ତାଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ବଳାତ୍କାର ମଧ୍ୟ କରିଥିଲେ । ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ବିଭିନ୍ନ ବାହାନାରେ ପ୍ରଲୋଭିତ କରି ତାଙ୍କୁ ନିଶାଦ୍ରବ୍ୟ ଖୁଆଇ ଏକ ଲଜ୍ ରୁମ୍‌ରେ ବନ୍ଦୀ କରି ରଖି ସେଠାରେ ଗଣ ବଳାତ୍କାର କରିଥିଲେ । ଅଭିଯୁକ୍ତ ରାଜେଶ ଲଜ୍ ତତ୍ତ୍ୱାବଧାରକ ଭାବେ ଏହି କାର୍ଯ୍ୟକୁ ସହଯୋଗ କରାଇଥିଲେ । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ୩ ଅଭିଯୁକ୍ତଙ୍କୁ ଶନିବାର ପୋଲିସ ଗିରଫ କରିବା ପରେ ସେମାନଙ୍କୁ ପଚରା ଉଚରା କରି ତଥ୍ୟ ସଂଗ୍ରହ କରିଛି । ୩ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ମାମଲାର ତଦନ୍ତ ଜାରି ରହିଛି ।

# କୈଳାଶ ମିଶ୍ର କଂଗ୍ରେସରେ ସାମିଲ

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଗ୍ରହଣୀୟତାରେ ପ୍ରଭାବିତ ହୋଇ ଦଳରେ ଯୋଗଦେବା ଧାରା ଅବ୍ୟାହତ ରହିଛି । ଶନିବାର ମଧ୍ୟାହ୍ନରେ 'ବିକଳ୍ପ ଓଡିଶା' ସଭାପତି କୈଳାଶ ମିଶ୍ର କଂଗ୍ରେସରେ ଯୋଗଦେଇଛନ୍ତି । ଏଆଇସିସି ଓଡିଶା ପ୍ରଭାରୀ ଅଜୟ ଲାଲୁଙ୍କ ପୌରୋହିତ୍ୟରେ କଂଗ୍ରେସ ଭବନରେ ଆୟୋଜିତ ସମାବେଶରେ ଶ୍ରୀ ମିଶ୍ର ଦୁଇଶହରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଆସି ଦଳରେ ମିଶିଛନ୍ତି । ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ମିଶ୍ର ସୂଚନା ଦେଇ କହିଥିଲେ, ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଏକ ଦାୟିତ୍ୱବାନ ବିରୋଧୀ ଦଳର ଭୂମିକା ନିଭାଉଛି । ବିଜେପି ୧୨% ଭୋଟ ଚୋରି କରିଥିବା ସ୍ପଷ୍ଟ ହୋଇଛି । କୈଳାଶ ମିଶ୍ରଙ୍କୁ ଦଳକୁ ସ୍ୱାଗତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ରେଭେନ୍ସା କଲେଜ ଛାତ୍ରସଂସଦର ପୂର୍ବତନ ସଭାପତି, ଡିଏସଓର ପୂର୍ବତନ ସଭାପତି, ସମାଜବାଦୀ ପାର୍ଟିର ପୂର୍ବତନ ରାଜ୍ୟ ସଭାପତି, ଦେଶରେ ମାଇକ୍ରୋଫାଇନାନ୍ସ, ସ୍ୱୟଂସହାୟକ ଗୋଷ୍ଠୀ ତଥା ସମବାୟ ଆନ୍ଦୋଳନର ଜଣେ ଜଣାଶୁଣା ପ୍ରବକ୍ତା ଯୋଗଦେବା ଦ୍ୱାରା କଂଗ୍ରେସ ଦଳ ଆହୁରି ଶକ୍ତିଶାଳୀ ହେବ ।



ଦଳକୁ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରି ଶ୍ରୀ ଲଲ୍ଲୁ କହିଥିଲେ, ବିଜେପି-ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ପରି । ମହାଦେବପୁରା ବିଧାନସଭା କ୍ଷେତ୍ରରେ ଭୋଟ ଚୋରିକୁ ରାହୁଲଜୀ ଧରାଇଦେବା ପରେ ସ୍ପଷ୍ଟ ରାଜନୈତିକ ବାତାବରଣକୁ କଂଗ୍ରେସ ସପକ୍ଷରେ କରିବା ପାଇଁ ଶ୍ରୀ ମିଶ୍ରଙ୍କ ଯୋଗଦାନ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ଏହି ସମାବେଶରେ ପିସିସି ଉପସଭାପତି ସନ୍ତୋଷ ସିଂହ ସାଲୁଜା, ଏଆଇସିସି ଓଡିଶା ସଂପାଦକ ଶାହନଓ୍ୱାଜ ଚୌଧୁରୀ, ପିସିସି ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି 'ବିକଳ୍ପ ଓଡିଶା'ର ଅବଶିଷ୍ଟ କାର୍ଯ୍ୟକର୍ତ୍ତାଙ୍କୁ ଦଳରେ ମିଶାଇଥିଲେ ।

# ବିଧି ପ୍ରତି ସମ୍ମାନ ସମ୍ବିଧାନର ସୁରକ୍ଷା କବଚ : ନ୍ୟାୟମୂର୍ତ୍ତି ଦୀକ୍ଷିତ

ଭୁବନେଶ୍ୱର, (ସବ୍ୟୁ): ଶାସନ ବ୍ୟବସ୍ଥାରେ ବିଧି ପ୍ରତି ସମ୍ମାନ ସମ୍ବିଧାନର ସୁରକ୍ଷା ଦିଗରେ ସବୁଠାରୁ ବଡ଼ ଉପାଦାନ




ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି କ୍ରିଷ୍ଣା ଶ୍ରୀପଦ ଦୀକ୍ଷିତ କହିଛନ୍ତି । "ଯଦି ଆମର ଆଇନ୍ ପ୍ରତି ସମ୍ମାନ ନ ରହେ ତେବେ ସମ୍ବିଧାନ ପ୍ରତି ବିପଦ ଉପୁଜିବ"ବୋଲି ନ୍ୟାୟମୂର୍ତ୍ତୀ ଦୀକ୍ଷିତ ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଠାରେ ମତ ରଖିଛନ୍ତି । ଏ ପର୍ଯ୍ୟନ୍ତ ସମ୍ବିଧାନରେ ୧୦୦ରୁ ଅଧିକ ସଂଶୋଧନ କରାଯାଇଥିଲେ ମଧ୍ୟ ଏହା ସୁରକ୍ଷିତ ରହିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ନ୍ୟାୟପାଳିକା, ନିର୍ବାଚନ କମିସନ୍, ସଂସଦ, ରାଜ୍ୟ ବିଧାନ ସଭା ଓ ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ଭଳି ସମ୍ବିଧାନ ଦ୍ୱାରା ସ୍ଥାପିତ ଅନୁଷ୍ଠାନ ଗୁଡ଼ିକର ସୁରକ୍ଷା ଆବଶ୍ୟକ । ନ୍ୟାୟମୂର୍ତ୍ତୀ ଦୀକ୍ଷିତ ବିଶ୍ୱବିଦ୍ୟାଳୟରେ ସୋଆ ବକ୍ତୃତାମାଳା ପ୍ରାୟୋଜିତ 'ମେକିଂ ଅଫ୍ ଆୱାର କନ୍‌ଷ୍ଟିଚ୍ୟୁସନ୍' ଶୀର୍ଷକ ବକ୍ତୃତା ପ୍ରଦାନ ଅବସରରେ ଏହା କହିଥିଲେ । ସେ କହିଥିଲେ ଯେ ୧୯୨୦ ମସିହାରେ ଗୃହୀତ ଆହ୍ଲାବାଦ ସଂକଳ୍ପରେ ଭାରତରେ ସାମ୍ବିଧାନିକ ବ୍ୟବସ୍ଥାର ସ୍ଥାପନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିବା ବେଳେ ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୯୪୬ ମସିହାରେ ଏକ ସମ୍ବିଧାନ ସଭା ଗଠନ କରାଯାଇଥିଲା ।

ନ୍ୟାୟମୂର୍ତ୍ତୀ ଦୀକ୍ଷିତ କହିଥିଲେ ଯେ ଭାରତକୁ ସ୍ୱାଧୀନତା ଦେବା ନିମନ୍ତେ ଯେତେବେଳେ ବ୍ରିଟେନ୍‌ର ପାର୍ଲିଆମେଂଟରେ ପ୍ରସ୍ତାବ ଆସିଲା ସେତେବେଳେ ବିରୋଧୀ ଦଳ ନେତା ୱିନ୍‌ଷ୍ଟନ ଚର୍ଚ୍ଚିଲ ଏହାର ବିରୋଧ କରି କହିଥିଲେ ଯେ ଏହା ଦ୍ୱାରା କ୍ଷମତା ଅଯୋଗ୍ୟ ଲୋକମାନଙ୍କ ହାତକୁ ଚାଲିଯିବ । ମାତ୍ର ଭାରତ ନିକଟରେ ଏକା ସଂଗେ ୧୦୬ଟି ଉପଗ୍ରହ ମହାକାଶକୁ ପଠାଇ ଚର୍ଚ୍ଚିଲଙ୍କ ମନ୍ତବ୍ୟକୁ ଭୁଲ ପ୍ରମାଣିତ କରିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରିଥିବା ବଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ'ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜଟଣୀରେ ହୋମିଭାବା କ୍ୟାନ୍ସର ହସ୍ପିଟାଲ, ଗବେଷଣା କେନ୍ଦ୍ର ନିର୍ମାଣ ସମୀକ୍ଷା

# ସବୁ ବିଭାଗର ସମନ୍ୱୟରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ହୋମିଭାବା କ୍ୟାନ୍ସର ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା । ଏଭଳି ଅତ୍ୟାଧୁନିକ କ୍ୟାନ୍ସର ହସ୍ପିଟାଲ ପୂର୍ବ ଭାରତରେ ପ୍ରଥମ ହେବ । ଏହି ହସ୍ପିଟାଲ ନିର୍ମାଣ ହେବା ଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲ୍ଲାର କ୍ୟାନସର ରୋଗୀମାନଙ୍କ ପାଇଁ ଚିକିତ୍ସା ସୁବିଧାରେ ଓ ସହଜରେ ମିଳିପାରିବ । ଏହାସହ ପଡ଼ୋଶୀ ରାଜ୍ୟର କ୍ୟାନସର ରୋଗୀମାନେ ମଧ୍ୟ ଉପକୃତ ହେବେ । ତେଣୁ ଯାହା ଆବଶ୍ୟକତା ରହୁଛି, ସେଥିପାଇଁ ସଂପୃକ୍ତ ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କଲେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ଆହୁଜା କହିଛନ୍ତି । ଏହି ଚିକିତ୍ସାଳୟ ଓ ଗବେଷଣା ସ୍ଥାପନ ନେଇ ୨୦୨୨ ମସିହାରେ ରାଜ୍ୟ ସରକାର ଏବଂ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଜାରି ରହିଛି । ହସ୍ପିଟାଲର ଆନୁଷଙ୍ଗିକ ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟରେ ପାରିପାଶ୍ୱିକ ବିକାଶ ଓ ଗମନାଗମନ ସୁବିଧା ପାଇଁ



ପ୍ରଶସ୍ତ ରାସ୍ତା ନିର୍ମାଣ ନିମନ୍ତେ ଅଧିକ ଜମିର ଆବଶ୍ୟକତା ସଂପର୍କରେ ହସ୍ପିଟାଲ ତରଫରୁ ଅନୁରୋଧ କରାଯାଇଥିଲା । ଏ ସଂପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସମନ୍ୱୟରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ବର୍ତ୍ତମାନ ଏହି ଚିକିତ୍ସା କେନ୍ଦ୍ରରେ ୨୯୪ ଟି ଶଯ୍ୟା ପାଇଁ ପ୍ରସ୍ତାବ ରହିଛି । ହସ୍ପିଟାଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସଂପର୍କରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ । କ୍ୟାନ୍ସର ହସ୍ପିଟାଲ ପରିସରରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କର୍କଟ ଚିକିତ୍ସା କେନ୍ଦ୍ର (ପେଡିଆଟିକ୍ କ୍ୟାନ୍ସରୟୁନିଟ) ନିର୍ମାଣର ଅଗ୍ରଗତି, ହସ୍ପିଟାଲ ପରିସରରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା, ହସ୍ପିଟାଲକୁ ନିରବଚ୍ଛିନ୍ନ ବିଦ୍ୟୁତ ଶକ୍ତି ଯୋଗାଣ, ପ୍ରକଳ୍ପର ଅଂଶବିଶେଷ ରହିଥିବା ରୋଗୀମାନଙ୍କର ସମ୍ପର୍କୀୟମାନଙ୍କ ରହିବା ପାଇଁ ଧର୍ମଶାଳା ନିର୍ମାଣ ଆଦି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ କାର୍ଯ୍ୟପାଇଁ ଆର୍ଥିକ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା ଓ ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅଗ୍ନିଶମ ମହା ନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଏନ୍ ତିରୁମାଲା ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲ କର୍କଟ ରୋଗ ବିଶେଷଜ୍ଞ ପ୍ରାଧ୍ୟପକ ଡଃ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳା କଂଗ୍ରେସର ସଦସ୍ୟତା ଅଭିଯାନ ସଭା

## ଜନନୀ ଆଗରେ ଦୁନିଆ ନତମସ୍ତକ



ଭୁବନେଶ୍ୱର, (ସବ୍ୟୁ): ଜାତୀୟ ମହିଳା କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଛି ମହିଳା ସଦସ୍ୟତା ଗ୍ରହଣ ଅଭିଯାନ । ସଦସ୍ୟତା ଅଭିଯାନ ବର୍ତ୍ତମାନ ସାରା ଦେଶର ସମସ୍ତ ରାଜ୍ୟରେ ବେଶ ଜୋରସୋରରେ ଚାଲିଛି । ସେଇ ପରିପେକ୍ଷୀରେ ପ୍ରଦେଶ ମହିଳା କଂଗ୍ରେସ ତରଫରୁ କଂଗ୍ରେସ ଭବନଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଉଦବୋଧନ ଦେଇ କଂଗ୍ରେସର ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଜନନୀ ଆଗରେ ସମସ୍ତ ବ୍ରହ୍ମାଣ୍ଡ ନତମସ୍ତକ, ଜନନୀ ହେଉଛି ସୃଷ୍ଟିକର୍ତ୍ତା । ତେଣୁ ଦଳର ନାରୀଶକ୍ତି ଯଦି ନିଜକୁ ଉପଯୋଗ କରେ, ଆମେ କଂଗ୍ରେସକୁ ସବୁଠୁ ଶକ୍ତିଶାଳୀ ଦଳ କରିବା ସହିତ ଦେଶକୁ ମଧ ବିକଶିତ କରିବା ସମ୍ଭବ । ଆମକୁ ସଦସ୍ୟତା ଗ୍ରହଣ ତୃଣମୂଳ ସ୍ତରରୁ କରିବାକୁ ପଡ଼ିବ । ତେବେ ଯାଇ ଆମ ଦଳର ମୂଳଦୁଆ ଶକ୍ତିଶାଳୀ ହେବ । ମହିଳା କଂଗ୍ରେସକୁ କିଭଳି ସୁଦୃଢ଼ କରାଯିବ ଏବଂ ଆହୁରି ଅଧିକ ଶକ୍ତିଶାଳୀ କରାଯିବା ସହ ଅଧିକରୁ ଅଧିକ ମହିଳା ମାନଙ୍କୁ କଂଗ୍ରେସ ସଂଗଠନ ସହ ଯୋଡ଼ା ଯାଇ ପାରିବ ସେ ବିଷୟରେ ପିସିସି ସଭାପତି ଭକ୍ତ ଚରଣ ଦାସ ଆଲୋକପାତ କରିଥିଲେ । ସେ ମଧ ଭୋଟ ଚୋରି ପ୍ରସଙ୍ଗ ଓ ସମ୍ବିଧାନ ବଞ୍ଚାଅ ବିଷୟରେ ପ୍ରତି ଘରେ ବାର୍ତ୍ତା କିପରି ପହଞ୍ଚିବ ସେ ବିଷୟରେ ଅବଗତ କରିଥିଲେ ।

ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ମହିଳା କଂଗ୍ରେସ ସଦସ୍ୟତା ଗ୍ରହଣ ଅଭିଯାନ ପୁରା ଦମରେ ଚାଲିଛି । ପ୍ରତ୍ୟେକ ସଦସ୍ୟ ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି ଏବଂ ଆମେ ଅତିଶୀଘ୍ର ଲକ୍ଷ ହାସଲ କରିବୁ ବୋଲି ପ୍ରକାଶ କରିଥିଲେ । ଏଆଇସିସି ପକ୍ଷରୁ ମିଡ଼ିଆ ଲିଙ୍କରେ କେମିତି ସଦସ୍ୟତା ଗ୍ରହଣ କରାଯାଏ ତାହା ପ୍ରଦର୍ଶନ କରିବା ସହ ସଭାନେତ୍ରୀ ସଦସ୍ୟତା ଅଭିଯାନରେ କଣ ସବୁ ଅସୁବିଧାର ସାମ୍ନା କରିବାକୁ ପଡୁଛି ସଦସ୍ୟା ମାନଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ ।

ମହିଳା କଂଗ୍ରେସ ସଦସ୍ୟତା ଗ୍ରହଣ ଅଭିଯାନ ଆଲୋଚନା ସଭାରେ ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହ ମହିଳା କଂଗ୍ରେସ ଅଧକ୍ଷା ମିନାକ୍ଷୀ ବାହିନୀପତି ଏବଂ ସମସ୍ତ ବରିଷ୍ଠ ଏବଂ କନିଷ୍ଠ ମହିଳା ସଦସ୍ୟା ଉପସ୍ଥିତ ଥିଲେ ।

## ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, (ସବ୍ୟୁ): ନିଜ ଶରୀରରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ରାଧାକାନ୍ତସାହିର ଯୁବକ ସୁରଜ ସାହୁ(୨୧)ଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଯାଇଛି । ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । [illegible] ମିଠା ଦୋକାନ ନିକଟରେ ସୁରଜ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ପ୍ରଥମେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା, ପରେ ଉନ୍ନତ ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ନେଇଥିଲେ । ହେଲେ ୨ ଦିନ ପରେ ଡାକ୍ତର ସୁରଜଙ୍କ ଶୁକ୍ରବାର ରାତ୍ରମୃତ ଘୋଷଣା କରିଥିଲେ ।

## ବେତାରସିଂ ଗୁଳିକାଣ୍ଡ ଘଟଣା

# ୩ ଗିରଫ, ପିସ୍ତଲ ସହ ୨ ବାଇକ୍ ଜବତ

ବୁଗୁଡା ,(ସବ୍ୟୁ): ବୁଗୁଡା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଏକ ଭୋଜିରେ ଗଣ୍ଡଗୋଳ ଏବଂ ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ବ୍ୟବହୃତ ଗୋଟିଏ ପିସ୍ତଲ ଏବଂ ଦୁଇଟି ବାଇକ ଜବତ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ୩ ଜଣ ହେଲେ ବେତାରସିଂ ଗ୍ରାମର ସିଲୁ ଭୂୟାଁ (୩୦) ଓ ରାଜା ଜେନା (୨୮) ଏବଂ ବୁଗୁଡା ଉଗ୍ରନାଥ ସାହିର ରାଜା ସାହୁ (୩୦) । ଏ ନେଇ ବୁଗୁଡା ଥାନାରେ କେସ ନଂ ୫୭୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ ବେତାରସିଂ ଗାଁ ନୂଆଁସାହିର ଗଣେଶ ମେଢ ବିସର୍ଜନ ପରେ ଏକ ଭୋଜିର ଆୟୋଜନ ହୋଇଥିଲା । ସେହି ଭୋଜିରେ ବେତାରସିଂ ଗ୍ରାମର ପାଣ୍ଡବ ଚରଣ ସ୍ୱାଇଁଙ୍କ ସହ ଏହି ତିନି ଜଣ ମଦ ପିଇ ଗଣ୍ଡଗୋଳ କରି ଫେରିଥିଲେ । ପରେ ରାଜା ସାହୁ ଓ ସିଲୁ ଭୂୟାଁ ପିସ୍ତଲ ସହ ବୁଲେଟରେ ଏବଂ ରାଜା ଜେନା ପଲସର ଗାଡିରେ ଯାଇ ପାଣ୍ଡବଙ୍କ ଘରେ ପହଞ୍ଚିଥିଲେ । ସେଠାରେ ସେମାନେ ପାଣ୍ଡବଙ୍କୁ ଗାଳିଗୁଲଜ କରିବା ସହ ସିଲୁ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲା । [illegible] ଦେଇ ପଳାଇ ଆସିଥିଲେ । ଏ ନେଇ ପାଣ୍ଡବ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏସଆଇ ଜ୍ୟୋତିଶ୍ରୀ ସାହୁଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇ ସେମାନଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉପ-କାରାଗାରରେ ସ୍ୱାସ୍ଥ୍ୟ ଶିବିର




ଛତ୍ରପୁର, (ସବ୍ୟୁ): ଛତ୍ରପୁର ଉପ-କାରାଗାର ଅନ୍ତେବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ସହ ବ୍ୟକ୍ତିଗତ ସ୍ୱଚ୍ଛତାରେ ଉନ୍ନତି ଆଣିବା ଲକ୍ଷ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉପ କାରାଗାର ପରିସରରେ ଆଜି ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।

ଏହି ଉପ କାରାଗାରରେ ରହୁଥିବା ପାଖାପାଖି ୧୦୮ ଜଣ ଅନ୍ତେବାସୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।ଏହି ସ୍ୱାସ୍ଥ୍ୟ ଶିବିରକୁ ବିଧାୟକ ଛତ୍ରପୁର କୃଷ୍ଣ ଚନ୍ଦ୍ର ନାୟକ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଉପ କାରାଗାର ସୁପେରିଟେନଡେଣ୍ଟ ପ୍ରସନ୍ନ କୁମାର ସାହୁ, ଗୋପାଳପୁର ବନ୍ଦର ସିଏସଆର ମୁଖ୍ୟ ଦେବଦତ୍ତ ମିଶ୍ର ଉପସ୍ଥିତ ଥିଲେ।ବିଶେଷଜ୍ଞ ଏବଂ ସାଧାରଣ ଚିକିତ୍ସକ ବିଭାଗର ଦକ୍ଷ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ରୋଗର ନିରୂପଣ ଓ ପରାମର୍ଶ ଇତ୍ୟାଦି କରାଯିବା ସଙ୍ଗେ ସଙ୍ଗେ ଅନ୍ତେବାସୀଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ବିଶେଷକରି ମୌଳିକ ସ୍ୱାସ୍ଥ୍ୟ ସେବା ସହ ବ୍ୟକ୍ତିଗତ ସ୍ୱଚ୍ଛତାର ଅଭ୍ୟାସ କରିବା ବିଷୟରେ ପରାମର୍ଶ ଦିଆଯାଇଥିଲା ।ଏହି ଉପ କାରାଗାରର ଅନ୍ତେବାସୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉପ କାରାଗାର ପରିସରରେ ଏକ ୪୦ ଲିଟର କ୍ଷମତା ବିଶିଷ୍ଟ ଆରଓ ଫିଲ୍ଟର ମେଶିନ ସ୍ଥାପନା କରାଯାଇଛି।ଆଦାନୀ ଫାଉଣ୍ଡେସନ ଦ୍ୱାରା କରାଯାଇଥିବା ସାମାଜିକ ଦାୟିତ୍ୱ୍‌ବୋଧ କାର୍ଯ୍ୟକ୍ରମକୁ ଛତ୍ରପୁର ଉପ କାରାଗାର ସୁପେରିଟେନଡେଣ୍ଟ ଶ୍ରୀ ସାହୁ ଉଚ୍ଚପ୍ରଶଂସା କରିଥିଲେ।

## ଷ୍ଟେସନରୁ ଗଞ୍ଜେଇ ଜବତ
## ଜଣେ ଗିରଫ

ବ୍ରହ୍ମପୁର,(ସବ୍ୟୁ): ସରକାରୀ ରେଳବାଇ ପୋଲିସ ବ୍ରହ୍ମପୁର ରେଳଷ୍ଟେସନ ପ୍ଲାଟଫର୍ମ ୨-୩ ରୁ ଜଣେ ଯୁବକଙ୍କୁ ଶୁକ୍ରବାର ରାତ୍ର କାବୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ୧୩କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଉକ୍ତ ଅଭିଯୁକ୍ତ ଜଣଙ୍କ ଜୟପୁରର କୋଟପାଡ଼ରୁ ଗଞ୍ଜେଇ ଆଣି ହୀରାଖଣ୍ଡ ଟ୍ରେନରେ ଶୁକ୍ରବାର ସକାଳେ ବ୍ରହ୍ମପୁରରେ ପହଞ୍ଚିଥିଲେ। ଶୁକ୍ରବାର ରାତ୍ର ପୁର୍ଲିଆରୁ କେରଳର ତିରୁଚିନାପଲି ଅଭିମୁଖେ ଯାଉଥିବା ଟ୍ରେନରେ ଚାଲାଣ କରିବା ପୂର୍ବରୁ ଜିଆରପି ପୋଲିସ ତାଙ୍କୁ କାବୁ କରିଥିଲା। ଜେରା ବେଳେ ତାଙ୍କ ନିକଟରୁ ପୋଲିସ ଜୟପୁରରୁ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରେ ବ୍ରହ୍ମପୁର ପର୍ଯ୍ୟନ୍ତ ହୋଇଥିବା ଏକ ଟ୍ରେନ ଟିକେଟ ଓ ବ୍ରହ୍ମପୁରରୁ ପୁର୍ଲିଆ -ତିରୁଚିନାପଲି ଟ୍ରେନରେ ଯିବା ପାଇଁ ହୋଇଥିବା ଅନ୍ୟ ଏକ ଟିକେଟ ଜବତ କରିଛି।

ଘଟଣାରୁ ପ୍ରକାଶ ଯେ, ଟ୍ରେନରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ସାଦା ପୋଷାକରେ ଥିବା ପୋଲିସ ଟିମ ତାଙ୍କୁ ଅଟକାଇ ସେ ଧରିଥିବା ଟ୍ରଲି ବ୍ୟାଗ ଯାଞ୍ଚ କରିଥିଲେ। ତାଙ୍କ ବ୍ୟାଗ ଭିତରୁ ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ତାଙ୍କୁ ପୋଲିସ ଗିରଫ କରିଥିଲା।ଅଭିଯୁକ୍ତ ଜଣଙ୍କ ହେଲେ କେରଳ ଏରନାକୁଲମର ଅନିଲ ରାଜ ଆର(୫୦)।

## ବହୁ ଚର୍ଚ୍ଚିତ ଏସିଏଫ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲା

# ୱାରେଣ୍ଟ ପରେ ବି ଅଭିଯୁକ୍ତଙ୍କ କୋର୍ଟ ନିର୍ଦ୍ଦେଶକୁ ଅବମାନନା

ପାରଳାଖେମୁଣ୍ଡି, (ସବ୍ୟୁ): ବହୁ ଚର୍ଚ୍ଚିତ ଏସିଏଫ ମୃତ୍ୟୁ ମାମଲାରେ ର ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପାରଳାଖେମୁଣ୍ଡି ଏସଡ଼ିଜେଏମ କୋର୍ଟରେ ମାମଲାର ବିଚାର ପ୍ରକ୍ରିୟା ଜାରି ରହିଥିବାବେଳେ, କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଧାର୍ଯ୍ୟ ବିଗତ ଦୁଇଟି ତାରିଖରେ ଉପସ୍ଥିତ ନହେବାରୁ ଗତ ୧୪ ଅଗଷ୍ଟ ୨୦୨୫ରେ ମାମଲାରେ ସମ୍ପୃକ୍ତି ଥିବା ଦୁଇ ଜଣ ଅଭିଯୁକ୍ତ ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଜାମିନ ବିହିନ ଗିରଫ ପରୱାନା (ୱାରେଣ୍ଟ)ଜାରି କରିଥିଲେ । ଅଦାଲତ। ଆଜି (ଶନିବାର)ଉଭୟଙ୍କୁ କୋର୍ଟରେ ହାଜିର କରିବାକୁ ନିର୍ଦ୍ଦେଶ ରହିଥିଲା ।କିନ୍ତୁ ଆଜି ବି ଉପସ୍ଥିତ ହୋଇନଥିବା ବେଳେ କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ବୋଲି ଅଭିରାମ ମହାପାତ୍ରଙ୍କ ଓକିଲ ରଜତ କୁମାର ପାତ୍ର କହିଛନ୍ତି।

ସୂଚନାଯୋଗ୍ୟ ଗତ ୨୦୨୧ ମସିହା ଜୁଲାଇ ୧୧ ତାରିଖ ରାତ୍ର ସମୟରେ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ପାରଳାଖେମୁଣ୍ଡି ଠାରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ସରକାରୀ ବାସ ଭବନରେ ସନ୍ଦେହ ଜନକ ଭାବେ ଦେହରେ ନିଆଁ ଲାଗିଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଅବସ୍ଥାରେ ପ୍ରଥମେ ବ୍ରହ୍ମପୁର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।ଏହାପରେ ଘଟଣାକୁ ନେଇ ପାରଳାଖେମୁଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଥିଲା, ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମବ୍ରାଞ୍ଚ ମଧ ତଦନ୍ତ କରି ପାରଳାଖେମୁଣ୍ଡି ଜିଲ୍ଲା ଦୌରା ଜର୍ଜ ଙ୍କ ନିକଟରେ ଚାର୍ଜ ସିଟ ଦାଖଲ କରାଯାଇଥିଲା ଯେଉଁଥିରେ ପୂର୍ବତନ ଡିଏଫଓ ସଂଗ୍ରାମ ବେହେରା, ରୋସାୟା ମନ୍ମଥ କୁମ୍ଭ ଏବଂ ପତ୍ନୀ ବିଦ୍ୟା ଭାରତୀଙ୍କୁ କ୍ଲିନ ଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। ଏହାପରେ ଇ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ୨୦୨୩ ଏପ୍ରିଲ ମାସରେ ନ୍ୟାୟ ପାଇବା ପାଇଁ ପାରଳାଖେମୁଣ୍ଡି ଏସଡ୍ତିଜିଏମ କୋର୍ଟର ଆଶ୍ରୟ ନେଇଥିଲେ।

ସୌମ୍ୟ ଙ୍କ ବାପା ନିଜ ପିଟିସନରେ ଯେଉଁ ସବୁ ଅଭିଯୋଗ ଏବଂ ଯୁକ୍ତି ବାଡିଥିଲେ ଓ ଯେଉଁ ସବୁ ତଥ୍ୟ ଉପସ୍ଥାପନ କରିଥିଲେ ସମସ୍ତ ଜିନିଷକୁ ପାରଳାଖେମୁଣ୍ଡି ଏସଡ୍ତିଜିଏମ ବିଚାରକୁ ନେଇ ଡିଏଫଓ ସଂଗ୍ରାମ ବେହେରା, ମନ୍ମଥ କୁମ୍ଭ ଏବଂ ପତ୍ନୀ ବିଦ୍ୟା ଭାରତୀଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ କୋର୍ଟ ଅନୁସାରେ ହତ୍ୟା ଏବଂ ହତ୍ୟା ପାଇଁ ଷଡଯନ୍ତ୍ର କରିଥିବା ଅଭିଯୋଗ ଆଣି ଦଫା ୩୦୨ ଏବଂ ୧୨୦( ବି) ଦଫାରେ ଦୋଷୀ ଅଭିଯୋଗ ଆଣିବା ସହ ଏକ ମାମଲା ରୁଜୁ ହୋଇଥିଲା। ଯାହାକୁ ଚାଲେଞ୍ଜ କରିଥିଲେ ଅଭିଯୁକ୍ତ ମାନେ ହାଇକୋର୍ଟରେ।ତଳ ଅଦାଲତର ନିର୍ଦ୍ଦେଶକୁ ଉଠାଇବା ପାଇଁ ଉଚ୍ଚ ନ୍ୟାୟାଳୟ ନିକଟରେ ଆବେଦନ କରିଥିଲେ। କିନ୍ତୁ ଆବେଦନକୁ ଗତ ୦୩/ ୦୭/୨୦୨୫ ରେ ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କ ପିଟିସନ କୁ ଖରାଜ କରିବା ସହ ମାମଲାର ପରିଚାଳନା ପାଇଁ ପାରଳାଖେମୁଣ୍ଡି ଏସଡ଼ିଜିଏମ ଙ୍କୁ ନିର୍ଦ୍ଦେଶ ହୋଇଥିଲା ଯାହାକୁ ଭିତ୍ତିକରି ପାରଳାଖେମୁଣ୍ଡି ଏସଡ଼ିଜିଏମ ମାମଲାର ଦୁଇ ଅଭିଯୁକ୍ତ ସଂଗ୍ରାମ ବେହେରା ଏବଂ ମନ୍ମଥ କୁମ୍ଭଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ହେଲେ କୋର୍ଟର ନିର୍ଦ୍ଦେଶକୁ ଅବମାନନା କରି ଦୁଇ ଅଭିଯୁକ୍ତ ଚୁପ ରହିବା ଦେଖି ପାରଳାଖେମୁଣ୍ଡି ଏସଡ଼ିଜିମ ଗତ ଅଗଷ୍ଟ ୧୪ ତାରିଖ ଦିନ ଦୁଇ ଅଭିଯୁକ୍ତ ଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ।



# ଜାତୀୟ ନାଟକ ମହୋତ୍ସବରେ ସୋମନାଥ ସିଂହ ସମ୍ବର୍ଦ୍ଧିତ

ବାରିପଦା, (ସବ୍ୟୁ) : ସ୍ଥାନୀୟ ସହୀଦ ସ୍ମୃତି ଭବନରେ ଆମେ: ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ଚଳିତ ମାସ ୬ତାରିଖରୁ ଆରମ୍ଭ ହୋଇ ୧୪ ତାରିଖରେ ଉଦ୍‌ଯାପିତ ହେବାକୁ ଯାଉଛି ।

ପ୍ରଥମଥର ପାଇଁ ୯ଦିନ ବ୍ୟାପି ଅନୁଷ୍ଠିତ ଏହି ମହୋତ୍ସବରେ ଓଡିଶାର ଭୁବନେଶ୍ୱର, କୋରାପୁଟ, ଢେଙ୍କାନାଳ, ବରହମପୁର, ଭବାନୀପାଟଣା, ବାଲେଶ୍ୱର, ରାଉରକେଲା, କରଞ୍ଜିଆ, ବାରିପଦା ସମେତ କୋଲକାତା ଓ ଆସାମର ନାଟ୍ୟସଂସ୍ଥା ତରଫରୁ ମଞ୍ଚସ୍ଥ ନାଟକ ଗୁଡିକ ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା ଓ ପ୍ରତେ୍ୟକ ସନ୍ଧ୍ୟାରେ ପ୍ରତିଷ୍ଠିତ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତାମାନଙ୍କୁ ସଂସ୍ଥା ତରଫରୁ ସମ୍ମାନିତ କରାଯାଇଥିଲା ।

ପ୍ରତ୍ୟେକ ସନ୍ଧ୍ୟାର ମଞ୍ଚସ୍ଥ ନାଟକ ଗୁଡିକର ଖବରକାଗଜରେ ପ୍ରଚାର ପ୍ରସାର ନିମନ୍ତେ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଏହି ନିଷ୍ଠାପର ସେବା ପାଇଁ ୭ମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ହାତରେ ଶ୍ରୀ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିପାଇଁ ସେ ସମସ୍ତ ସାମ୍ବାଦିକଙ୍କ ସମେତ ମହୋତ୍ସବର ସାଧାରଣ ସମ୍ପାଦକ ତଥା ପ୍ରତିଷ୍ଠିତ ଅଭିନେତା, ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି । ପ୍ରକାଶ ଥାଉକି ଶ୍ରୀ ସିଂହ ଜଣେ ମଞ୍ଚ ଅଭିନେତା ଭାବେ ଓଡିଶାର ବିଭିନ୍ନ ମଞ୍ଚରେ ବହୁ ନାଟକରେ ତଥା ଟେଲିଫିଲ୍ମରେ ମଧ ଅଭିନୟ କରିବା ସହ ପୁରସ୍କୃତ ମଧ ହୋଇଛନ୍ତି । ଧୀର ବସାଙ୍କ ନିର୍ଦ୍ଦେଶନାରେ ପ୍ରଥମ ନାଟକରେ ଅଭିନୟ ଆରମ୍ଭ କରି ପରବର୍ତ୍ତୀ ସମୟରେ ସେ ପରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାନ୍ତି, ବିମଳେନ୍ଦୁ ମଢୁଆଳ, ଶାନ୍ତନୁ ସିଂହ, ତ୍ରିଲୋଚନ ସାହୁ ଓ ଆଶିଷ କୁମାର ବସାଙ୍କ ନିର୍ଦ୍ଦେଶନାରେ ଅନେକ ନାଟକରେ ଅଭିନୟ କରି ଦର୍ଶକଙ୍କ ଦ୍ୱାରା ବେଶ ପ୍ରଶଂସିତ ହୋଇଛନ୍ତି ।

# କନ୍ଧମାଳରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଫୁଲବାଣୀ ,(ସବ୍ୟୁ): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଫୁଲବାଣୀ ସ୍ଥିତ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆଜି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ ମକଦ୍ଦମା ମାମଲା ଗୁଡିକ ମଧ୍ୟରୁ ୧୦୧ ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୪୬ ଲକ୍ଷ ୨୫ ହଜାର ୯୦୮ ଟଙ୍କା ଆଦାୟ କରାଯାଇଛି, ୫ ଟି ବି.ଏସ.ଏନ.ଏଲ ମାମଲା ବିଚାର କରାଯାଇ ୭ ହଜାର ୩୮୦ ଟଙ୍କା ଆଦାୟ କରାଯାଇଛି ଏବଂ ୫ ଟି ସ୍ଥାୟୀ ଲୋକ ଅଦାଲତର ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ବିଚାର କରାଯାଇଛି । ସେହିପରି ଅଦାଲତରେ ବିଚାରାଧିନ ମାମଲା ଗୁଡିକ ମଧ୍ୟରୁ ୭ ଟି ଏନ.ଆଇ ଆକ୍ଟ ମାମଲାର ବିଚାର କରାଯାଇ ୧୪ ଲକ୍ଷ ୮୧ ହଜାର ୨୭୩ ଟଙ୍କା ଆଦାୟ କରାଯାଇଥିବା ବେଳେ ୧୦ ଟି ମୋଟରଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୬୬ ଲକ୍ଷ ୨୮ ହଜାର ଟଙ୍କା ଏବଂ ୧୨ ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୨୨ ଲକ୍ଷ ୨୦ ହଜାର ୭୭ ଟଙ୍କା ଓ ୭୪ ପଇସା ଆଦାୟ କରାଯାଇଛି ଆଦାୟ କରାଯାଇଛି । ଏତଦସହିତ ୨ ଗୋଟି ବୈବାହିକ ବିବାଦ ଫୈସଲା କରାଯାଇଥିବା ବେଳେ, ୬୧୯ ଗୋଟି ରାଜସ୍ୱ ମାମଲା, ୯ ଟି ଫୌଜଦାରୀ ସାଲିସ ଯୋଗ୍ୟ, ଅନ୍ୟାନ୍ୟ ୯ ଟି ଦେୱାନୀ ମାମଲା ଏବଂ ୨୪୬ ଟି ଫୌଜଦାରୀ ମାମଲା ବିଚାର କରାଯାଇ ୧୬ ଲକ୍ଷ ୨୭ ହଜାର ୩୫୦ ଟଙ୍କା ଆଦାୟ କରାଯାଇଛି । ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ମାମଲାଗୁଡିକ ମଧ୍ୟରୁ ୧୧୧ ଟି ଓ ଅଦାଲତରେ ବିଚାରାଧିନ ମାମଲାଗୁଡିକ ମଧ୍ୟରୁ ୯୧୪ ଟି ମାମଲା ଫୈସଲା କରାଯାଇଛି । ମାନନୀୟ ଜିଲ୍ଲା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ରାମ ଶଙ୍କର ହୋତା, ପରିବାର ଅଦାଲତ ବିଚାରପତି ଶ୍ରୀମତୀ ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲ୍ଲା ଜଜ ଶ୍ରୀଯୁକ୍ତ ପ୍ରୀତିଶ କୁମାର ରାଉତରାୟ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଶ୍ରୀଯୁକ୍ତ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଶ୍ରୀମତୀ ବନାଲି ତ୍ରିପାଠୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ରମାକାନ୍ତ ମହାନ୍ତି, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ବିଶକଲ୍ୟାଣୀ ମିଶ ପ୍ରମୁଖ ଯୋଗଦେଇଥିଲେ।

# ବିଭିନ୍ନ ଅପରାଧ, ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଦିନ ଜିଲ୍ଲାର ବିଭିନ୍ନ ପ୍ରକାର ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ ବାରିପଦା ବିଧାୟକ ପ୍ରକଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସୟ, ପୂର୍ବାଞ୍ଚଳ ପୋଲିସ ଡିଆଇଜି ପିନାକ ମିଶ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଦୀପକ କୁମାର ଗୋଛାୟତ, ସବିତା ମାଝୀ, ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର, ବିଭିନ୍ନ ଥାନା ଅଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରଜନୀ କାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜିଲ୍ଲାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପ୍ରକାର ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟରେ ଏକ ବିସ୍ତୃତ ବିବରଣୀ ମନ୍ତ୍ରୀଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିଥିଲେ ଏବଂ ଅପରାଧ ହାର ହ୍ରାସ ତଥା ଆଇନ ଶୃଙ୍ଖଳା ପରିସ୍ଥିତି ଉପଯୁକ୍ତ ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଣ ପଦକ୍ଷେପ ନିଆଯାଉଛି ସେ, ବିଷୟରେ ଅବଗତ କରାଇବା ସହ ଜିଲ୍ଲାରେ ପୋଲିସ ପ୍ରଶାସନର ସୁଗମ ତଥା ଅଧିକ କ୍ରିୟାଶୀଳ କରିବା ପାଇଁ ଆଉ କଣ କଣ ସାଧନର ଅବଶ୍ୟକତା ଅଛି ସେ ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଏହି ସମୀକ୍ଷା ଅବସରରେ ମନ୍ତ୍ରୀ ବିଶେଷ କରି ବିଭିନ୍ନ ପ୍ରକାର ହତ୍ୟା, ଚୋରି, ରାହାଜାନି, ଛିନତାଇ, ଠକେଇ, ପ୍ରତାରଣା, ଅପହରଣ, ବ୍ରାଉନ ସୁଗାର, ଚରସ, ଗଂଜେଇ, କଫ ସିରାପ ତଥା ବେଆଇନ ଦେଶୀ ମହୁଲି ମଦ, ଗୁଟଖା, ଜର୍ଦା ଇତ୍ୟାଦି ନିଶା ଦ୍ରବ୍ୟ କାରବାର, ଯୌତୁକ ଜନିତ ଅତ୍ୟାଚାର -ହତ୍ୟା, ବେଆଇନ ଯୁବତୀ/ମହିଳା ଚୋରା ଚାଲାଣ, ଘରୋଇ ହିଂସା ଜନିତ ହତ୍ୟା, ଜମିଜମା ବିବାଦ ଜନିତ ହତ୍ୟା, ବାଲି, ମୋରମ ଇତ୍ୟାଦି ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ, ବେଆଇନ ଶ୍ରମିକ ଚାଲାଣ, ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା, ଗୋ ମାଂସ ବିକ୍ରି, ଗୋ ହତ୍ୟା ଓ ଗୋ ଚାଲାଣ, ମଦ୍ୟ ପାନ ଜନିତ ସଡ଼କ ଦୁର୍ଘଟଣା, ଟ୍ରାଫିକ ନିୟମ ଅବମାନନା ଜନିତ ମୃତ୍ୟ ସାଇବର ଠକେଇ ଇତ୍ୟାଦି ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ । ଏହି ଅବସରରେ ମନ୍ତ୍ରୀ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଉପରେ ଅଗ୍ରାଧିକାର ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଜିଲ୍ଲାରେ ଅପରାଧ ହାର କମାଇବା ତଥା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଉପଯୁକ୍ତ ଭାବେ ବଜାୟ ରଖିବା ପାଇଁ ପୋଲିସ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ଅଧିକ ଭିତ୍ତିଭୂମି ଯୋଗାଇବା, ପେଟ୍ରୋଲିଂ ପାଇଁ ଯାନ, ଅପରାଧ ନିୟନ୍ତ୍ରଣ ପାଇଁ ସିସିଟିଭି ଇତ୍ୟାଦିର ବ୍ୟବସ୍ଥା ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ । ଶେଷରେ ସମସ୍ତ ଅଧିକାରୀ ମାନଙ୍କୁ ନିଜ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ସହ କାର୍ଯ୍ୟ ନିର୍ବାହରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଭାଲୁ ଆକ୍ରମଣରେ ଚାଷୀ ଆହତ

ବୁଗୁଡ଼ା ,(ସବ୍ୟୁ): ବୁଗୁଡ଼ା ବ୍ଲକ କରସିଙ୍ଗି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲ ନିକଟବର୍ତ୍ତୀ କିରିଆମ୍ବା ଗ୍ରାମର ଜନୈକ ଯୁବ ଚାଷୀ ଅମିନ ନାୟକ(୩୨) ଭାଲୁ ଆକ୍ରମଣର ଶିକାର ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ , ଶନିବାର ସକାଳେ ଅମିନ ବିଲରେ କାମ କରୁଥିବା ବେଳେ ହଠାତ୍ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ଖଣ୍ଡେ ଦୂରରେ ଥିବା ଅନ୍ୟ ଲୋକମାନେ ସେଆଡକୁ ଦୌଡିଥିଲା ବେଳେ ଭାଲୁଟି ବହୁ ଲୋକଙ୍କୁ ଦେଖି ସେଠାରୁ ଜଙ୍ଗଲ ଆଡକୁ ପଳାଇ ଯାଇଥିଲା। ଭାଲୁ ଆକ୍ରମଣରେ ଅମିନର ଦୁଇ ହାତ ଓ ଡାହାଣ ଗୋଡରେ ଆଘାତ ଲାଗିଥିଲା ।ତାଙ୍କୁ ସଙ୍ଗେ ସଙ୍ଗେ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ତେବେ ମେଡିକାଲରେ ଚିକିତ୍ସା ପରେ ଆହତ ଅମିନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି।

## ଅର୍ଥ ହେରଫେର ମାମଲା: ପିଇଓ ଦୋଷୀ ସାବ୍ୟସ୍ତ

ପାରଳାଖେମୁଣ୍ଡି, (ସବ୍ୟୁ) : ଅର୍ଥ ହେରଫେର ମାମଲାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ତତ୍କାଳୀନ ବିଡ଼ିଓ ନଟବର ଗରଡ଼ ତା ୦୪-୦୬-୨୦୨୦ରିଖରେ ତତ୍କାଳୀନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏସ. ରାବଣମ୍ମାଙ୍କ ବିରୋଧରେ ଅର୍ଥ ହେରଫେର ମାମଲା ଭଳି ଏକ ସଙ୍ଗିନ ଅଭିଯୋଗ ଆଣିଥିଲେ । ସେ ନିଜ ପଦ ମର୍ଯ୍ୟାଦାର ଅପବ୍ୟବହାର କରି ଚାଳିଶ ଲକ୍ଷ ପାଞ୍ଚ ହଜାର ସାତଶହ ଟଙ୍କା ଆତ୍ମସାତ କରିଛନ୍ତି । ଏ ନେଇ ଏକ ମାମଲା ସେରଙ୍ଗ ଥାନାରେ ରୁଜୁ ହୋଇଥିଲା ଓ ସବ ଇନ୍ସପେକ୍ଟର ଡ଼ି.ଗଜପତି ଦୋରା ତଦନ୍ତ କରି ଉକ୍ତ ମହିଳା ଆସାମୀଙ୍କୁ କୋର୍ଟ ଚାଲାଣ କରିଥିଲେ । ୧୭ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ପ୍ରମାଣକୁ ଭିତ୍ତି କରି ଏହି ମାମଲାର ଶୁଣାଣି କରି ମାନ୍ୟବର ସି.ଜେ.ଏମ. ତଥା ଆସିଷ୍ଟାଣ୍ଟ ସେସନ ଜଜ ନରୋତ୍ତମ ସେଠି ଭାରତୀୟ ପିଙ୍ଗଳ କୋଡ଼ର ଧାରା ୪୦୯ ରେ ଉକ୍ତ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷର ସଶ୍ରମ କାରାଦଣ୍ଡ ଦେବା ସହ ୧୦ଲକ୍ଷ ଟଙ୍କାର ଜୋରିମାନା ନିର୍ଦ୍ଦେଶ ସହ ଉପରୋକ୍ତ ପଇସା ପଇଠ ନ କରିପାରିଲେ ଅତିରିକ୍ତ ଏକ ବର୍ଷର ସଶ୍ରମ କାରାଦଣ୍ଡ ଭୋଗ କରିବେ ବୋଲି ଆଦେଶ ଦେଇଛନ୍ତି । ଏହା ବ୍ୟତୀତ ଏକ ଉଦାହରଣ ପ୍ରତିଷ୍ଠା କରିବାକୁ ଯାଇ ମାନ୍ୟବର ସିଜେଏମ ନିଜ ବିଚାରରେ ଉଲ୍ଲେଖ କରିଛନ୍ତି ଯେ, ଏହି ଅର୍ଥରାଶି ଗୁମ୍ମା ଗ୍ରାମପଞ୍ଚାୟତର ସାଧାରଣ ଜନତାଙ୍କ ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ କରାଯିବ । ସରକାରଙ୍କ ପକ୍ଷରୁ ଏପିପି ଶ୍ରୀ ଆର. ଉଦୟଚନ୍ଦ୍ର ରାଓ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି ।

## ୧୬କୋଟି ଟଙ୍କା ମୂଲ୍ୟର ୬୨ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ

ବାରିପଦା, (ସବ୍ୟୁ): ବାରିପଦା ପୌରପାଳିକା ଆନୁକୂଲ୍ୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ପ୍ରକଳ୍ପ କାର୍ଯ୍ୟାଦେଶ ବଣ୍ଟନ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସାଧାରଣ ଉଦ୍ୟୋଗ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉପନଗର ପାଳିକା ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ଗତ ଏପ୍ରିଲ ମାସରେ ଅନୁଷ୍ଠିତ ହୋଇଥିବା ଜଣାଶୁଣାଣି ଶିବିରରେ ବାରିପଦା ସହରବାସୀଙ୍କ ବିଭିନ୍ନ ଅଭିଯୋଗକୁ ଭିତ୍ତି କରି ତଥା ଲୋକଙ୍କ ମୌଳିକ ଆବଶ୍ୟକତାକୁ ଉପଲବ୍ଧି କରି ସହରୀ ବିକାଶ ଯୋଜନାରେ ବାରିପଦା ସହରର ବିଭିନ୍ନ ୱାର୍ଡରେ ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକାର ୬୨ଗୋଟି ପ୍ରକଳ୍ପ ସରକାରଙ୍କ ଅନୁମୋଦନ ଲାଭ କରିବା ସହିତ ସରକାର ଏହି ପ୍ରକଳ୍ପ ଗୁଡିକ ପାଇଁ ଆବଶ୍ୟକୀୟ ଅର୍ଥ ମଧ୍ୟ ମଂଜୁର କରିଛନ୍ତି । ଏହି ପ୍ରକଳ୍ପ ଗୁଡିକର ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିବା ହେତୁ ଆଜି ଏଗୁଡିକର ନିର୍ମାଣ କାର୍ଯ୍ୟ ପାଇଁ ସମ୍ପୃକ୍ତ ସଂସ୍ଥା ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି । ଏହି ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସହରବାସୀ ଏଥିରୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇ ଉପକୃତ ହେବେ । ଏହି ଅବସରରେ ମନ୍ତ୍ରୀ କାର୍ଯ୍ୟାଦେଶ ପାଉଥିବା ସମ୍ପୃକ୍ତ ସଂସ୍ଥା ମାନଙ୍କୁ ଧାର୍ଯ୍ୟ ଅବଧି ମଧ୍ୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ପରାମର୍ଶ ଦେବା ସହ ନିର୍ମାଣରେ କୌଣସି ପ୍ରକାର ନିମ୍ନମାନର କାର୍ଯ୍ୟ ତଥା କାର୍ଯ୍ୟରେ ନିମ୍ନମାନ ସାମଗ୍ରୀ ଉପଯୋଗକୁ ସାଲିସ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ । ଯଦି କାର୍ଯ୍ୟରେ କୌଣସି ପ୍ରକାର ଅନିୟମିତତା ଦୃଷ୍ଟିକୁ ଆସେ, ତେବେ ଯାହା'ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ହେଉଥିବ ଏବଂ ଯେଉଁ ସଂସ୍ଥା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ କରାଯାଉଥିବ, ଉଭୟ ପକ୍ଷଙ୍କୁ ଏଥିପାଇଁ ଉତ୍ତରଦାୟୀ କରାଯିବ । ଅନ୍ୟାନ୍ୟ ଅତିଥିବୃନ୍ଦ ପ୍ରକଳ୍ପ ଗୁଡିକ ସପକ୍ଷରେ ନିଜ ନିଜର ସୁଚିନ୍ତିତ ମତାମତ ରଖିବା ସହ ଏହି ପ୍ରକଳ୍ପ ଗୁଡିକର ଉପାଦେୟତା ଆଗାମୀ ଦିନରେ ସହରବାସୀ ନିଶ୍ଚିତ ଭାବେ ଉପଲବ୍ଧି କରିବେ ବୋଲି ଆଶାବ୍ୟକ୍ତ କରିଥିଲେ । ଏହାପରେ ମନ୍ତ୍ରୀ ତା'ଙ୍କ କରକମଳରେ ବିଭିନ୍ନ ଠିକା ସଂସ୍ଥା ମାନଙ୍କୁ ୧୬କୋଟି ଟଙ୍କା ମୂଲ୍ୟର ମୋଟ ୬୨ଗୋଟି ବିଭିନ୍ନ ପ୍ରକାର ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ପରିଶେଷରେ ଉପନଗରପାଳିକା ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରପାଳିକାର ବିଭିନ୍ନ ୱାର୍ଡର ପାରିଷଦ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ




ବାରିପଦା, (ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୧୫୫୩୯ ଟି ମାମଲା ମଧ୍ୟରୁ ୬୨୬୭ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨,୭୧,୫୮,୪୨୭ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୬୫୭୫ ଗୋଟି ମାମଲା ମଧ୍ୟରୁ ୨୬୦ଟି ମାମଲା ଅପୋଷ ବିଚାର ହୋଇ ୬୨ଲକ୍ଷ ୨୨ହଜାର ୭୬୪ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି।

ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୮୯୬୪ ଗୋଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୫୩ ଟି ମଧ୍ୟରୁ ୫ ଟି, ଏନ.ଆଇ. ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୧ଟି ମାମଲା ମଧ୍ୟରୁ ୨୬ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୮୮ଟି ରୁ ୨୨ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୬୬ ଟି ରୁ ୧୪ ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୦୧ ଟି ମାମଲା ମଧ୍ୟରୁ ୫୮ ଟି, ରାଜସ୍ୱ ମାମଲା ୬୭୮୨ ଟି ମଧ୍ୟରୁ ୪୭୨୬ ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୧୫୦ ଟି ମଧ୍ୟରୁ ୭୪ ଟି, ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୫୧୩ ଟି ମଧ୍ୟରୁ ୧୦୮୨ ଟି ମିଶାଇ ମୋଟ ୬୦୦୭ ଟି ମାମଲାର ଫଇସଲା କରାଯାଇ ମୋଟ ୨ କୋଟି ୦୯ ଲକ୍ଷ ୩୫ ହଜାର ୬୬୩ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ତଥା ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ପ୍ରଜେଯାତି ରାଉତ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସୁମନ କୁମାର ମିଶ୍ର, ସିନିୟର ସିଭିଜ ଜଜ୍ (ଏଲ୍.ଆର ଓ ଏଲ୍.ଡି.ଭି ) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ୍ ଡାଃ ନିଶାକର ସାହୁ, ଏସଡିଜେଏମ ଜୁୱେଲ ପଟ୍ଟନାୟକ, ଜେଏମଏଫ,ସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି କୁମାରୀ ମଧୁଶ୍ରବା ମହାନ୍ତି ଓ କୁମାରୀ ସୀମା ଅଗରୱାଲ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନ୍‌ଜୀବୀ ତାପସ କୁମାର ଦତ୍ତ, ପ୍ରଦୀପ କୁମାର ଜେନା, ସୁଶାନ୍ତ କୁମାର ବାରିକ, ଦାମୋଦର ସେଠୀ ଓ ବିଶାଲ ରାମ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ବିଭିନ୍ନ ରାଷ୍ଟ୍ରାୟତ୍ତ/ ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଏନ୍‌ଏଚ୍ ସଂପ୍ରସାରଣ ପାଇଁ ଚଣ୍ଡିଖୋଲ ବଜାରରୁ ଜବରଦଖଲ ଉଚ୍ଛେଦ



ଚଣ୍ଡିଖୋଲ,(ସବ୍ୟୁ) :୫୩ ନମ୍ବର ଜାତୀୟ ରାଜପଥର ପାରାଦୀପ ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାଜପଥ ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ହେଉଥିବା ଜାତୀୟ ରାଜପଥ ପାଶ୍ୱର୍ ଚଣ୍ଡିଖୋଲ ବଜାରର କେତେକ ଦୋକାନୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ଦିନ ଉଚ୍ଛେଦ କରାଯାଇଛି। ଜାତୀୟ ରାଜପଥର ଏହିସବୁ ସ୍ଥାନ ଜବର ଦଖଲରେ ରହିଥିଲା। ଏହି ଉଚ୍ଛେଦ ଫଳରେ ସେଠାରେ ଦୋକାନ କରି ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ସେମାନଙ୍କ ବେଉସା ହରାଇଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜବର ଦାଖଲ ଜାଗା ଗୁଡିକୁ ଶନିବାର ସକାଳୁ ଜେସିବି ମେସିନ ଲଗାଇ ଭଙ୍ଗି ଦିଆଯାଇଛି। ପୂର୍ବରୁ ଜବର ଦଖଲକାରୀ ମାନଙ୍କୁ ୭ ଦିନିଆଁ ନୋଟିସ ଦିଆଯାଇ ସେମାନେ ସରକାରୀ ସ୍ଥାନରୁ ଉଠିଯିବା ପାଇଁ ସମୟ ଦିଆ ଯାଇଥିଲା। ମାତ୍ର ଏହି ସମୟ ମଧ୍ୟରେ ଜବର ଦଖଲ କରିଥିବା ବ୍ୟବସାୟୀ ମାନେ ଜାଗାନ ଛାଡ଼ିବାରୁ ତହସିଲ ପକ୍ଷରୁ ଏହି ଉଚ୍ଛେଦ କରା ଯାଇଥିଲା। ଏହି ଉଚ୍ଛେଦ ସମୟରେ ଦର୍ପଣ ଅତିରିକ୍ତ ତହସିଲଦାର ବିରଜାପ୍ରସନ୍ନ ରାୟ ,ବଡ଼ଚଣା ଥାନା ଅଧିକାରୀ ସୁରେନ୍ଦ୍ରକୁମାର ଜେନା,ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ପାଙ୍ଗାରୀଙ୍କ ସହିତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ପୋଲିସ ଇନ୍ସପେକ୍ଟର ମଧୁସ୍ମିତା ବେହେରା ନିଲମ୍ବିତ



ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲା ବଡଚଣା ଥାନାର ପୂର୍ବତନ ଥାନା ଅଧିକାରୀଣୀ ମଧୁଶ୍ମିତା ବେହେରାଙ୍କୁ କାର୍ଯ୍ୟରେ ଅବହେଳା ଓ କାର୍ଯ୍ୟକ୍ଷେତ୍ରରେ ଅନୈକିକତା ପ୍ରଦର୍ଶନ ପାଇଁ ଶନିବାର ଦିନ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ପୋଲିସ ମୁଖ୍ୟାଳୟରୁ ଏହି ନିର୍ଦ୍ଦେଶ ପ୍ରକାଶିତ ହେବାପରେ ଗତ ପ୍ରାୟ ଏକମାସ ହେବ ଶ୍ରୀମତୀ ବେହେରାଙ୍କ କାର୍ଯ୍ୟ ଧାରାକୁ ନେଇ ଉପୁଜିଥିବା ବିବାଦ ଓ ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଶ୍ରୀମତୀ ବେହେରା ବଡଚଣା ଥାନାରେ ଗତ ୪ମାସ ତଳେ ଯୋଗଦେବା ପରେ ବେଆଇନ ଗୋ ଚାଲାଣକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ସମସ୍ତଙ୍କ ପ୍ରିୟପାତ୍ର ହୋଇଥିଲେ। ହେଲେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲିର ଜଣେ ଔଷଧ ବ୍ୟବସାୟୀଙ୍କୁ ଥାନାରେ ଆକ୍ରୋଶ ମୂଳକଭାବେ ଅଟକ ରଖିବା ଓ ସେହି ଘଟଣାରେ ଦୁଇଜଣ ବାହାର ବ୍ୟକ୍ତି ସଂପୃକ୍ତ ଅଟକ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ଠାରୁ ଟଙ୍କା ଆଦାୟ କରିବା ଘଟଣାରେ ଶ୍ରୀମତୀ ବେହେରା ବିବାଦୀୟ ହୋଇପଡିଥିଲେ। ଏହି ଘଟଣାକୁ ନେଇ ତାଙ୍କ ବିରୁଦ୍ଧରେ ଉଚସ୍ତରୀୟ ତଦନ୍ତ କରାଯାଇଥିଲା। ତେବେ ତଦନ୍ତ ଚାଲୁରହିଥିବା ସମୟରେ ତାଙ୍କୁ ଗତ ସେପ୍ଟେମ୍ବର ୭ ତାରିଖ ରାତିରେ ହଠାତ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରି ଦିଆଯାଇଥିଲା ଓ ଶନିବାର ଦିନ ତାଙ୍କୁ ନିଲମ୍ବିତ କରାଯାଇଛି। ତେବେ ପରବର୍ତ୍ତୀ ନିର୍ଦ୍ଦେଶନାମା ଯାରୀ ହେବା ପର୍ଯ୍ୟନ୍ତ ସେ ପାଣିକୋଇଲି ସ୍ଥିତ ଯାଜପୁର ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଶୃଙ୍ଖଳିତ ଭାବେ ଉପସ୍ଥିତ ରହିବେ ଓ ତାଙ୍କୁ ସରକାରୀ ନିୟମ ତଥା ଓଡିଶା ସର୍ଭିସ ରୁଲର ଧାରା ୯୦ ଅନୁଯାଇ ଧାର୍ଯ୍ୟ ଦରମା ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ପ୍ରଦାନ କରାଯିବ ବୋଲି ପୋଲିସ ମୁଖ୍ୟାଳୟରୁ ପ୍ରକାଶିତ ନିର୍ଦ୍ଦେଶ ନାମାରେ ଉଲେଖ କରାଯାଇଛି ।

## ଟ୍ୟୁବ୍‌ୱେଲ ଖୋଳା ବିବାଦ

## ଆପୋସ ବୁଝାମଣାରେ ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରିବ : ଯନ୍ତ୍ରୀ ସୁଧାକର



ବାଲିଚନ୍ଦ୍ରପୁର, (ସବ୍ୟୁ) :ଗୋଟିଏ ଟିଓ୍ୱେଲ ଖୋଳା ହେବାକୁ ନେଇ ଦୁଇ ଗୋଟି ଜିଲ୍ଲା ମଧ୍ୟରେ ବିବାଦ ଉପୁଜିଛି । ଗୋଟିଏ ନିର୍ବାଚନ ମଣ୍ଡଳୀ ଯାଜପୁର ଜିଲ୍ଲାର ବଡ଼ଚଣା ହୋଇଥିବା ବେଳେ ଅନ୍ୟ ଏକ ନିର୍ବାଚନ ମଣ୍ଡଳୀ କଟକ ଜିଲ୍ଲାର ମାହାଙ୍ଗା ଅଟେ । ଉଭୟ ନିର୍ବାଚନ ମଣ୍ଡଳୀ ପରସ୍ପରକୁ ଲାଗିରହିଥିଲା ବେଳେ ନଳକୂପ ଖୋଳିବାକୁ ନେଇ ସୀମା ବିବାଦ ଦେଖାଦେଇଛି । ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଲଳିତଗିରି ପଞ୍ଚାୟତକୁ ଲାଗି ବଡ଼ଚଣା ନିର୍ବାଚନ ମଣ୍ଡଳୀର ନଳୀପୁର ଗ୍ରାମ ପଞ୍ଚାୟତ ରହିଅଛି । କିନ୍ତୁ ଜମି ଜମା ବାବଦରେ ଲଳିତଗିରି ପଞ୍ଚାୟତବାସୀଙ୍କ ପକ୍ଷରୁ ଅପତି ଉଠିଛି । ଯେଉଁଠି ପୂର୍ବରୁ କଟକ ଜିଲ୍ଲାର ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ସ୍ଥାୟୀ କାର୍ଯ୍ୟ ନିର୍ମାଣ କରାଯାଇଛି ସେଠାରେ କିପରି ଯାଜପୁର ଜିଲ୍ଲାର ସରକାରୀ ଅନୁଦାନ ଖର୍ଚ୍ଚ ହେବ । ଅର୍ଥାତ୍ ବଡ଼ଚଣା ବ୍ଲକ ନଳୀପୁର ପଞ୍ଚାୟତର ଟଙ୍କା ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତରେ ଖର୍ଚ୍ଚ କରାଯାଉଛି । ଯାହା କି ନିର୍ବାଚନ ମଣ୍ଡଳୀ ଓ ଜିଲ୍ଲା ଭିନ୍ନ ଭିନ୍ନ ଅଟେ । କିପରି ଗୋଟିଏ ଜିଲ୍ଲାର ସରକାରୀ ଅନୁଦାନ ଅନ୍ୟ ଗୋଟିଏ ଜିଲ୍ଲାରେ ଖର୍ଚ୍ଚ କରାଯାଉଛି ତାହା ସମସ୍ତଙ୍କୁ ଚକିତ କରିଛି । ଯେହେତୁ ଉଭୟ ଜିଲ୍ଲାର ସୀମାନ୍ତବର୍ତ୍ତି ଅଞ୍ଚଳର ହେଉଛି ସେଥିପାଇଁ କିଛି ଲୋକ ଉକ୍ତ ସ୍ଥାନକୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କହୁଥିବା ବେଳେ କିଛି ଲୋକ ବଡ଼ଚଣା ନିର୍ବାଚନ ମଣ୍ଡଳୀର ବୋଲି ଦାବି କରୁଛନ୍ତି । ତେବେ ପୂର୍ବରୁ ଉକ୍ତ ଅଞ୍ଚଳରେ ୧୦୦ ଫୁଟ ଭିତରେ ଗୋଟିଏ ମାହାଙ୍ଗା ପଟରୁ ସ୍ଥାପନା ହୋଇଥିବା ବେଳେ ଆଉ ଗୋଟିଏ ବଡ଼ଚଣା ପକ୍ଷରୁ ସ୍ଥାପନା ହୋଇଛି । ତେବେ ଦୁଇ ଗୋଟି ନଳକୂପ ଥିବା ବେଳେ କାହିଁକି ତାହା ମଝିରେ ଆଉ ଏକ ନଳକୂପ ଆବଶ୍ୟକ ପଡ଼ିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ଚଣ୍ଡିଖୋଲ ଆର.ଡବ୍ଲ୍ୟୁ. ଏସ.ଏସ ର ଯନ୍ତ୍ରୀ ସୁଧାକର ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ଉକ୍ତ ସ୍ଥାନରେ କାର୍ଯ୍ୟ ବନ୍ଦ ଅଛି । ମାତ୍ର ଯନ୍ତ୍ରୀଙ୍କର ଉତ୍ତରକୁ ପରଖିବା ପାଇଁ ଘଟଣାସ୍ଥଳକୁ ଯାଇ ଦେଖିଲା ବେଳକୁ କାର୍ଯ୍ୟ ଚାଲୁରହିଛି । ପୁନର୍ବାର ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ସେ କହନ୍ତି ଆପୋସ ବୁଝାମଣାରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରିବ । କେତେ ଟଙ୍କାର ପ୍ରକଳ୍ପ ଓ ଠିକାସଂସ୍ଥା କିଏ ବୋଲି ପ୍ରଶ୍ନ କରିବାରୁ ଯନ୍ତ୍ରୀ ଜଣଙ୍କ ପ୍ରଶ୍ନକୁ ଏଡ଼ାଇ ଦେଇଛନ୍ତି । ଏଠାରେ ପ୍ରଶ୍ନ ଉଠେ ୧୦୦ ମିଟର ମଧ୍ୟରେ ଦୁଇ ଗୋଟି ନଳକୂପ ଥିବା ବେଳେ ମଧ୍ୟ ଭାଗରେ ଆଉ ଗୋଟିଏ ନଳକୂପ କାହିଁକି ଆବଶ୍ୟକ ପଡ଼ିଲା ଉତ୍ତରରେ ଯନ୍ତ୍ରୀ ଜଣଙ୍କ କହନ୍ତି ସୋମବାର ମୁଁ କ୍ଷେତ୍ର ପରିଦର୍ଶନ କରିବି । ତେବେ ପାନୀୟ ଜଳ ବିଭାଗ ରାଜସ୍ୱ ବିଭାଗର ଦାୟିତ୍ୱ ନିଜ ମୁଣ୍ଡକୁ ନେଇ ସମାଧାନ କରିପାରୁଥିବାରୁ ପାନୀୟ ଜଳ ବିଭାଗ ଯନ୍ତ୍ରୀଙ୍କୁ ଜଣେ ଦକ୍ଷ ଅଧିକାରୀ ଭାବେ ବିବେଚନା କରିପାରିବା । ଉପରୋକ୍ତ ସୀମା ବାବଦକୁ ଉଭୟ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବୃଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ୨ ଗୋରୁ ବୋଝେଇ ଗାଡ଼ି ଜବତ

ମଙ୍ଗଳପୁର,(ସବ୍ୟୁ) : ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗଦଳ ଦଶରଥପୁର ପ୍ରଖଣ୍ଡର କାର୍ଯ୍ୟକର୍ତ୍ତା ମାନେ ଆଜି ୨ଟି ଗୋରୁ ବୋଝେଇ ଗାଡି କନିକାପଡା ପଞ୍ଚାୟତସ୍ତ ବୌଲାଙ୍ଗ ବଜାର ନିକଟରୁ ଧରିବା ସହ ମଙ୍ଗଳପୁର ପୋଲିସ ଜିମା ଦେଇଥିଲେ। ଗାଡି ନମ୍ବର ଓଡି୩୪ଇ୨୨୨୬ ଏବଂ ଓଡି୦୫ କେ୮୧୪୯ ହୋଇଥିବାବେଳେ ଏଥିରେ ୮ ଟି ଗୋରୁ ଥିଲା। ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର ଗୋ ସୁରକ୍ଷା ପ୍ରମୁଖ ଲୋକନାଥ ଦାସ, ଦେବାଶିଷ ଦେବ, ବିଶ୍ୱଜିତ ବେହେରା, ଅମରେନ୍ଦ୍ର ସେଠି, ଦିପ୍ତୀରଞ୍ଜନ ଯେନା, ରାମକୃଷ୍ଣ ଦାସ, ଆକାଶ ଯେନା ପ୍ରମୁଖ ଗାଡି ଦୁଇଟିକୁ ମଙ୍ଗଳପୁର ଥାନାରେ ଜିମା ଦେବା ସହିତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବେଆଇନ୍ ଗୋରୁ ଚାଲାଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଥିବାବେଳେ ମଙ୍ଗଳପୁର ପୋଲିସ୍ ମାମଲାକୁ ରୁଜ୍ କରି ଅଧିକ ତଦନ୍ତ ଜାରି ରଖିଛି।

## ଆବଶ୍ୟକ ସାର ଅଭାବରୁ ଆବଣ୍ଟନରେ ବାଧା

ରଘୁନାଥପୁର,(ସବ୍ୟୁ) : ସାର ଅଭାବରୁ ଚାଷୀ ମହଲରେ ହାହାକାର ସୃଷ୍ଟି ହୋଇଛିଛ ଧାନ ଫସଲର ଉନ୍ନତ ଅମଳ ପାଇଁ ଆଜି କାଲି ଚାଷୀ ମାନେ ହାଇବ୍ରିଡ ଧାନ ବିହନ ବ୍ୟବହାର କରୁଛନ୍ତି। ଏହି କିସମର ଧାନ ଫସଲ ପାଇଁ ସାଧାରଣତଃ ରାସାୟନିକ ସାର ଉପରେ ନିର୍ଭର କରିବାକୁ ପଡିଥାଏ। ବର୍ତ୍ତମାନ ରାଜ୍ୟରେ ସାରର ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ରଘୁନାଥପୁର ବ୍ଲକ ଅଂଚଳରେ ସାରା ଅଭାବରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପୂର୍ବରୁ ଚାଷୀମାନେ ସାର ବ୍ୟବସାୟୀଙ୍କଠାରୁ ଲୁଚାଛପାରେ ଅଧିକ ଦରରେୟୁରିଆ ସାର କ୍ରୟ କରି ନିଜର ଆବଶ୍ୟକତାକୁ ପରିପୂରଣ କରୁଥିବା ବେଳେ ସରକାରୀ ସ୍ତରରେ ଧରପଗଡ ପରେ ସେମାନେ ଆଉ ସାର ଆଣିବାକୁ ମନ ବଳାଇ ନଥିବାରୁ ଏହାର ପ୍ରଭାବ ଚାଷୀଙ୍କ ଉପରେ ଦେଖିବାକୁ ମିଳିଛି। ଗତ ୪ଦିନ ତଳେ ଏହି ବ୍ଲକକୁ ମାର୍କଫେଡ୍ ଜରିଆରେ ୨୨୦ବସ୍ତା ସାର ଆସିଥିଲା। ଚାଷୀ ମାନଙ୍କ ନିକଟରେ ସାର ପହଞ୍ଚାଇବା ପାଇଁ ଏଥିରୁ ୧୧୦ବସ୍ତା ଜଗନ୍ନାଥପୁର ସମବାୟ ସମିତିକୁ ଦିଆ ଯାଇଥିବା ବେଳେ ୧୧୦ ବସ୍ତାୟୁରିଆ ସାର ଗୁଆଲିପୁର ସମବାୟ ସମିତିକୁ ଦିଆ ଯାଇଥିଲା। ଏହି ଅଞ୍ଚଳରେ ବର୍ତ୍ତମାନୟୁରିଆ ସାରର ଢେର ଆବଶ୍ୟକତା ଥିବା ବେଳେ ଏତେ ସ୍ୱଳ୍ପ ସାରକୁ ଆବଣ୍ଟନ କରିବାରେ ସମିତି ଦୁଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ସମବାୟ ସମିତିକୁ ସାର ଆସିଥିବା ଖବର ପ୍ରଚାରିତ ହେବା ସାର ନେବାପାଇଁ ପ୍ରତି ସମିତି ସମ୍ମୁଖରେ ୭୦୦ରୁ ୮୦୦ଚାଷୀ ଅପେକ୍ଷା କରିଥିବା ଲକ୍ଷ୍ୟ କରି ସମିତି ଗୁଡିକ ସାର ଆବଣ୍ଟନକୁ ସ୍ଥଗିତ ରଖିବାକୁ ବାଧ ହୋଇଛନ୍ତ। ଫଳରେ ସାର ବସ୍ତା ଗୁଡ଼ିକ ସମିତି ଗୋଦାମ ଘରେ ପଡି ରହି ନଷ୍ଟ ହେବାକୁ ଲାଗିଲାଣି ଏଥି ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆଇନ ବିଶ୍ୱ ବିଦ୍ୟାଳୟ ସିଣ୍ଡିକେଟ୍ ସଦସ୍ୟ ହେଲେ ପିପି କଲେଜ ଅଧକ୍ଷା

ନିଶ୍ଚିନ୍ତକୋଇଲି, (ସବ୍ୟୁ) :ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଅଧକ୍ଷା ପ୍ରାଧାପିକା ଡ଼ଃ ତରୁଲତା ଦେବୀ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଆଇନ ୨୦୨୪ ଅନୁଯାୟୀ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଡ଼ଃ ଶ୍ରୀମତୀ ଦେବୀଙ୍କୁ ଏହି ପଦବୀ ପାଇଁ ଚୟନ କରିଥିଲେ। ତାଙ୍କର ଏହି ଅନନ୍ୟ ସ୍ୱୀକୃତି ପାଇଁ ମହାବିଦ୍ୟାଳୟ ଅଧାପକ କର୍ମଚାରୀ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି। ଅଧାପକ ଡ଼ଃ ପଦ୍ମଲୋଚନ ରାଉତଙ୍କ ସଂଯୋଜନାରେ ଏଥିରେ ପ୍ରାଧାପକ ରଶ୍ମୀରଂଜନ ପଟ୍ଟନାୟକ, ଡ଼ଃ ଦେବଯାନୀ ସିହ୍ନା, ଡ଼ଃ ଅଲେଖ ଚନ୍ଦ୍ର ସାମଲ, ଡ଼ଃ ପ୍ରସନ୍ନ କୁମାର ଦାସ, ଅଧାପକ ନୀଳକଣ୍ଠ ସାହୁ, ଅମରିଶ ସ୍ୱାଇଁ, ଶିଶିର କୁମାର ସାହୁ, ଅଧାପକ ମାମାଲି ପ୍ରିୟଦର୍ଶିନୀ, ପ୍ରୀତିଶ୍ରୀ ଦାସ, ସୁମନରାଣୀ ବେହେରା, ପୁଷ୍ପଲତା ବେହେରା, ସୁମିତ୍ରା ମୁଦୁଲୀ, ମଧୁସ୍ମିତା ପାଲ, ଦେବସ୍ମିତା କରଙ୍କ ସମେତ କଲେଜର ସମସ୍ତ ଅଧାପକ



ଅଧାପିକା ଓ କର୍ମଚାରୀମାନେ ତାଙ୍କ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ନାବାଳିକା ଗର୍ଭବତୀ , ଅଭିଯୁକ୍ତ ଗିରଫ

ଧର୍ମଶାଳା,(ସବ୍ୟୁ) :ବାପ ଝିଅର ସମ୍ପର୍କକୁ ଏକ ପବିତ୍ର ସମ୍ପର୍କ ବୋଲି ପୁରାଣରେ ବର୍ଣ୍ଣିତ ରହିଛି। ଏଭଳି ଏକ ପବିତ୍ର ସମ୍ପର୍କରେ କଳଙ୍କ ଲାଗିଥିବା ବେଳେ ଏଭଳି ଅଭାବନୀୟ ଘଟଣା ସମସ୍ତଙ୍କୁ ବିଚଳିତ କରିଛି। ଜଣେ ବାପା ନିଜର ଜଣେ ପୋଷ୍ୟ ଝିଅ ସହିତ ଶାରିରୀକ ସମ୍ପର୍କ ରକ୍ଷା କରି ତାକୁ ଅନ୍ତସତା କରିଦେଇଥିବା ଘଟଣା ସମଗ୍ର ଧର୍ମଶାଳା ଅଂଚଳରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଧର୍ମଶାଳା ଥାନା ମିର୍ଜାପୁର ଗ୍ରାମରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଝିଅ କରି ରଖିଥିବା ଜନୈକା ନାବାଳିକା ସହିତ ଶାରିରୀକ ସମ୍ପର୍କ ରଖି ତାକୁ ଗର୍ଭବତୀ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଥାନା ମିର୍ଜାପୁର ଗ୍ରାମର ଦିବ୍ୟାଙ୍ଗ ଅର୍ଜୁନ ବେହେରା (୪୫) ଜଣେ ନାବାଳିକାକୁ ନିଜର ଝିଅ କରି ଘରେ ରଖିଥିଲେ। ଅର୍ଜୁନ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ନାବାଳିକାଟି ତାଙ୍କର ସେବା ସୁଶ୍ରୁସା କରି ତାଙ୍କ ଘରେ ରହୁଥିଲା। ଏହାର ସୁଯୋଗନେଇ ଅର୍ଜୁନ ଉକ୍ତ ନାବାଳିକା ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବା ଫଳରେ ସେ ୫ ମାସର ଗର୍ଭବତୀ ହୋଇଥିବା ଜଣାପଡିଛି। ତେବେ ଲୋକଲଜ୍ୟା ଯୋଗୁଁ ପୀଡିତା ଜଣକ ନିଜ ଘରେ ଏସମ୍ପର୍କରେ ଜଣାଇ ନଥିଲା। ଅନ୍ୟପକ୍ଷେ କାହାରିକୁ କହିଲେ ତାକୁ ଜୀବନରୁ ମାରିଦିଆଯିବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା ବୋଲି ପୀଡିତା ତାର ମା ଆଗରେ କହିଛି । ତେବେ ଏନେଇ ପୀଡିତାର ମା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୫୭୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଅର୍ଜୁନକୁ ଗିରଫ କରି ଡକ୍ତରୀ ମାଇନା କରିବା ପରେ ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ସେହିପର ପୀଡିତା ନାବାଳିକାର ୧୬୪ ରେକର୍ଡ ବୟାନ କରାଯିବା ପାଇଁ ତାକୁ ଯାଜପୁର ଟାଉନସ୍ଥିତ ସଟଷ୍ଟେ ହୋମରେ ରଖାଯାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

## ଏସ୍‌ଏନ କଲେଜରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ରାଜକନିକା ,(ସବ୍ୟୁ) : ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ବିଶ୍ ପ୍ରାଥମିକ ଚିକିତ୍ସା ଦିବସରେ 'ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ' କାର୍ଯ୍ୟକ୍ରମ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି। ପ୍ରତ୍ୟେକ ବର୍ଷ ସେପେଫମ୍ବର ମାସର ୨ୟ ଶନିବାରରେ ପାଳନ କରାଯାଉଥିବା ଏହି ଦିବସ ଚଳିତ ବର୍ଷ ସେପେଫମ୍ବର ମାସ ୧୩ ତାରିଖରେ ପାଳିତ ହୋଇଛି। ଏଥିରେ ଯୁବ ରେଡକ୍ରସ୍ ର କାଉନସିଲର କାହ୍ନୁଚରଣ ପଢ଼ିଆରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟତମ କାଉନସିଲର ଶ୍ରୀମତୀ ତପସ୍ୱିନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟା ଡ଼ଃ ମିଥିଳା ଦାସ ଓ ଇଂରାଜୀ ବିଭାଗର ମୁଖ୍ୟ ଡ଼ଃ ସଞ୍ଜୀବ କୁମାର ଦାଶ ଜଳବାୟୁ ପରିବର୍ତ୍ତନ ସମୟରେ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ଏବଂ ଉପଯୋଗୀତା ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ପ୍ରଫେସର ଅନିଲ କୁମାର ନାହାକ, କାଳନ୍ଦୀ ମଲ୍ଲିକ, ସୁରଜ୍ କୁମାର ତନ୍ତୀ ଏବଂ ଶତାଧିକ ଯୁବ ରେଡକ୍ରସ୍ ର ସ୍ୱେଚ୍ଛାସେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ବାଲି ବୋଝେଇ ହାଇୱା ଓ ମିନିଟ୍ରକ ଜବତ

ପାଣିକୋଇଲି,(ସବ୍ୟୁ) :ବେଆଇନ ବାଲି ଚାଲାଣ ଉପରେ ଖଣି ବିଭାଗ ଚଢାଉ ଜାରି ରଖିଛି। ଏହି କ୍ରମରେ ଆଜି ଖଣି ବିଭାଗ ପକ୍ଷରୁ ସଠିପୁର ଠାରେ ବେଆଇନ ବାଲି ଚାଲାଣ ହେଉଥିବା ଖବର ପାଇ ଖଣିବିଭାଗ ଚଢାଉ କରିଥିଲା। ସେଠାରେ ହାଇଓ୍ୱା ଓ ମିନିଟ୍ରକରେ ବାଲି ଆସୁଥିବା ବେଳେ ତାକୁ ଅଟକାଇ ଯାଂଚ କରାଯାଇଥିଲା। ହେଲେ ସେମାନେ ବେଆଇନ ବାଲି ଚାଲାଣ ଜାଣିବା ପରେ ଉକ୍ତ ଗାଡି ଦୁଇଟିକୁ ଖଣି ବିଭାଗ ଜବତ କରି ପାଣିକୋଇଲି ପୁଲିସକୁ ଜବତ କରିଥିଲେ। ଏହି ଚଢାଉରେ ଜୁନିୟର ମାଇନିଂଗ ଅଧିକାରୀ ଅଶୋକ କୁମାର ମହାନ୍ତି, ଶେଖର କୁମାର ମହାନ୍ତି, ଦିପ୍ତିରେଖା ସେଠୀଙ୍କ ସମତେ ପୁଲିସ ଉପସ୍ଥିତ ରହିଥିଲ ।

## ଅସହାୟ ବୃଦ୍ଧଙ୍କ ସାକ୍ଷୀ ପାଇଁ ଘରେ ପହଁଚିଲେ କୋର୍ଟ କର୍ମଚାରୀ

କେନ୍ଦ୍ରାପଡା,(ସବ୍ୟୁ) : ଏକ ଭରଣ ପୋଷଣର ମାମଲା ବହୁତ ଦିନ ବିଚାରଧିନ ରହିଥିଲା । ଏଥିରେ ସାକ୍ଷୀ ଜଣକ ବୟସର ଶେଷ ସୀମାରେ ଥିବାରୁ କୋର୍ଟକୁ ଆସି ସାକ୍ଷୀ ଦେବା ତାଙ୍କ ପକ୍ଷରେ ସମ୍ଭବ ନଥିବାରୁ ମାନ୍ୟବର ବିଚାରପତିଙ୍କ ନିର୍ଦ୍ଦେଶରେ କୋର୍ଟ କର୍ମଚାରୀ କମ୍ପ୍ୟୁଟର ସହ ତାଙ୍କ ଘରେ ପହଁଚି ସାକ୍ଷ୍ୟ କାର୍ଯ୍ୟକ୍ରମ କରିଥିଲେ । ଘଟଣାରୁ ପ୍ରକାଶ ଯେ ପରିବାର ଅଦାଲତର ସି.ପି କେଶ୍ ନମ୍ବର- ୧୧୮/୨୦ରେ ମୋନାଲିସା ପରିଡା ତାଙ୍କ ସ୍ୱାମୀର ମୃତ୍ୟୁ ପରେ ଶ୍ୱଶୁରଙ୍କ ଠାରୁ ଭରଣ ପୋଷଣ ପାଇଁ ମାମଲା ରୁଜୁ କରିଛି" । ଶ୍ୱଶୁର ଶଙ୍କର୍ଷଣ ପରିଡା (୮୩) ଏରା ଗ୍ରାମର ଅସୁସ୍ଥ ଥାଇ ଶଯ୍ୟାଶାୟୀ ଥିବାରୁ କୋର୍ଟରେ ପହଁଚି ସାକ୍ଷ୍ୟ ଦେବା ସମ୍ଭବ ନ ହେବାରୁ ମାନ୍ୟବର ପରିବାର ଅଦାଲତ୍ ବିଚାରପତି ଦେବାଶିଷ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କମ୍ପ୍ୟୁଟର କିରାଣୀ ମନୋଜ କୁମାର ସ୍ୱାଇଁ ଓ ଉତ୍ତମ ପ୍ରସାଦ ଜେନା ତାଙ୍କ ଘରେ ପହଁଚି ଭିଡିଓ ମାଧ୍ୟମରେ ସାକ୍ଷ୍ୟ କାର୍ଯ୍ୟକ୍ରମ କରିଥିଲେ ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ପ୍ରଥମଖଣ୍ଡ ପଂଚାୟତ ଗୋପାଳପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାରଣା ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ରାଜେନ୍ଦ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକରୁ ଅବସର ନେଇଥିଲେ। ତାଂକ ମୃତ୍ୟୁରେ ପୁଅ ମାୟାଧର ମହାରଣା, ରନିାକର ମହାରଣା, ପ୍ରଫୁଲ୍ଲ ମହାରଣା, ଜ୍ୟୋସ୍ନା ମହାରଣା, ଅପର୍ଣ୍ଣା ସାମଲ ଓ ବନ୍ଧୁ ପରିବାର ଶୋକ ପ୍ରକଟ କରିଛନ୍ତି।ଗୋପାଳପୁର ଓ ରାଜେନ୍ଦ୍ର ପୁର ଅଂଚଳ ରେ ଜଣେ ସ୍ନେହୀ ପରୋପକାରୀ ଶିକ୍ଷକ ଭାବେ ପରିଚିତ ଥିଲେ।

## କିଶୋର ନ୍ୟାୟ ଆଇନ ସମ୍ବନ୍ଧିତ ଦିନିକିଆ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର, ତା୧୩.୦୯.୨୫ ରିଖ:ଆଜି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ତଥା ମହିଳା ଓ ଶିଶୁ ବିକାଶ ବିଭାଗ ର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ରେ କିଶୋର ନ୍ୟାୟ ଅଧିନିୟମ (୨୦୧୫), ଯୌନ ଶୋଷଣ ରୁ ଶିଶୁ ମାନଙ୍କ ସୁରକ୍ଷା ଅଧିନିୟମ ୨୦୧୨ ସମ୍ପର୍କରେ ଏକ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିକାର୍ଯ୍ୟକ୍ରମ ରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କିଶୋର/କିଶୋରୀ ଙ୍କର ଉନ୍ନତି ତଥା ସେମାନଙ୍କୁ ଅପରାଧିକ ମନୋବୃତ୍ତିରୁ ନିବୃତ୍ତ କରି ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ମାନଙ୍କୁ ଉପଦେଶ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଉପସ୍ଥିତ ରହି ପୋଲିସ୍ ତଥା ପ୍ରଶାସନ ର ମିଳିତ ସହଯୋଗ ରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ରାଜ କିଶୋର ପାଇକରାୟ କିଶୋର ନ୍ୟାୟ ଆଇନ ( କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ ଚିଲାଂରେନ୍ ଆଇନ୍) ୨୦୧୫, ସ୍ୱତନ୍ତ୍ର କିଶୋର ନ୍ୟାୟ ପରିଷଦର କର୍ମକର୍ତ୍ତା ମାନଙ୍କର ଦାୟି, କିଶୋର ନ୍ୟାୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ , ପୋକସୋ ଆଇନ୍ ୨୦୧୨, ଏବଂ ଓଡ଼ିଶା ଭିକଟିମ କମ୍ପେନ୍ସେଶନ୍ ଯୋଜନା ୨୦୧୮ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ୧୮ ବର୍ଷରୁ କମ୍ ଆଇନ୍ ସହ ଦ୍ୱନ୍ଦରେ ଥିବା ପିଲାମାନଙ୍କ କ୍ଷେତ୍ରରେ ବେଷ୍ଟ ଇଣ୍ଟରେଷ୍ଟ ଅଫ ଚାଇଲାଂ ବା କିଶୋର ମାନଙ୍କର ସମୂହ ଉନ୍ନତି କୁ ପ୍ରାଧାନ୍ୟ ଦେଇ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚି ଏବଂ ସେମାନଙ୍କର ମାନସିକ ସ୍ଥିତିକୁ ଦୃଷ୍ଟିରେ ରଖି ପୀଡ଼ିତ ବା ପୀଡ଼ିତା ଙ୍କର ପରିଚୟ ମଧ୍ୟ ଗୋପନ ରଖାଯିବା ଉଚିବୋଲି ସେ କହିଥିଲେ। ଏହାପରେ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ସମାହିତ ଭାବେ ପ୍ରଦାନ କରିଥିଲେ ଶ୍ରୀ ପାଇକରାୟ। ଏହି ଆଲୋଚନାତ୍ମକ କାର୍ଯ୍ୟକ୍ରମ ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,କିଶୋର ନ୍ୟାୟ ପରିଷଦର ସଦସ୍ୟ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ମାନେ,ଶିଶୁ ଯନି ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ମଙ୍ଗଳ ଅଧିକାରୀ, ସ୍ୱତନ୍ତ୍ର ପୋଲିସୟୁନିଟ ର କର୍ମକର୍ତ୍ତା, ସମସ୍ତ ଥାନାର ଗରPU ସଦସ୍ୟ, ପାରା ଲିଗାଲ ଭଲ୍ୟୁଣ୍ଟିଅର ,ଓ୍ୱାନ ଷ୍ଟପ୍ ସେଣ୍ଟର, ଚାଇଲାଂ ହେଲ୍ପ ଲାଇନ ର କର୍ମକର୍ତ୍ତା, ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭ ରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଜଗଦିଶ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷାୟୁନିଟ ର ଲିଗାଲ କମ୍ ପ୍ରୋବେସନ୍ ଅଫିସର ଜଗନ୍ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ସହଯୋଗରେ ଟାଟା ଷ୍ଟିଲ୍ ପକ୍ଷରୁ ୟାଟ୍ସ ଆୟୋଜିତ


ଦାନଗଦି (ସବ୍ୟୁ) / ବ୍ୟାସନଗର (ଜିପ୍ର) : ଡୁବୁରି ସ୍ଥିତ କପିଳେଶ୍ୱର ଉଚ୍ଚବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ଜ୍ୟୋତିର୍ବିଜ୍ଞାନ ଅନେ୍ୱଷଣ କାର୍ଯ୍ୟକ୍ରମ (ୟାଟ୍ସ)ର ୧୯ତମ ସଂସ୍କରଣରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନସ୍ଥ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍, ଭୁବନେଶ୍ୱର ସହଯୋଗରେୟାଟ୍ସ ଅନୁଷ୍ଠିତ ହୋଇଯାଇଛି।

କପିଳେଶ୍ୱର ଉଚ୍ଚବିଦ୍ୟାଳୟ ପକ୍ଷରୁୟାଟ୍ସ ଆୟୋଜନ କରାଯାଇଥିଲା ଯେଉଁଥିରେ ପ୍ରଧାନଶିକ୍ଷକ ଆଦିତ୍ୟ କୁମାର ବାରିକଙ୍କ ମାର୍ଗଦର୍ଶନରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ସ୍କୁଲରେ ଏମ୍ସିକ୍ୟୁ ଅନୁଶୀଳନ ଓ ମୁକ୍ତ କୁଇଜ୍ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଡୁବୁରି ଅଂଚଳର ବରିଷ୍ଠ ସାମ୍ବାଦିକ କପିଳେନ୍ଦ୍ର ମହାନ୍ତ, ବିଶ୍ୱନାଥ ସାହୁ, ସଞ୍ଜୀବ ମହାନ୍ତ, ବିଜୟରଶ୍ମି ତ୍ରିପାଠୀ, ସରୋଜ ନାୟକ ଓ ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।ୟାଟ୍ସ ୨୦୨୫ ସଂସ୍କରଣର ବିଷୟବସ୍ତୁ ରହିଛି ଆଜିର ନକ୍ଷତ୍ରଦର୍ଶୀ କାଲିର ମହାକାଶଚାରୀ" ଏବଂ ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମୁକ୍ତ କୁଇଜ୍ ଏବଂ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କ ପାଇଁ ବହୁବିଧ ପସନ୍ଦ ପ୍ରଶ୍ନ (ଏମ୍ସିକ୍ୟୁ) ପରୀକ୍ଷାକୁ ସ୍କୁଲରେ ଓ ଅନଲାଇନ୍ ମାଧ୍ୟମରେ ଆୟୋଜନ କରାଯାଇଛି। ୨୦୨୫ ଅଗଷ୍ଟ ୨୧ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଲୋକସେବା ଭବନରୁ ଶୁଭାରମ୍ଭ କରାଯାଇଥିବାୟାଟ୍ସର ୧୯ତମ ସଂସ୍କରଣ ଓଡ଼ିଶାର ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ମହାକାଶ ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନ ଉପରେ ସେମାନଙ୍କ ରହିଥିବା ଭାବନା ଓ ବିଶେଷତାକୁ ପରିପ୍ରକାଶ କରିବାର ମଂଚ ପ୍ରଦାନ କରୁଛି। ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଓ ମହାକାଶ ବିଜ୍ଞାନ ପ୍ରତି ପଠାଣୀ ସାମନ୍ତ ଭାବେ ପରିଚିତ କିମ୍ବଦନ୍ତୀ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ରାଙ୍କ ଅବଦାନର ପ୍ରସାର କରିବାକୁୟାଟ୍ସ ଲକ୍ଷ୍ୟ ରଖିଛି। ଓଡ଼ିଶାର ପ୍ରତି ଜିଲ୍ଲାରୁ ଚୟନ କରାଯାଉଥିବା ପ୍ରତିଯୋଗୀମାନଙ୍କୁ ୨୦୨୫ ଡିସେମ୍ବର ୧୩ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ପାଇଁ ଆମନ୍ତ୍ରଣ କରାଯିବା ସେହିଦିନ ବିଜେତାମାନଙ୍କ ନାମ ଘୋଷଣା କରାଯିବା ସହ ସେମାନଙ୍କୁ ପୁରସ୍କୃତ କରାଯିବାୟାଟ୍ସ ଗତ ୧୮ ବର୍ଷ ଧରି ମହାକାଶ ବିଜ୍ଞାନର ଚମତ୍କାରିତାକୁ ଅନେ୍ୱଷଣ କରିବା ପାଇଁ ଯୁବ ପ୍ରତିଭାମାନଙ୍କୁ ଅନୁପ୍ରାଣିତ କରୁଛି।ୟାଟ୍ସର ୧୮ତମ ସଂସ୍କରଣର ବିଜେତାମାନେ ୨୦୨୫ ମେ' ଶେଷ ସପ୍ତାହରେ ବେଙ୍ଗାଲୁରୁରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଇସ୍ରୋ ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ଓ୍ୱର୍କ (ଇସଟ୍ରାକ) ଓ୍ୟୁ ଆର୍ ରାଓ ଉପଗ୍ରହ କେନ୍ଦ୍ର (ୟୁଆରଏସସି) ପରିଦର୍ଶନ କରିଥିଲେ ଏବଂ କେନ୍ଦ୍ରର ନିର୍ଦ୍ଦେଶକଙ୍କ ସମେତ ମହାକାଶ ବିଜ୍ଞାନୀମାନଙ୍କ ସହ ଭାବ ବିନିମୟ କରିବାର ସୁଯୋଗ ପାଇଥିଲେ।

ୟାଟ୍ସର ଅତୁଲ୍ୟ ଯାତ୍ରାର ଏକ ଅଂଶ ହୋଇ କପିଳେଶ୍ୱର ଉଚ୍ଚବିଦ୍ୟାଳୟ ବେଶ୍ ଗର୍ବିତ ଏଭଳି ଅଭିଯାନ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମହାକାଶ ସ୍ୱପ୍ନକୁ ଅନୁସରଣ କରିବାରେ ଆମ ଛାତ୍ରଛାତ୍ରୀଙ୍କୁ ଅମୂଲ୍ୟ ସୁଯୋଗ ପ୍ରଦାନ କରିଛି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବାରିକ କହିଛନ୍ତି।

## ସାତବାଟିଆ ମେଲଣ ଧୁମ୍‌ଧାମରେ ପାଳିତ

ସାଲେପୁର,(ସବ୍ୟୁ) :ସାଲେପୁର ବ୍ଲକ୍ ଅନ୍ତର୍ଗତ ପଶ୍ଚିମ କଚ୍ଛ ପଞ୍ଚାୟାତରେ ଗଣେଶ ଓ ଖୁଦୁରୁକୁଣି ମେଢ଼ ପରିଦର୍ଶନ ସହ ମଝି ସାହି ମୁକ୍ତେଶ୍ୱର ତରୁଣ କ୍ଲବ୍ ମେମ୍ବରଙ୍କ ଆତିଥ୍ୟ ଗ୍ରହଣ କଲେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା। ଦୁଇଦିନଧରି ବେଶ ଧୁମଧାମରେ ଅନୁଷ୍ଠିତ ହୁଏ ପ୍ରଭୁ ଗଜାନନଙ୍କ ଭାଷାଣି ଉତ୍ସବ। ସାଲେପୁର ସାତବାଟିଆ ମେଲଣ ପଡ଼ିଆରେ ସାତବାଟିଆ ମୁକ୍ତେଶ୍ୱର ତରୁଣ କ୍ଲବ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥାଏ ପ୍ରଭୁ ଗଜାନନଙ୍କ ଭଷାଣି ଉତ୍ସବ। ମେଢ଼ ଗୁଡିକ ଏକାଠି ହେବାପରେ ପୂଜାର୍ଚ୍ଚନା ଭୋଗଲାଗି ହୋଇଥାଏ । ଏହି ମେଲଣରେ ସାତବାଟିଆ ତରୁଣ ବ୍ଲକ ପକ୍ଷରୁ ସ୍ଥାନୀୟ ବିଧାୟକଙ୍କ



ସମେତ ବହୁ ଯୁବକ ଓ ବୟସ୍କ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରଯାଇଥିଲା। ସାତବାଟିଆ ମେଲଣ ପଡ଼ିଆରେ ସାହି ମେଢ଼ ଗୁଡିକ ଏକତ୍ରିତ ହେବାପରେ ଏହି ମେଲଣ ରାତିଯାକ ଚାଲିବାପରେ ପରଦିନ ସକାଳୁ ସାତବାଟିଆ ନିକଟ କେନ୍ଦ୍ରାପଡ଼ା କେନାଲରେ ବିସର୍ଜନ ହୋଇଥାଏ। ଭଳିକିଭଳି ବାଜା ବାଣ ରୋଷଣୀରେ ମେଲଣପଡିଆ କମ୍ପିଉଠିଥାଏ। ମେଲଣ ଦେଖିବାପାଇଁ ଆଖପାଖ ଅଞ୍ଚଳର ଲୋକମାନଙ୍କ ଭିଡ଼ ଜମିଥାଏ। ଭାଇଚାରାର ମେଳଣ ଆଜିକୁ ୫୦ବର୍ଷରୁ ଉର୍ଦ୍ଧ ହେବ ଅନୁଷ୍ଠିତ ହୋଇଆସୁଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ସମସ୍ତପ୍ରକାର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥାଏ। ଏହି କାର୍ଯ୍ୟକ୍ରମରେ ବିଜେଡିର ଯୁବ ନେତା ରାଜେଶ ଭୁୟାଁ , ପୁଷ୍ପଜି ପ୍ରଧାନ,ତାରିଣୀ ପ୍ରାସାଦ ନାୟକଛ, ତୃପ୍ତି ରଂଜନ ମାର୍ଥା, ବିରଞ୍ଚି ନାରାୟଣ କର,ଶୁଭମ୍ ଦାଶ, ସଂଜୀତ ଦାଶ, ଜୟ ପ୍ରକାଶ ନାୟକ, ରଜତ ବେହେରା, ଦିବ୍ୟ ଜିତ ନାୟକ, ଉଦିତ ଆଦିତ୍ୟ ଭୂୟାଁ, ନରେଶ ମହାନ୍ତି, ରାଜେଶ ମହାନ୍ତି, ସମିମ୍ ଆଖତର, ସମିମ ଅଖଟର, ପ୍ରଭାତ ପାତ୍ର, ମନୋରଞ୍ଜନ ଦାଶ, ରଶ୍ମି ରଂଜନ ଦାସ, ସମ୍ବିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଥିଲେ ।

## ମଦ ଜବତ : ଜଣେ ଗିରଫ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକରେ ବ୍ୟାପକ ପରିମାଣରେ ଚୋରା ମଦ କାରବାର ବୃଦ୍ଧି ପାଉଛି । ଅନେକ ଗ୍ରାମରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନାହିଁ ।କେତେକ ସମୟରେ ଥାନା ହାବୁଡରେ ପଡ଼ିଲେ ଥାନା ତାଙ୍କୁ ଗିରଫ କରୁଛି ।ଆଜି ଉଦ୍ଦଣ୍ଡଗୋପା ଥାନା ପକ୍ଷରୁ ଚଢାଉ କରି ବିଶ୍ୱପୁର ତାରିଣୀ ଛକ ନିକାରୁ ସେହି ଗ୍ରାମର ଅନାମ ବଳିଆରସିଂହଙ୍କୁ ଗିରଫ କରିବା ସହ ତା ନିକଟରୁ ବିଭିନ୍ନ ବ୍ରାଣ୍ଡର ୯ ଲିଟର ୨୦ ମିଲିଗ୍ରାମ ବିଦେଶୀ ମଦ ଜବତ କରିଛି ।ଏନେଇ ୧୫୨/୨୦୨୫ ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସୁଧୀର କୁମାର ଦାସ ସୂଚନା ଦେଇଛନ୍ତି ।

## କଲେଜ ପରିସରରେ ପ୍ରତିଷ୍ଠାତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡ଼ା ସହରାଂଚଳର ମହିଳା ମହାବିଦ୍ୟାଳୟ ପରିସରରେ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ବିଂଶତ ପୂର୍ବତନ ବିଧାୟକ ଅରୁଣ ପଟ୍ଟନାୟକଙ୍କ ୨୯ତମ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଲେଜ ପରିସର ମଧ୍ୟରେ ଥିବା ପ୍ରତିମୂର୍ତ୍ତିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ବରିଷ୍ଠ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତିଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନଙ୍କ ସହିତ ଶତାଧିକ ଛାତ୍ରୀ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ୧୯୯୨ ମସିହାରେ ସ୍ୱର୍ଗତ ପଟ୍ଟନାୟକ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଏକମାତ୍ର ମହିଳା ଉଚ୍ଚ ଶିକ୍ଷା ଅନୁଷ୍ଠାନ ଭାବେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିଲେ। ଏହି ଉଦ୍ୟମ ସମଗ୍ର ଅଂଚଳ ପାଇଁ ନାରୀ ଶିକ୍ଷାର ପ୍ରସାର ଦିଗରେ ଏକ ମାଇଲ ଖୁଣ୍ଟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ନଦୀପଠାରୁ ଝୁଲନ୍ତା ମୃତ ଦେହ ଉଦ୍ଧାର

ଫୁଲନଖରା,(ସବ୍ୟୁ):ଉଲାଳୀ ଗ୍ରାମପଞ୍ଚାୟତ ବଡ ବାଲିସାହିର ବିଚ୍ଛୁ ଚୌଧୁରୀଙ୍କ ପୁଅ ଜଗନ୍ନାଥ ଚୌଧୁରୀଙ୍କ ଗଳିତ ମୃତ ଦେହ ତାଙ୍କ ଘରପାଖ ନଦୀ ପଠାରେ ଆଜି ଦିନରେ ଠାବ କରାଯାଇଛି । ସେ ତିନିରୁ ଚାରିଦିନ ହେବ ନିଖୋଜ ଥିଲେ ତାଙ୍କୁ ସ୍ଥାନୀୟ ଲୋକେ ନଦୀ ପଠାର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛନ୍ତି। ସେ ଫୁଲପ୍ୟାଣ୍ଟ ଓ ଫୁଲ ସାର୍ଟ ପିନ୍ଧିଥିବା ବେଳେ ତାଙ୍କର ମୋବାଇଲ ଫୋନଟି ପ୍ୟାଣ୍ଟ ପକେଟରେ ଥିବାର ଦେଖିବାକୁ ମିଳିଛି। ଘଟଣା ସ୍ଥଳକୁ ସଦର ଥାନାର ଥାନା ଅଧିକାରୀ ଶବକୁ ଜବତ କରି କଟକ ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର କଲେଜ ଛକ ନିକଟରେ ଶନିବାର ସନ୍ଧ୍ୟା ୭ଟା ୪୫ରେ ଏକ ଯାତ୍ରୀବାହୀ ବସ ସହିତ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତର ନଉପୁର ଗ୍ରାମର ବାଇକ ଆରୋହୀ ଲକ୍ଷ୍ମୀଧର ରାଉତ (୫୫)ରାଜପଥ ଉପରକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସତ୍ୟବାଦୀ ପୋଲିସ ଶବଟିକୁ ଜବତ କରିଛନ୍ତି । ଆସନ୍ତା କାଲି ରବିବାର ଶବ ବ୍ୟବଚ୍ଛେଦ କରାଯିବ । ସତ୍ୟବାଦୀ ପୋଲିସ ଘଟଣା ସ୍ଥଳରୁ ସମ୍ପୃକ୍ତ ବସ ଓ ମୋଟର ସାଇକେଲ ଜବତ କରି ତଦନ୍ତ ଜାରି ରଖିଛନ୍ତି ।

## ଛାମୁ ପାଟଣା ସାହିର ନୂତନ କର୍ମକର୍ତ୍ତା

କଣ୍ଟିଲୋ ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଛାମୁ ପାଟଣା ସାହିର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଶେଷ ହୋଇଛି। ବରିଷ୍ଠ ସଦସ୍ୟ ଶ୍ରୀପତି ମହାରଣାଙ୍କ ଆବାସହକରେ ଗତ ବୁଧବାର ରାତି ୯ଟାରେ ସାହିର ୩୦ ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ବସିଥିଲା।ଏଥିରେ ଆସନ୍ତା ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ ଓ ଉପଦେଷ୍ଟା ଚୟନ କରାଯାଇଥିଲା। ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଶ୍ରୀପତି ମହାରଣା, ସମ୍ପାଦକ ଭାବେ ମାନସ କୁମାର ଦାସ, କୋଷାଧ୍ୟକ୍ଷ ଭାବେ ଆଦିତ୍ୟ କୁମାର ସାହୁ ଚୟନ ହୋଇଥିବା ବେଳେ ପରିଚାଳନା କମିଟି ସଦସ୍ୟ ଭାବେ – ସନ୍ତୋଷ ଦଳେଇ,ବ୍ରଜକୃଷ୍ଣ କର, ପ୍ରଦ୍ୟୁମ୍ନ ବେହେରା, ଅଶୋକ ବାରିକ, ଟିକନ ରଥ, ଚୟନ ହୋଇଛନ୍ତି। ଉପଦେଷ୍ଟା ଭାବେ ଲକ୍ଷ୍ମଣ ମହାରଣା, ମନୋଜ କୁମାର ସାହୁ,ଅଜୟ ବାରିକ ଓ ପାଣ୍ଡୁ ଚରଣ ସାହୁଙ୍କୁ ଚୟନ କରାଯାଇଛି।

## ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଦାବି

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସରକାରୀ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟକରୁଥିବା ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି। ଉକ୍ତ ବିଦ୍ୟାଳୟରେ ସରକାରୀ ଶିକ୍ଷକ ଭାବେ ଦିଲୀପ କୁମାର ଦାସ କାର୍ଯ୍ୟ କରୁଥିବାବେଳେ ପ୍ରଧାନ ଶିକ୍ଷକ ନ ଥିବାବେଳେ ସେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉ ଥିଲେ। ସେ ସମୟରେ ତାଙ୍କର କାର୍ଯ୍ୟକଳାପକୁ ତାଙ୍କ ବିରୁଦ୍ଧରେ ଏକ ଅଭିଯୋଗ ପତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସହିତ ସ୍ଥାନୀୟ ବିଧାୟକ ଓ ନେଇ ଏକ ଚିଠି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇ ଏହାର ବିଧିବଦ୍ଧ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଥିବା ଜଣାପଡିଛି। ଏ ବିଷୟରେ ସଂପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେ ଠିକ ରୂପରେ ସମସ୍ତ କାର୍ଯ୍ୟ କରିବା ସହିତ କୌଣସି ଅଯୋଜନ କାର୍ଯ୍ୟ କରି ନାହାନ୍ତି ବୋଲି କହିଥିଲେ।ସେହିପରି ତାଙ୍କ କାର୍ଯ୍ୟରେ ଶିକ୍ଷାବାଟରେ ଛାତ୍ର ଛାତ୍ରୀ, ଅଭିଭାବକ ଓ ସହକର୍ମୀ ସନ୍ତୁଷ୍ଟ ବୋଲି ସେ ଜଣାଇଛନ୍ତି।

## ବିଦ୍ୟାଳୟମାନଙ୍କୁ ଚରା ବଣ୍ଟନ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଜାଗୁଳାଇପଦର କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟ ଗୁଡ଼ିକୁ ଚାରା ଗଛ ବଣ୍ଟନ କରାଯାଇଛି ।ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା,ସିଆରସିସି ରାମଚନ୍ଦ୍ର ସାହୁ, କାଦୁଆ ସରପଞ୍ଚ ଧୁଶାସନ ସ୍ୱାଇଁ, କାଦୁଆଘାଟ ଏକାଡେମୀର ପ୍ରଧାନ ଶିକ୍ଷକ ଅଜୟ କୁମାର ବଳିଆରସିଂହ,ସୁନାଖଳା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲମ୍ବୋଦର ବେହେରା,ହରଚଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।ସମସ୍ତ ବିଦ୍ୟାଳୟକୁ ଲିମ୍ବ,କରଞ୍ଜ, କୃଷ୍ଣଚୂଡା,ଅର୍ଜୁନ ଓ ଅନ୍ୟାନ୍ୟ ଔଷଧୀୟ ବୃକ୍ଷ ବଣ୍ଟନ କରାଯାଇଥିଲା ।ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଥିବାରୁ ସେହି ଦିନ ବିଦ୍ୟାଳୟ ଗୁଡ଼ିକରେ ସମୂହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଚନ୍ଦ୍ରଭାଗା ସମୁଦ୍ରରେ କୁମ୍ଭୀର

କୋଣାର୍କ,(ସବ୍ୟୁ): ଚନ୍ଦ୍ରଭାଗା ସମୁଦ୍ର ଉପକୂଳରେ ବୁଲୁଛି ବଉଳା କୁମ୍ଭୀର। କୁମ୍ଭୀରକୁ ନେଇ ଚନ୍ଦ୍ରଭାଗା ନୋଳିଆ ମତ୍ସଜୀବୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଶନିବାର ଏକ ଛୁଆ ବଉଳା କୁମ୍ଭୀରକୁ ଉଦ୍ଧାର କରିଛି କୋଣାର୍କ ବନବିଭାଗ। ଚନ୍ଦ୍ରଭାଗା ସମୁଦ୍ର କୂଳରେ କୁମ୍ଭୀର ଛୁଆକୁ ଦେଖି ସ୍ଥାନୀୟ ବାସିନ୍ଦା କୋଣାର୍କ ବନବିଭାଗକୁ ଖବର ଦେଇଥିଲେ। ଛୁଆ କୁମ୍ଭୀରକୁ ଉଦ୍ଧାର କରାଯାଇ କୋଣାର୍କ ବନାଞ୍ଚଳ ବନ୍ୟପ୍ରାଣୀ କାର୍ଯ୍ୟାଳୟ ପରିସରରେ ଏକ ଟ୍ରେରେ ଦାୟିତ୍ୱ ସହିତ ରଖାଯାଇଛି। ମା କୁମ୍ଭୀର ଚନ୍ଦ୍ରଭାଗା ନୋଳିଆ ବସ୍ତି ନିକଟରୁ ସମୁଦ୍ର ଉପକୂଳବର୍ତ୍ତୀରେ ରହିଥିବା ଜଣାପଡିଛି। କୁମ୍ଭୀରଟି ମୁହାଣ ମୁହଁ ଦେଇ ସମୁଦ୍ରରେ ପ୍ରବେଶ କରିଥିବା ଅନୁମାନ କରାଯାଉଛି। ଏହି କୁମ୍ଭୀର ଛୁଆକୁ ନନ୍ଦନକାନନରେ ଛଡାଯିବ ବୋଲି କହିଛନ୍ତି କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ।

# ହମ୍ପସ ହେଲା କାଳ : ଚଢିଗଲା ହାଇୱା , ବାପା ଆଗରେ ଝିଅର ମୃତ୍ୟୁ



ଆଠଗଡ ,(ସବ୍ୟୁ): ହମ୍ପସ ପାଇଁ ଘଟିଲା ଦୁର୍ଘଟଣା । ବାପା ଆଗରେ ହୋଇଗଲା ଝିଅର ମୃତ୍ୟୁ । ଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଠଗଡ଼ ଥାନା ଅନ୍ତର୍ଗତ ପୁରୁଣା କଟକ ସମ୍ବଲପୁର ରାସ୍ତା ନଡୁଆପଡା ବ୍ରିଜ ନିକଟରେ। ଶନିବାର ଅପରାହ୍ନରେ କାଳିମା ସାହୁଙ୍କ ପତ୍ନୀ ରଶ୍ମିତା ଓରଫ ଲିପି ସାହୁ (୩୨) ତାଙ୍କର ବାପା ରବିନ୍ଦ୍ରନାଥ ସାହୁଙ୍କ ସହିତ ଏକ ସ୍କୁଟିରେ ବାପଘର ଅରଖ ପାଟଣାରୁ ଫେରୁଥିବା ବେଳେ ନଡୁଆପଡା ବ୍ରିଜ ନିକଟରେ ଥିବା ହମ୍ପସ ନିକଟରେ ଖସି ପଡ଼ିଥିଲେ। ଏହି ସମୟରେ ସାମ୍ନା ପଟୁ ଆସୁଥିବା ଏକ ହାଇୱା ନଂ ଓଡି –୦୫– ବିଏନ –୪୦୮୧ ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ କରାଇବା ସହିତ ଟ୍ରକ ଚାଳକ କୁ ଅଟକ ରଖିଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

# ପାନୀୟଜଳ ସମସ୍ୟାକୁ ନେଇ ବିଡ଼ିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଗୋପ,(ସବ୍ୟୁ): ଗୋପ ବ୍ଲକ ଅଧିନ ତରକୋର ପଞ୍ଚାୟତରେ ବର୍ଷ ବର୍ଷ ଧରି ପାନୀୟଜଳ ସମସ୍ୟା ଲାଗି ରହିଥିବା ବେଳେ ଏହି ସମସ୍ୟାର ସମାଧାନ ହୋଇ ପାରୁନାହିଁ । ଫଳରେ ଏହି ପଞ୍ଚାୟତର ମାଲିଆତୁଠ ଗ୍ରାମର ଗ୍ରାମବାସୀ ନଦୀପାଣି ପିଇବାକୁ ବାଧ ହେଉଛନ୍ତି ।ଏନେଇ ବିଭିନ୍ନ ଦପ୍ତରରେ ଗ୍ରାମବାସୀ ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ ।ପଞ୍ଚାୟତ ତରଫରୁ ପାନୀୟ ଜଳ ଯୋଗାଣ କରାଯାଉଥିଲେ ମଧ ମାସକୁ ମାତ୍ର ଦୁଇରୁ ତିନି ଥର ଜଳ ଯୋଗାଣ କରାଯାଉ ଥିବା ଅଭିଯୋଗ ହୋଇଛି ।ବୁଧବାର ଗ୍ରାମର ମିଥୁନ ମହାରୀଙ୍କ ନେତୃତ୍ୱରେ ୧୫ରୁ ଊର୍ଦ୍ଧ୍ୱ ଯୁବକ ଏହି ଘଟଣା ସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଭେଟି ଅଭିଯୋଗ କରିଛନ୍ତି ।ଗ୍ରାମରେ ପାନୀୟ ଜଳ ଯୋଗାଣ କରୁଥିବା ଟ୍ୟାଙ୍କର ସଠିକ ଭାବେ ଜଳ ଯୋଗାଣ କରୁନଥିବା ଅଭିଯୋଗ ହୋଇଛି ଏ ପରିକି ଜଳ ଯୋଗାଣ କରାଯାଉଥିବା ଟ୍ୟାଙ୍କର ଓ ପାଇପ ସଫା କରାଯାଉ ନଥିବା ଅଭିଯୋଗ ପତ୍ରରେ ଦର୍ଶା ଯାଇଛି ।ଅଭିଯୋଗ ପରେ ଗୋପ ବିଡିଓ ଛବିରାଣୀ ସାହୁ ଏହି ପଞ୍ଚାୟତରେ ବର୍ଷ ବର୍ଷ ଧରି ସମସ୍ୟା ଲାଗିରହିଛି ପଞ୍ଚାୟତ ଉନ୍ନୟନ ପାଣ୍ଠି ସବୁ ଜଳଯୋଗାଣ ରେ ଖର୍ଚ୍ଚ ହେଉଛି ।ଏବେ ପଞ୍ଚାୟତ ପାଣ୍ଠି ଶେଷ ହୋଇଛି ଫଳରେ ୭ ମାସ ଧରି ଜଳ ଯୋଗାଣ କରୁଥିବା ଟ୍ୟାଙ୍କରକୁ ପ୍ରାପ୍ୟ ଦିଆଯାଇ ନାହିଁ ।ଏହି ପଞ୍ଚାୟତକୁ ଜଳ ଯୋଗାଣ ଲାଗି ପାଣ୍ଠି ଯୋଗାଇବାକୁ ଉଚ୍ଚ ପଦାଧିକାରୀଙ୍କ ପତ୍ର ଲେଖାଯାଇଛି ବୋଲି ବିଡିଓ ଶ୍ରୀମତୀ ସାହୁ କହିଥିବା ବେଳେ ଖୁବଶିଘ୍ର ଏହି ପଞ୍ଚାୟତକୁ ମେଘା ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ସାମିଲ କରାଯିବ ବୋଲି କହିଛନ୍ତି ।ତେବେ ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ରଞ୍ଜନ କୁମାର ପରିଡା,ମିଟୁ ମହାରି,ସୁଶାନ୍ତ କୁମାର ବେହେରା,ପିଣ୍ଟୁ ମହାରି,ରଞ୍ଜିତ ମହାରି,ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଟାରୀ କ୍ଲବ୍ ଖାରବେଳର ପୋଷ୍ୟ ସ୍କୁଲ ଆବାସିକ ଶିଶୁ ବିଦ୍ୟାମନ୍ଦିର



ଭୁବନେଶ୍ୱର , (ସବ୍ୟୁ): ରୋଟାରୀ କ୍ଲବ ଖାରବେଳ- କଳିଙ୍ଗ ନଗର ପକ୍ଷରସ୍ଥାନୀୟ ଭୋଳା ଗାଁ ଠାରେ ଅବସ୍ଥିତ ଆବାସିକ ଶିଶୁ ବିଦ୍ୟାମନ୍ଦିରକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି । ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ କ୍ଲବର ସଭାପତି ଆଡଭୋକେଟ୍ ରୋଟାରୀଆନ ଦିଲ୍ଲୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପୂର୍ବତନ ପ୍ରାନ୍ତପାଳ ଶିବବ୍ରତ ଦାଶ,ଉପ–ପ୍ରାନ୍ତପାଳ ଡକ୍ଟର ଶିଶିରକାନ୍ତ ଷଡ଼ଙ୍ଗୀ ଯୋଗ ଦେଇ ବୃକ୍ଷ ରୋପଣ, ପୋଷ୍ୟ ସ୍କୁଲ,ପାଠାଗାର ଏବଂ ଜଳ ବିଶୁଦ୍ଧ କରଣ ଉପକରଣକୁ ଉଦଘାଟନ କରିଥିଲେ । ସେଠାରେ ବାସ କରୁଥିବା ଓଡ଼ିଶାର ବିଭିନ୍ନ ପ୍ରାନ୍ତର ୧୪୦ ଜଣ ଗରିବ ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେଉଥିବା ସ୍କୁଲର ଉପଦେଷ୍ଟା ଗୌରହରି ପାତ୍ର ତଥା ଅଧକ୍ଷା ଶ୍ରୀମତୀ ସୁମିତ୍ରା ମିଶ୍ରଙ୍କୁ ଅତିଥିମାନେ ଭୂୟସୀ ପ୍ରଶଂସା କରି ଆଗକୁ ରୋଟରୀ କ୍ଲବ୍ ପିଲମାନଙ୍କ ଅତ୍ୟାବଶ୍ୟକ ଦାୟିତ୍ୱ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ପିଲାମାନଙ୍କ ଦ୍ୱାରା ଗଛଟିଏ ମୁଁ ଗଛଟିଏ ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। କ୍ଲବର ସଭ୍ୟ ଡଃ କିଶୋର ଚନ୍ଦ୍ର ସ୍ୱାଇଁ ,ରମେଶ ଚନ୍ଦ୍ର ମହାନ୍ତି,କର୍ଣ୍ଣେଲ ଏସ୍.ଜେ.ରାଓ, ସୁରେନ୍ଦ୍ର ନାଥ ତ୍ରିପାଠୀ, ପି.ଏସ୍.ଏନ୍ ପାତ୍ର ,ରଞ୍ଜନ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ସ୍କୁଲର ଅଧକ୍ଷା ସ୍କୁଲର ବିବରଣୀ ପାଠ କରିଥିଲେ ଏବଂ ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୋଡାଲ ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ବୋଲଗଡ଼ ,(ସବ୍ୟୁ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟାନୁଷ୍ଠାନ ଓ ଶିକ୍ଷାର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଯୁଗ୍ମ ନିର୍ଦ୍ଦେଶିକା ମୌସୁମୀ ସାହୁ ବେଗୁନିଆ ବ୍ଲକ ପରିଦର୍ଶନ କଲେ।ସେ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପହଞ୍ଚି ବିଦ୍ୟାଳୟ ପରିବେଶ, ଡିଜିଟାଲ



ଶ୍ରେଣୀଗୃହ, ପାଠାଗାର, ବିଜ୍ଞାନଗାର ଓ ବିଭିନ୍ନ ଦସ୍ତାବିଜର ନିରୀକ୍ଷଣ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ସେ ମଧ୍ୟାହ୍ନ ଭୋଜନର ଗୁଣବତ୍ତା ଯାଞ୍ଚ କରି, ଏହା ସ୍ୱାଦିଷ୍ଟ ଓ ସନ୍ତୋଷଜନକ ବୋଲି ମତାମତ ଦେଇଥିଲେ।ଏହି ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ,ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୋନାମିକା ରାୟ,ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା,ବରିଷ୍ଠ ବୈଷୟିକ ପରାମର୍ଶଦାତା ଦେବଦତ୍ତ ମହାନ୍ତି,କନିଷ୍ଠ ବୈଷୟିକ ପରାମର୍ଶଦାତା ପ୍ରିୟବ୍ରତ ପରିଡ଼ା,ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ସାହୁ ଉପସ୍ଥିତ ଥିଲେ।ପରିଦର୍ଶନ ଶେଷରେ ବର୍ଣ୍ଣାଳୀ ପୁସ୍ତିକାର ନିୟମିତ ଅଭ୍ୟାସ କରାଇବା ଓ ପ୍ରସ୍ତାବ ବାକ୍ସର ବ୍ୟବସ୍ଥା କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇ ଥିଲେ।

# ଚନ୍ଦକା ଫେରିଲେ ମହାନଦୀ ପଠାରେ ଫସିଥିବା ହାତୀପଲ

ବାଙ୍କୀ ,(ସବ୍ୟୁ): ଶୁକ୍ରବାର ବିଳମ୍ବିତ ରାତିରେ ଆଠଗଡ଼ ସୁକାଶନ ଜଙ୍ଗଲରୁ ୧୭ ଟିକିଆ ହାତୀ ପଲ ଚନ୍ଦକା ଡମପଡ଼ା ଅଭୟାରଣ୍ୟ କୁ ଫେରୁଥିବା ବେଳେ ମହାନଦୀ ମଝିରେ ସକାଳ ହୋଇଯିବାରୁ ଭଗିପୁର ନିକଟସ୍ଥ ମହାନଦୀ ପଠାରେ ଫସି ରହିଯାଇଥିଲେ ୧୭ ଟିକିଆ ହାତୀ ପଲ । ହାତୀପଲ ରେ ୧୭ ଟି ହାତୀ ଥିବା ବେଳେ ସେଥିରେ ଛୋଟ ଛୋଟ ଛୁଆ ହାତୀ ମଧ ରହିଥିଲେ ଯାହା ଫଳରେ ଦିନ ବେଳା ନଦୀ ପାର ହୋଇ ଫେରିବାକୁ ସୁରକ୍ଷିତ ମନେ ନ କରି ପଠା ରେ ରହି ଯାଇ ଥିଲେ। ଡମପଡ଼ା ବନ ବିଭାଗ ହାତୀ ଙ୍କ ଗତି ବିଧି ଉପରେ ନଜର ରଖି ରାତି ସାରା ଜଗି ରହି ଥିଲେ।ତେବେ ଗତକାଲି ବିଳମ୍ବିତ ରାତି ୪.୩୦ ସମୟରେ ମହାନଦୀ ପାର ହୋଇ ଭଗିପୁର ନିକଟରେ ଉପରକୁ ଉଠିବା ପରେ ବାଟରେ ଭଗିପୁର ଅଞ୍ଚଳର ବାଇଗଣ ଓ ଧାନ ବିଲରେ ପଶି ଦଳି ଚକଟି ନଷ୍ଟ କରିଥିବା ବେଳେ ରାସ୍ତା କଡରେ ଥିବା କିଛି ପରିବା ଦୋକାନ ଭାଙ୍ଗି ଦେଇଥିବା ମଧ ଦେଖିବାକୁ ମିଳିଛି । ତେବେ ଡମପଡା ବନଖଣ୍ଡ ଅଧିକାରୀ ଓ କର୍ମଚାରୀ ହାତୀ ର ଗତିବିଧି ଉପରେ ନଜର ରଖି ସୁରକ୍ଷିତ ଭାବେ ଚନ୍ଦକା ଅଭୟାରଣ୍ୟକୁ ଘଉଡେଇଥିବା ବେଳେ କ୍ଷତି ହୋଇଥିବା ଚାଷ ଜମିର କ୍ଷୟକ୍ଷତି ଆକଳନ କରି ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ବନଖଣ୍ଡ ଅଧିକାରୀ ନିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି ।

# ୪୦ଦେଶର ବୈଦେଶିକ ଅଧିକାରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ,(ସବ୍ୟୁ): ଶନିବାର ଅପରାହ୍ନରେ ସୁରକ୍ଷା ବଳୟରେ ୪୦ଟି ଦେଶର ବୈଦେଶିକ ସେବା ଅଧିକାରୀ(ଏଫଏସଓ) ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ। ବିଭିନ୍ନ ଦେଶର ବୈଦେଶିକ ଅଧିକାରୀ ଏଠାରେ ପହଂଚିବା ପରେ ପ୍ରଥମେ ଯାତ୍ରୀନିବାସରେ କିଛି ସମୟ ଅତିବାହିତ କରିଥିଲେ। ପରେ ସେମାନେ ସୂର୍ଯ୍ୟମନ୍ଦିର ବୁଲିଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଅଧିକାରୀମାନେ ବିମୋହିତ ହୋଇପଡ଼ିଥିଲେ। ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ,କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାସିକ ଶୈକ୍ଷିକ ଆଲୋଚନାଚକ୍ର

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ବ୍ଲକ ଅଧୀନ ଧାନକେରା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଡଆଙ୍କୁଲା ଓ ଧାନକେରା ଆଂଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ବିଦ୍ୟାଳୟ ଗୁଡିକର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ମାସିକ ଶୈକ୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ ବୀଣାପାଣି ନାୟକ ଭାଷାଜ୍ଞାନ ସମ୍ପର୍କରେ ବହୁ ଶ୍ରେଣୀୟ ଓ ଏକ ଶ୍ରେଣୀୟ କାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷକ ପୁରୋନ୍ଦର ପ୍ରଧାନ ସଂଖ୍ୟାଜ୍ଞାନର ଏକକ ଶ୍ରେଣୀ ପରିଚାଳନା କରିଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ ଗୁଣନୀୟକ ଓ ଗୁଣିତକ ଶିକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନିପୁଣ ଭାରତ ଶିକ୍ଷା ସପ୍ତାହ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସିଆରସିସି ଲୋକନାଥ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ଅଭୟଚରଣ ସାହୁ, ପ୍ରଦୀପ ସେଠୀ, ଭଗବାନ ନାୟକ, ଦିଲୀପ ପ୍ରଧାନ, ଅଭୟ ରଥ, ପ୍ରହଲ୍ଲାଦ ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ସେନାପତି ଧନ୍ୟବାଦ ଦେଇଥିଲେ।

## କୁଶଭଦ୍ରା ନଦୀବନ୍ଧ ସ୍ଥିତି ଅନୁଧ୍ୟାନ କଲେ ଅଧିକ୍ଷଣ ଯନ୍ତ୍ରୀ

ଗୋପ,(ସବ୍ୟୁ): ଶନିବାର ସନ୍ଧ୍ୟାରେ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ ପରିଦର୍ଶନ କରିଛନ୍ତି ।ଗୋପ ବଜାର ସନ୍ନିକଟ କୁଶଭଦ୍ରା ନଦୀବନ୍ଧ ବୁଲି ଦେଖିଥିଲେ ।କୁଶଭଦ୍ରା ନଦୀ ପରିସରରେ ଥିବା ଗୋପ ଗୋପାଳ ଜିଉ ସାଗର ସ୍ନାନ ମେଲଣ ପଡିଆର ବିଭିନ୍ନ ସ୍ଥାନ ମାଟି ଅତଡା ଖସି ମେଳା ପଡିଆ ସଙ୍କୁଚିତ ହେବାରେ ଲାଗିଛି ।ମେଳା ପଡିଆକୁ ସୁରକ୍ଷା ଯୋଗାଇ ଦେବାକୁ ଜନ ସାଧାରଣଙ୍କ ପକ୍ଷରୁ ଦାବି ହେବାପରେ ଶନିବାର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ପୋଥାଳ ପରିଦର୍ଶନ କରିଥିବା ବେଳେ ମେଳା ପଡିଆକୁ ସୁରକ୍ଷା ନିମନ୍ତେ ମାଟି ଧସୁଥିବା ସ୍ଥାନରେ ପଥର ପ୍ୟାଂକି କରାଯିବା ଲାଗି ଯୋଜନା ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି ।ତେବେ ଏହି ପରିଦର୍ଶନ ସମୟରେ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସହକାରୀ ସଞ୍ଜୟ କୁମାର ଗାଆଁଣ ପ୍ରମୁଖ ଉପସ୍ଥିତ ଥିଲେ।ଖୁବ ଶୀଘ୍ର ଟେଣ୍ଡର ପକ୍ରିୟା ଆରମ୍ଭ କରାଯାଇ କାର୍ଯ୍ୟ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି।

## ଓଡିଶା ଏସସିଏସଟି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ବଡମ୍ବା ବ୍ଲକର କର୍ମକର୍ତ୍ତା ଚୟନ

ବଡମ୍ବା,(ସବ୍ୟୁ): ଓଡିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସସିଏସଟି)କର୍ମଚାରୀ କଲ୍ୟାଣ ସମନଓ୍ୱୟ ପରିଷଦର କଟକ ଜିଲ୍ଲାର ବଡମ୍ବା ବ୍ଲକର ଏକ ବୈଠକ ବଡମ୍ବା ସଦର ମହକୁମାସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ।ସମନ୍ୱୟ ପରିଷଦର କଟକ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଟିକନ ବେହେରାଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ବଡମ୍ବା ବ୍ଲକର ଶିକ୍ଷକ ନେତା ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପରେ ପରେ ଜିଲ୍ଲାର ସହ ସମ୍ପାଦକ କୃଷ୍ଣଚନ୍ଦ୍ର ସାଣ୍ଡିଲ ସଂଗଠନର ଆଧାର ଓ ଗଠନର ଆଧାର ଉପରେ ଆଲୋକ ପାତ କରିଥିଲେ । ସମନ୍ୱୟ ସମିତି ଆଠଗଡ ବ୍ଲକ ସଭାପତି ଚାରୁଚନ୍ଦ୍ର ବେହେରା ଓ ସଂଗଠନ ସମ୍ପାଦକ ସ୍ୱପ୍ନାକର ନାଏକଙ୍କ ପ୍ରସ୍ତାବ କ୍ରମେ ସର୍ବସମ୍ମତି ଭାବେ ମୁଖ୍ୟ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ରଘୁନାଥ ସେଠୀ ଓ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ବିଜୟ କୁମାର ମଲ୍ଲିକ ଚୟନୀତ ହୋଇଥିଲେ । ଅଧିକାଂଶ କର୍ମଚାରୀଙ୍କ ଆଗ୍ରହ କ୍ରମେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା(ଗଣ ଶିକ୍ଷା ବିଭାଗ),କାର୍ଯ୍ୟକାରୀ ସଭାପତି ଭାବେ ଶିକ୍ଷକ ସୁଧାଂଶୁ ଭୂଷଣ ରାଉତ ରାୟ(ଗଣ ଶିକ୍ଷା ବିଭାଗ),ସମ୍ପାଦକ ଭାବେ ଗୌତମ ନାଏକ(କୃଷି ବିଭାଗ), ସହ ସମ୍ପାଦକ ଭାବେ ସରୋଜ ସେଠୀ(ଆଗ୍ନିକ ବିଭାଗ), ସଂଗଠନ ସମ୍ପାଦକ ଭାବେ ରାଜେଶ କୁମାର ମଲିକ(ଗଣ ଶିକ୍ଷା ବିଭାଗ), କର୍ମଚାରୀ ସମ୍ପାଦକ ଭାବେ ସୁକାନ୍ତ କୁମାର ସେଠୀ(ରାଜସ୍ୱ ବିଭାଗ), ସାଂସ୍କୃତିକ ସମ୍ପାଦକ ଭାବେ ସୁଧାଂଶୁ ଭୂଷଣ ସିଂହ(ଗଣ ଶିକ୍ଷା ବିଭାଗ),ଅର୍ଥ ସମ୍ପାଦକ ଭାବେ ନିରଞ୍ଜନ ନାଏକ(ସ୍ୱାସ୍ଥ୍ୟ ବିଭାଗ),ସହ ସମ୍ପାଦକ (ସଂଗଠନ, କର୍ମଚାରୀ, ସାଂସ୍କୃତିକ)ଭାବେ ଜିତେନ୍ଦ୍ର କୁମାର ଦେହୁରୀ(ଗୃହ ବିଭାଗ)ଏବଂ ଅଡିଟର ଭାବେ ରାଜକିଶୋର ବେହେରା(ଗଣଶିକ୍ଷା ବିଭାଗ)ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ସୁଦର୍ଶନ ଖଟୁଆ,ଫକୀର କୁମାର ସେଠୀ,ବନପ୍ରିୟା ନାଏକ,ଉତ୍ସବ ନାଏକ,କୁଳମଣି ଦେହୁରୀ,ବିଦ୍ୟାଧର ଦେହୁରୀ,ଲକ୍ଷ୍ମୀକାନ୍ତ ପ୍ରଧାନ,ଚନ୍ଦ୍ରମଣି ଦଳେଇ ସର୍ବ ସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ । ସର୍ବଶେଷରେ ଶିକ୍ଷକ ସୁଧାଂଶୁ ଭୂଷଣ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଷମ ପୋଷଣ ଖାଦ୍ୟ ଦିବସ ପାଳିତ


ଫୁଲନଖରା ,(ସବ୍ୟୁ): ସ୍ଥାନୀୟ ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଅନ୍ୟତମ ଅନୁଷ୍ଠାନ ଏସ.ଜି.ଆଇ ସ୍କୁଲ ଅଫ ମେଡିକାଲ ସାଇନ୍ସେସର ଫାର୍ମାସୀ ଓ ନର୍ସିଂ ଛାତ୍ରଛାତ୍ରୀମାନଙ୍କ ଦାରା ବିଶ ସୁଷମ ଓ ପୋଷଣ ଖାଦ୍ୟ ଦିବସ ଶୁକ୍ରବାର ଦିନ ପାଳିତ ହୋଇଯାଇଅଛି। ଉକ୍ତ ପାଠ୍ୟକ୍ରମରେ ପ୍ରାୟୋଜିକା ଡଃ ସରିତା ନାୟକ ଓ ଅନୁଷ୍ଠାନର ଅଧ୍ୟାପିକା ଅନୁସା ଚେଚ୍ଚି,ଉଷାରାଣୀ ବିବିକା, କ୍ରିଷ୍ଟା ପ୍ରିୟଦର୍ଶନୀ ବେହେରାଙ୍କ ସହ ସମସ୍ତ ଛାତ୍ରୀମାନଙ୍କ ସହାୟତାରେ ସଫଳତାର ସହ ଉକ୍ତ କାର୍ଯ୍ୟକ୍ରମଟିକୁ ଆୟୋଜନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟ ଇଂ(ଡଃ) ସୁନିଲ କୁମାର ପଟ୍ଟନାୟକ,ମୁଖ୍ୟ ଅତିଥି , ଡିନ ପ୍ରାଧ୍ୟାପକ ରଞ୍ଜନ କୁମାର ସାହୁ,ଏସ. ଇ.ଆର.ସିର ଅଧକ୍ଷ ଡ଼ଃ ଚିତରଞ୍ଜନ ପଣ୍ଡା,ଏସ.ଆର.ସିର ଅଧକ୍ଷ ଡ଼ଃ ଦେବା ସ୍ୱରୂପ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମବେତ ଛାତ୍ରଛାତ୍ରୀମାନଙ୍କୁ ଉକ୍ତ ଦିବସର ପ୍ରାସଙ୍ଗିକତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦାନ କରି ସୁଷମ ଖାଦ୍ୟ ଖାଇ ଆତ୍ମତୃପ୍ତି ଲାଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ ଏସ.ଏସ.ଏମ. ସିର ସମସ୍ତ ପ୍ରାଧ୍ୟାପକ ,ପ୍ରାଧ୍ୟାପିକା ଓ କର୍ମଚାରୀ ।



ଭୁବନେଶ୍ୱର ବାପୁଜୀନଗର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଣତୀ ଓତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଉଛନ୍ତି ତାଙ୍କର ୧୯୮୦ ମାଟ୍ରିକ ବ୍ୟାଚ ବାଲିପାଟଣା ଶ୍ରୀବୁଦ୍ଧାଥ ହାଇସ୍କୁଲ ସହପାଠୀ ନାରାୟଣ ବେହେରା, ପ୍ରସନ୍ନ ସେନାପତ, ରଜନୀକାନ୍ତ ମହାନ୍ତି, ନଳିନୀ ପ୍ରହରାଜଓ ଲିଙ୍ଗରାଜ ମହାପାତ୍ର ପ୍ରମୁଖ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ

# ୟୁକେର ବର୍ମିଂହାମ ଏବଂ ସାଉଥହଲରେ ନୂତନ ଶୋ'ରୁମ୍ ଉଦଘାଟିତ





ଭୁବନେଶ୍ୱର, (ସବ୍ୟୁ): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ବିଶ୍ୱର ପଞ୍ଚମ ବୃହତମ ଅଳଙ୍କାର ଶୃଙ୍ଖଳା, ବର୍ମିଂହାମ ଏବଂ ସାଉଥହଲରେ ଦୁଇଟି ନୂତନ ଶୋ'ରୁମ୍ ଖୋଲିଛି । ଏହା ୟୁକେରେ ବ୍ରାଣ୍ଡର ଉପସ୍ଥିତିକୁ ବିସ୍ତାର କରିଛି। ି। ବର୍ମିଂହାମ ଶୋ'ରୁମ୍ ୫,୭୦୦ ବର୍ଗଫୁଟ ଅଂଚଳରେ ପରିବ୍ୟାପ୍ତ ଏବଂ ଏହା ୟୁକେରେ ବ୍ରାଣ୍ଡର ସର୍ବବୃହତ ଆଉଟଲେଟ୍ । ପ୍ରସିଦ୍ଧ ବଲିଉଡ୍ ଷ୍ଟାର ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବ୍ରାଣ୍ଡ ଆମ୍ବାସାଡର କରୀନା କପୁର ଖାନ ନୂତନ ଶୋ'ରୁମ୍ ଉଦଘାଟନ କରିଛନ୍ତି ।ି ଯାହା ଗ୍ରାହକମାନଙ୍କୁ ବିବିଧ ଡିଜାଇନ୍ ଏବଂ ଶୈଳୀରେ ଅଳଙ୍କାରର ଉତ୍କୃଷ୍ଟ ସଂଗ୍ରହ ସହିତ ବିଶ୍ୱସ୍ତରୀୟ ସପିଂ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ଲଂଚ୍ ଆନ୍ତର୍ଜାତୀୟ ବଜାରରେ ବ୍ରାଣ୍ଡର ପଦଚିହ୍ନ ବିସ୍ତାର କରିବା ପ୍ରତିବଦ୍ଧତା ଏବଂ ଅସାଧାରଣ କାରିଗରୀ ତଥା ସେବା ପ୍ରଦାନ କରିବାର ଆଉ ଏକ ପଦକ୍ଷେପ ।ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ବର୍ତମାନ ୟୁକେର ବର୍ମିଂହାମ, ଲିସେଷ୍ଟର, ସାଉଥହଲ୍ ଏବଂ ଗ୍ରୀନ୍ ଷ୍ଟ୍ରିଟ୍ (ଲଣ୍ଡନ)ରେ କାର୍ଯ୍ୟ କରୁଛି ।ିବର୍ମିଂହାମ ଶୋ'ରୁମର ଉଦଘାଟନୀ ଉତ୍ସବରେ ବର୍ମିଂହାମର ଲର୍ଡ ମେୟର, କାଉନସିଲର ଜା'ର ଇକବାଲ୍ ଏମବିଇ, ବର୍ମିଂହାମରେ ଭାରତୀୟ କନସୁଲ୍ ଜେନେରାଲ୍ ଡକ୍ଟର ଭେଙ୍କିଟାଚଳମ୍ ମୁରୁଗାନ୍, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବରିଷ୍ଠ ନିର୍ଦ୍ଦେଶକ ଏବଂ ପରିଚାଳନା ଦଳର ସଦସ୍ୟ, ସମ୍ପ୍ରଦାୟ ନେତା ଏବଂ ଗ୍ରାହକମାନେ ଉପସ୍ଥିତ ଥିଲେ।

# ସ୍ୱର୍ଗ କଣ ସତରେ ଏଇ ପାଖରେ କେଉଁଠି ?



ଡଃ ମନୋରମା ବିଶ୍ୱାଳ ମହାପାତ୍ର

ମଣିଷ ଯୁଗେ ଯୁଗେ ସନ୍ଧାନ କରିଛି ଏଇ ସ୍ୱର୍ଗ ଆଉ ସୌନ୍ଦର୍ଯ୍ୟର । ଯୁଗେ ଯୁଗେ ଖୋଜିଛି ବଞ୍ଚିବାର ରହସ୍ୟ ମୃତ୍ୟୁର ରହସ୍ୟ । ମାସିଡୋନିଆଠାରେ କବିତା ଉତ୍ସବ । ସେହି ସମାରୋହରେ ନିମନ୍ତ୍ରିତ କବି ଭାବରେ ମୋର ଗ୍ରୀସ୍‌ଯାତ୍ରା । ଗ୍ରୀସ୍ ନଗରୀ ଧର୍ମ ସଂସ୍କୃତି ଏବଂ ଐତିହ୍ୟର ପୀଠସ୍ଥଳୀ । ଏଥେନସ୍‌ରେ ଏକଦା ସକ୍ରେଟିସ୍‌ଙ୍କୁ ବିଷପାନ କରି ସତ୍ୟର ପ୍ରତିଷ୍ଠା କରିବାକୁ ପଡ଼ିଥିଲା । 'ଆଲେକ୍‌ଜାଣ୍ଡାର ଦି ଗ୍ରେଟ୍'ଙ୍କର ଜନ୍ମସ୍ଥାନ ଥେସାଲୋନିକୀ (ମାସିଡୋନିଆ) । ସେଠାରେ ବିଶ୍ୱକବିତା ସମାରୋହ। ଆରିଷ୍ଟଟଲ, ପ୍ଲାଟୋ ପ୍ରଭୃତିଙ୍କର ଦେଶ ଏଇ ଗ୍ରୀସ୍ ।

ଅଗଷ୍ଟ ୧୫–୨୫ ବିଶ୍ୱକବି ସମ୍ମିଳନୀରେ ଯୋଗ ଦେବା ପାଇଁ ଦିଲ୍ଲୀରୁ ଭିଏନା ଏବଂ ତା ପରେ ଗ୍ରୀସ୍। ଗ୍ରୀସ୍‌ର ମାସିଡୋନିଆଠାରେ ଆରିଷ୍ଟଟଲ ସ୍କୋୟାର ଇଲେକ୍ଟ୍ରା ପ୍ୟାଲେସ୍ ହୋଟେଲ୍‌ରେ ସବୁଦେଶର କବିମାନଙ୍କର ରହଣି । ଓଡ଼ିଶାରେ ଯେତେବେଳେ ଶରତଋତୁ, ଗ୍ରୀସ୍‌ରେ ସେତେବେଳେ ବସନ୍ତର ବର୍ଣ୍ଣ–ବୈଚିତ୍ର୍ୟ । ଅଲିଭ ଗଛ ଫଳ ଭାରରେ ନଇଁ ପଡ଼ିଥାଏ । ପେରିଆ କୂଳରେ ଛୋଟ ବଡ଼ ଜାହାଜ ଆସି ନଙ୍ଗର ପକାଇଥାଏ । ଦୁଇହଜାର ତିନିଶହ ବର୍ଷର ପ୍ରାଚୀନ ଇତିହାସ ଏହି ମାସିଡୋନିଆର ।

ପ୍ରଥମଥର ଏଇ କବିତା ପାଇଁ ଗ୍ରୀସ୍ ଯାତ୍ରା । ଅଗଷ୍ଟ ୧୫–୨୫ ବିଶ୍ୱକବିତା ସମ୍ମିଳନୀ ଗ୍ରୀସ୍‌ର ମାସିଡୋନିଆଠାରେ । ଇଲେକ୍ଟ୍ରା ପ୍ୟାଲେସ୍ ହୋଟେଲ୍‌ରେ ରହିବାଠାରୁ ଆରମ୍ଭ କରି ଏବଂ Post Congress tour ଇତ୍ୟାଦିର ସମସ୍ତ ବିବରଣୀ ଆଗରୁ ଫ୍ୟାକ୍ସ ଯୋଗେ ମୋ ପାଖରେ ପହଞ୍ଚି ସରିଥାଏ । ବିଦେଶଯାତ୍ରା ପାଇଁ ମୋ ମନ ଯେତେ ଉତ୍କଣ୍ଠିତ ହେଉ ନଥାଏ, ମୋ ଆତ୍ମୀୟମାନଙ୍କ ଭିତରେ ଏକପ୍ରକାର ଆନନ୍ଦର ଝରଣା ବହିବାକୁ ଆରମ୍ଭ କରି ଦେଇଥାଏ । କେତେଜଣ ସହକର୍ମୀ ବିଶେଷତଃ ମୀରା ପ୍ରଭୃତି ମୋତେ ଖୁବ୍ ଉତ୍ସାହିତ କରିଥିବା କଥା ମନେପଡ଼ିଲେ ସେମାନଙ୍କ ପ୍ରତି ମୋ ମନ ଆପେ ଆପେ କୃତଜ୍ଞ ହୋଇଉଠେ । Love and Poetry ସଂପର୍କରେ ଯେଉଁ ପ୍ରବନ୍ଧଟି ମୁଁ ସେଠାରେ ପଢ଼ିଲି, ତାହାକୁ ସର୍ବାଙ୍ଗସୁନ୍ଦର କରିବାରେ ଝିଅ ପୁନମ୍ ଏବଂ ଜାମାତା ଶୋଭନର ଅବଦାନ କିଛି କମ୍ ନଥିଲା। ଦୁଇଜଣଯାକ ଇଂରାଜୀ ସାହିତ୍ୟରେ ଧୁରୀଣ। ତେଣୁ ବନ୍ଧୁ ଭାବରେ ପରାମର୍ଶ ଦେଇ ମୋ ବିଦେଶ ଯାତ୍ରାକୁ ଅଧିକ ସଫଳ କରିଦେଇଛନ୍ତି ସେ ଦୁହେଁ । ସ୍ନେହର ବଳୟ ଭିତରେ, ସୌକୁମାର୍ଯ୍ୟର ଭିତରେ କାକର ବିନ୍ଦୁରେ ଯେଉଁ କିଶୋର ଗଛଟି ଆଜି ଶାଳପ୍ରାଂଶୁରେ ପରିଣତ ହୋଇଛି, ସେହି ସ୍ନେହପ୍ରବଣ ହିସାବୀ ପୃଥିବୀର ବେହିସାବୀ ମଣିଷଟିଏ ମୋ ପୁଅ ପ୍ରୀତମ୍ । ଦିଲ୍ଲୀ ବିମାନ ବନ୍ଦରରେ ତା'ର କାନ୍ଦ କାନ୍ଦ ମୁହଁ, ବିଦେଶରେ ଭାରି ମନେ ପଡୁଥିଲା । ସେ ହୁଏତ ଭାବିଥିଲା ତା ମା'ର ଯଦି କିଛି ଅଘଟଣ ଘଟିଯାଏ, ବିଦେଶରେ କିଏ ଅଛି ସେଠି ସାହାଯ୍ୟ କରିବ ? ଦୃଢ଼ ପାରିବାରିକ ବନ୍ଧନର ରକ୍ଷାକବଚ ମୋତେ ସବୁବେଳେ ଆଗୁଳାଇ ଥାଏ ବୋଲି ସେ କେମିତି ବୁଝନ୍ତା । ପରସ୍ପର ସ୍ନେହ, ମମତା ଏବଂ ବୁଝାମଣା ଭିତରେ ଯେ ସ୍ୱର୍ଗୀୟ ସତ୍ତାଟିଏ କେଉଁଠି ଲୁଚି ରହିଥାଏ, ତାହା ଅନୁଭବ ଦ୍ୱାରା କେବଳ ବୁଝି ହେବ । ପାଶ୍ଚାତ୍ୟ ରାଷ୍ଟ୍ରରେ ସବୁଥାଇ ମଧ୍ୟ କିଛି ନାହିଁ । ଖୁବ୍ ସ୍ନେହକାଙ୍ଗାଳ ସେମାନଙ୍କ ମନ । **ଶ୍ରୀଅରବିନ୍ଦ ଯାହା କହିଛନ୍ତି– ଭାରତବର୍ଷ ସମଗ୍ର ବିଶ୍ୱକୁ ନେତୃତ୍ୱ ଦେବ । ସେଦିନ ମଧ୍ୟ ପାଖେଇ ଆସୁଛି, ବେଶୀ ଡେରି ନାହିଁ । ଭାରତବର୍ଷ ସମଗ୍ର ବିଶ୍ୱର ଗୁରୁ ହେବ । ସବୁ ଦୁର୍ଭାଗ୍ୟକୁ ସେ ନିଜେ ସହି ନେଇ ଆଲୋକବର୍ତ୍ତିକା ହୋଇ ଜଳିବ ।**

ମୁଁ ଭାରତୀୟ କବି ଭାବରେ ସେଠାରେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲି । ମୋ ଦେଶର ସୁବର୍ଣ୍ଣ ବିଭବ କିଏ ହୁଏତ ମୋରି କବିତା ଭିତରୁ ମୋ ବ୍ୟକ୍ତିତ୍ୱରୁ ଏବଂ ମୋ ଓଡ଼ିଆ ବେଶଭୂଷାରୁ ଠିକ୍ ବାରି ପାରିଥିଲେ ସେମାନେ । ପ୍ରାୟ ୧୮ଟି ଦେଶରୁ ଆସିଥିବା କବିମାନଙ୍କ ଗହଣରେ ବିଶ୍ୱ କବିତା ସମାରୋହ ଖୁବ୍ ଆକର୍ଷଣୀୟ ଥିଲା । ଗ୍ରୀକ୍‌ର ଖ୍ୟାତନାମା କବି ମେରିନୋ, ଯିଏ କି ଇଂରାଜୀ ଭଲ ଭାବରେ ବୁଝି ପାରୁନଥିଲେ, ମୋତେ ଅନେକ ସମୟରେ ମନୋରମା, ଇଣ୍ଡିଆ ବୋଲି ସମ୍ବୋଧନ କରୁଥିଲେ । ଶ୍ରୀମତୀ ମେରିନା ଖୁବ୍ ଭାବପ୍ରବଣ ପ୍ରକୃତିର । ତାଙ୍କ ମୁହଁରୁ ଭଙ୍ଗାଭଙ୍ଗା ଇଂରାଜୀ ଶବ୍ଦ ଶୁଣିବାକୁ ଭାରି ଭଲ ଲାଗୁଥିଲା ।

ଗ୍ରୀକ୍‌ର ସ୍ଥାପତ୍ୟ, କଳା, ସଂସ୍କୃତି ଏବଂ ଆଲେକ୍‌ଜାଣ୍ଡାର ଦି ଗ୍ରେଟ୍‌ଙ୍କର ପ୍ରକାଣ୍ଡ ପ୍ରତିମୂର୍ତ୍ତି ପାଇଁ ମାସିଡୋନିଆ ବିଶ୍ୱବିଦିତ । ଆରିଷ୍ଟଟଲ, ପ୍ଲାଟୋ ପ୍ରଭୃତି ମନୀଷୀମାନଙ୍କ ପାଇଁ ଏହି ଭୂମି ତୀର୍ଥଭୂମିରେ ପରିଣତ ହୋଇଯାଇଛି । ପ୍ରତିଦିନର କବିତା ଅଧିବେଶନ ପରେ ସିଟି ଟୁର୍ ବା ସହର ପରିକ୍ରମା ହେଉଥିଲା । ହଜାର ହଜାର ବର୍ଷର ମନାଷ୍ଟ୍ରି, ପ୍ରାଚୀନ ଗୀର୍ଜା ଏବଂ ପ୍ରକାଣ୍ଡ ଦୁର୍ଗ ଭିତରେ ମାସିଡ଼ୋନିଆ ଏକ ସ୍ୱପ୍ନର ହାଲ୍‌କିଡ଼ିକି ନାମକ ଏକ ସାମୁଦ୍ରିକ ସ୍ଥାନ । ଏହି ସ୍ଥାନ ଖୁବ୍ ନିକାଞ୍ଚନ । ଖୁବ୍ ପାଖରେ ସମୁଦ୍ର । ସମୁଦ୍ରର ପାଣି ଘନନୀଳ ଏବଂ ନିସ୍ତରଙ୍ଗ । ପୁରୀ ପରି ବଡ଼ ବଡ଼ ଢେଉ ଆସେ । ଚାରି ପାଖରେ ପାଇନ୍ ବୃକ୍ଷର ଜଙ୍ଗଲ ।

ଏହା 'ସିକ୍ରେଟ୍ ପାରାଡାଇଜ୍' ଭାବରେ ଖ୍ୟାତ । ଏଠାରେ ଦୁଇହଜାର ବର୍ଷର ବୃକ୍ଷସବୁ ସୁରକ୍ଷିତ କରି ରଖାଯାଇଛି । ସାମୁଦ୍ରିକ ପବନ ଆସି ସୁଗନ୍ଧିତ ପାଇନ ଏବଂ ଅଲିଭ ଗଛର ପତ୍ର ସନ୍ଧିରେ ଲୁଚକାଳି ଖେଳୁଛି । ମାଇଲ ମାଇଲ ବ୍ୟାପୀ ଏହାର ସମୁଦ୍ର କୂଳ ପରିଷ୍କାର ପରିଚ୍ଛନ୍ନ । ସମୁଦ୍ର କୂଳ ବାଲି ଉପରେ ଶୋଇ ରହି ଉଭୟ ପୁରୁଷ ନାରୀ ସୂର୍ଯ୍ୟସ୍ନାନ କରୁଥିବାର ଦୃଶ୍ୟ ଖୁବ୍ ଚମତ୍କାର । ଗ୍ରୀକ୍ ବିଉଟିମାନଙ୍କୁ ମୁଁ ଆଗରୁ ଏତେ ପାଖରୁ କେବେ ଦେଖି ନଥିଲି । ପ୍ରାକୃତିକ ସୌନ୍ଦର୍ଯ୍ୟ ଠାରୁ ଆରମ୍ଭ କରି ମାନବିକ ସୌନ୍ଦର୍ଯ୍ୟ ପ୍ରତି ଯୁଗେ ଯୁଗେ ମଣିଷ ଆକୃଷ୍ଟ ହୋଇଛି । ସ୍ୱତନ୍ତ୍ର ବସ୍‌ରେ କବିମାନଙ୍କୁ ନେଇ ଏହି 'ହାଲ୍‌କିଡିକୀ' ବା 'ସିକ୍ରେଟ ପାରାଡାଇଜ'କୁ ଆମେ ଆସିଥିଲୁ । ମାସିଡୋନିଆରୁ ଏହା ପ୍ରାୟ ଦୁଇ ଘଣ୍ଟାର ରାସ୍ତା । ହାଲ୍‌କିଡ଼ିକୀକୁ ସିକ୍ରେଟ୍ ପାରାଡାଇଜ୍ ଅଫ୍ ଗ୍ରୀସ୍ କହିବା ନିଶ୍ଚିତ ଭାବରେ ଯୁକ୍ତିଯୁକ୍ତ । ରାସ୍ତାଗୁଡ଼ିକ ଉଠାଣି ଗଡ଼ାଣି ପୁଣି ସର୍ପିଳ । ରାସ୍ତାର ଦୁଇପାଖରେ ବିଭିନ୍ନ ଭାଷାର ସଙ୍ଗୀତର ମୂର୍ଚ୍ଛନା । ବର୍ଷୀୟାନ ଇସ୍ରାଏଲ୍‌ର କବି ଆଦାଆହାରୋନିଙ୍କ ପ୍ରାଣ–ଉଚ୍ଛୁଳା ହସ ସହିତ ଗୀତର ପ୍ଲାବନ ମୋ ଭାରତୀୟ ମାନସିକତାକୁ ଚମକାଇ ଦେଇଥିଲା ସେଦିନ । ସତେ ଯେମିତି ବସ୍ ଦୁଇଟି ବଣଭୋଜି ପାଇଁ ଯାଉଥିବା କେଉଁ ସ୍କୁଲ ପିଲାମାନଙ୍କର ବସ୍ । ଆମେରିକାନ୍ କବି ରୋଜମେରୀ ଉଇଲ୍‌କସନ ଟିକିଏ ଅନ୍ତର୍ମୁଖୀ ପ୍ରକୃତିର । ଉତ୍ତର ଷାଠିଏ ଅତିକ୍ରମ କରିଥିବା ଏହି ବିଦେଶିନୀ ଜଣଙ୍କୁ ଦେଖିଲେ ମନେହେବ ଯୌବନୋଦୀପ୍ତ ଉଜ୍ଜ୍ୱଳ ତରୁଣୀଟିଏ ଯେମିତି । ଅବସର ଗ୍ରହଣ କରିଛନ୍ତି ନିକଟରେ । ତଥାପି ତାଙ୍କ କଥାକୁହା ଚାହାଣି, ଆବେଗମୟ ବ୍ୟବହାରରୁ ରବୀନ୍ଦ୍ରନାଥଙ୍କର ବିଦେଶିନୀ କବିତାଟି ମନ ଭିତରେ ଗୁଣୁଗୁଣୁ ହେଉଥିଲା ମୋର ।

ସକାଳ ସେତେବେଳେ ଆଠଟା ବାଜିଥିଲା । ଆମ ଭାରତୀୟ ସମୟଠାରୁ ଗ୍ରୀସ୍‌ର ସମୟ ପ୍ରାୟ ପାଞ୍ଚଘଣ୍ଟା ପଛୁଆ । ଭାରତରେ ସମୟ ସେତେବେଳେ ଗୋଟାଏ ପାଖାପାଖି । ଭାତଖିଆ ସମୟ । ଗ୍ରୀସ୍‌ରେ ଯେଉଁ ଗୋଟାଏ ସପ୍ତାହ ରହିଲି ତାହା ମୋ ପାଇଁ ସ୍ୱପ୍ନ ଥିଲା । ସେମାନେ ସକାଳ ଜଳଖିଆରେ ବିଭିନ୍ନ ପ୍ରକାର କେକ୍, ବନ, କଫି, ଫଳରସ, ଚିପ୍‌ସ୍, ଆଇସକ୍ରିମ୍ ଇତ୍ୟାଦି ଦେଉଥିଲେ । ତେଣୁ ଦ୍ୱିପ୍ରହର ଖିଆ ଏତେ ଗୁରୁତ୍ୱପୂର୍ଣ୍ଣ ନଥିଲା । ସେମିନାର ଚାଲୁଥିଲା ଏବଂ ତା'ପରେ ରାତ୍ରିଭୋଜନ ଆରମ୍ଭ ହେଉଥିଲା । ସଙ୍ଗୀତ ଯେମିତି ଏ ଜାତିର ପ୍ରାଣ । ବେଳେବେଳେ ଗ୍ରୀକ୍ ସଙ୍ଗୀତ ସହିତ ଆମ ଭାରତର ଉଚ୍ଚାଙ୍ଗ ସଙ୍ଗୀତର ମଧ୍ୟ ସାମଞ୍ଜସ୍ୟ ଲକ୍ଷ୍ୟ କରୁଥିଲି । ଖାଇବା ବେଳେ ପାଣି ବଦଳରେ ସମସ୍ତେ ବିଭିନ୍ନ ପ୍ରକାର ପାନୀୟ ବ୍ୟବହାର କରୁଥିଲେ । ମୁଁ ମିନିରାଲ ୱାଟର କିଣୁଥିଲି, ପାଣି ନ ପିଇଲେ ମଣିଷ ବଞ୍ଚିବ କେମିତି ? ସବୁବେଳେ ଫଳରସ ଭଲ ଲାଗୁନଥିଲା ।

'ହାଲ୍‌କିଡିକୀ' The Secret Paradise of Greece କ୍ରମଶଃ ପାଖେଇ ଆସୁଥିଲା। ମୋ ପାଖ ସିଟ୍‌ରେ ବସିଥିଲେ ସତୁରି ବର୍ଷିଆ ଜାପାନୀ କବି ଜଣେ । ଅଧ୍ୟାପନାରୁ ଦୁଇବର୍ଷେ ହେବ ଅବସର ନେଇଛନ୍ତି । କୌଣସି ଜଞ୍ଜାଳ ଏବେ ଆଉ ନାହିଁ । ସଂପୂର୍ଣ୍ଣ ମୁକ୍ତ ବିହଙ୍ଗ । ହିରୋସୀମା, ନାଗାସାକୀ କଥା ମନେପକାଇ ସେ ଦୁଃଖରେ ଭାବପ୍ରବଣ ହୋଇପଡୁଥିଲେ । ସୁନ୍ଦର ଜାପାନୀ ଟୋପିଟିଏ ପିନ୍ଧିଥିଲେ ସେ । ତାଙ୍କର ପ୍ରକାଶିତ କବିତା ବହି ଖଣ୍ଡିଏ ମୋତେ ଦେଇ କହିଲେ ଯଦି କେବେ ଜାପାନ ଆସ, ମୋ ଘରେ ପ୍ରଥମେ ଅତିଥି ହେବ । ଭାରତର ବେଦ, ବେଦାନ୍ତ, ଧର୍ମଦର୍ଶନ ସବୁକୁ ମୁଁ ଭଲପାଏ । 'ବେଦଭୂମି ଭାରତ' । ତାଙ୍କର ଭାବବିହ୍ୱଳ କଥା ଶୁଣି ମନେ ପଡିଯାଇଥିଲା ଶ୍ରୀଅରବିନ୍ଦଙ୍କ କଥା।

ବସ୍‌ର ଗତି ସହିତ ତାଳ ଦେଇ କେତେଜଣ ସଙ୍ଗୀତ ସହିତ ନୃତ୍ୟ ମଧ୍ୟ ଆରମ୍ଭ କରି ଦେଇଥିଲେ । ରାସ୍ତାଗୁଡ଼ିକ ଏପରି ସର୍ପିଳ ଏବଂ ପରିଷ୍କାର ପରିଚ୍ଛନ୍ନ ଯେ ଛୋଟ କାଗଜ ଖଣ୍ଡିଏ କେଉଁଠି ପଡ଼ିଥିବା ଦେଖିଲି ନାହିଁ । **ଅସଂଖ୍ୟ ମରସିଡ଼ିସ ଗାଡ଼ି ଲାଇନ୍ ବାନ୍ଧି ଛୁଟୁଥିବାର ଦୃଶ୍ୟ ଖୁବ୍ ମନୋମୁଗ୍ଧକର । କୌଣସି ସ୍ଥାନରେ ଟ୍ରାଫିକ୍ ଷ୍ଟାଣ୍ଡ ନାହିଁ । ଯାନବାହାନ ସବୁ କମ୍ପ୍ୟୁଟର ଦ୍ୱାରା ନିୟନ୍ତ୍ରିତ । ରାସ୍ତାରେ କଲିକତା ଦିଲ୍ଲୀ ପରି ଗହଳି ନଥିଲା । ମୋତେ ଲାଗିଲା ଏଠାକାର ଲୋକସଂଖ୍ୟା ଖୁବ୍ ସୀମିତ ଯେମିତି । ତା' ଛଡ଼ା ଅଗଷ୍ଟରୁ ଅକ୍ଟୋବର ପର୍ଯ୍ୟନ୍ତ ଏଠି ଖରାଛୁଟି । ଚାରିଆଡ଼େ ବସନ୍ତ ଋତୁର ବର୍ଣ୍ଣବିଭା । ଡାଫୋଡ଼ିଲ, ଲାଇଲାକ୍ ଫୁଲର ଶାଢ଼ିରେ ଗ୍ରୀସ୍ ଅପରୂପା ହୋଇ ଉଠୁଥିଲା । ମାସିଡୋନିଆ ସହରକୁ ସମୁଦ୍ର ଘେରି ରହିଥିଲା । ବଡ଼ ବଡ଼ ଷ୍ଟିମର ଏବଂ ଜାହାଜ ଆସି ନଙ୍ଗର ପକାଇ ଥିଲା । ସମୁଦ୍ର ପାଖରେ ଥିବା କାଶାବିଏଙ୍କା ପଏଣ୍ଟ ଅତୀତ ଇତିହାସର ମୂକସାକ୍ଷୀ ଭାବରେ ରହିଥିବାର ଦେଖିଲି । ଇତିହାସର ଗନ୍ତାଘର ଏଇ ଗ୍ରୀସ୍ ।**

ଆମ ବସ୍ Secret Paradiseରେ ପହଞ୍ଚି ସାରିଥିଲା। କବିମାନଙ୍କର କିଛି ଅସୁବିଧା ହେବ ନାହିଁ ବୋଲି Dr. Nicoles ଯିଏ କି ଆରିଷ୍ଟଟଲ ୟୁନିଭରସିଟିରେ ଅଧ୍ୟାପନା କରନ୍ତି, ସର୍ବୋପରି ଏହି କବିତା ଉତ୍ସବର ପରିଚାଳକ ତଥା ଦିଗ୍‌ଦର୍ଶକ । ସେ ସବୁପ୍ରକାର ସାହାଯ୍ୟ କରୁଥିଲେ । ସେ ଏବଂ ଶିଳ୍ପୀ ଇରିନା ବହୁ ଆଗରୁ ସେଠାରେ ପହଞ୍ଚି ସାରିଥିଲେ । ସମୁଦ୍ର କୂଳର ଏକ ସୁଦୃଶ୍ୟ ଅତିଥିଶାଳା । ତା'ର ଚାରିପାଖରେ ଥିବା ଅଲିଭ ତଥା ପାଇନ୍ ଗଛ ଦେହର ଇରିନାର ପେଣ୍ଟିଂ ସବୁ ସୁନ୍ଦର ଭାବରେ ଝୁଲାଇ ରଖାଯାଇଥିଲା । ସତେ ଯେମିତି ଏକକ ଚିତ୍ରକଳାର ପ୍ରଦର୍ଶନୀ ହୋଇଛି ଏବଂ ଏହି ଗଛମାନେ ହିଁ ପ୍ରକୃତ କଳାର ପୂଜାରୀ ଭାବରେ ଦଣ୍ଡାୟମାନ ହୋଇ ମନ୍ତ୍ରମୁଗ୍ଧ ଭାବରେ ଅନାଇ ରହିଛନ୍ତି । ଆଗରେ ଦିଗନ୍ତବିସ୍ତାରୀ ଘନନୀଳ ସମୁଦ୍ର । କେତେଜଣଙ୍କୁ ଛାଡ଼ି ଅନ୍ୟ ସମସ୍ତେ ସମୁଦ୍ର ସହିତ ଉତ୍ତାଳ ହୋଇ ଉଠିଲେ ଏବଂ ଜଣେ ଜଣେ ସୁଇମିଂ ଡ୍ରେସ୍ ପିନ୍ଧି ସମୁଦ୍ର ସହିତ ଏକାକାର ହୋଇଗଲେ । ଉତ୍ତର ଷାଠିଏ ମହିଳାଙ୍କ ଭିତରେ ଯେଉଁ ପ୍ରାଣପ୍ରାଚୁର୍ଯ୍ୟ ମୁଁ ସେଦିନ ଲକ୍ଷ୍ୟ କଲି ତାହା ମୋତେ ବିସ୍ମିତ କରିବା ସଙ୍ଗେ ସଙ୍ଗେ ବିମୁଗ୍ଧ ମଧ୍ୟ କଲା । ଦୁଇଘଣ୍ଟା ପର୍ଯ୍ୟନ୍ତ ସମୁଦ୍ରସ୍ନାନ ସାରି ସେମାନେ ଜଣେ ଜଣେ ଫେରୁଥିଲେ – କିଏ ବା ସମୁଦ୍ର ବାଲିରେ ଶୋଇ ରହି ଅନନ୍ତ ଆକାଶକୁ ଦେଖିବାରେ ବିଭୋର ହେଉଥିଲା । ପାଶ୍ଚାତ୍ୟ ସଙ୍ଗୀତର ତାଳେ ତାଳେ ସେମାନଙ୍କର ନୃତ୍ୟ ଆରମ୍ଭ ହୋଇଯାଇଥିଲା । ସମୟ ପ୍ରାୟ ତିନିଟା ବାଜିବ । ମଝିରେ ମଝିରେ ଶିଳ୍ପୀ ଇରିନା ଆସି ମୋତେ ଗୋଟାଏ ଗୋଟାଏ ଆଇସ୍‌କ୍ରିମ୍ ଦେଇ ଯାଉଥିଲେ । ଏଇ ଶିଳ୍ପୀ ଇରିନା ହିଁ ପ୍ରଥମେ ମୋତେ ମାସିଡୋନିଆ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ ତାଙ୍କ ଦେଶକୁ । ମୁଁ ଇରିନା ପାଇଁ ଏକାଧିକ କବିତା ଲେଖିଥିଲି । ମୋ ସିନ୍ଦୂର ବିନ୍ଦୁ ଦେଖି ସେ ମୁଗ୍ଧ ହୋଇ ଯାଇଥିଲା ଏବଂ ବାରମ୍ବାର କହୁଥିଲା 'ଦିସ୍ ଇଜ୍ ଇଅର ଥାର୍ଡ ଆଇ' – ପ୍ରତ୍ୟେକ ସୃଜନଶୀଳ ସ୍ରଷ୍ଟାର ତୃତୀୟ ଚକ୍ଷୁ ନଥିଲେ ସେ ସ୍ରଷ୍ଟା ହୋଇପାରିବ ନାହିଁ ବୋଲି ମୁଁ ତାଙ୍କୁ ସେଦିନ ବୁଝାଇ ଦେଇଥିଲି । ଶିଳ୍ପୀ ତମେ ଗ୍ରୀସ୍‌ର ଶିଳ୍ପୀ । କେତେ ଯେ ଆଙ୍କିଛ ଛବି ତମ ଦେଶ, ତମରି ସମୁଦ୍ର, ଅଲିଭ ଗଛର ଛାଇ ସମୁଦ୍ରର କଥା । ପ୍ରଥମେ ସ୍ୱାଗତ ତମେ କରିଥିଲ ତମରି ଦେଶକୁ ଏୟାରପୋର୍ଟରେ । ତମେ ନୁହଁ ଇରାନୀ କିଶୋରୀ । ତମେ ନୁହଁ ଇସ୍ରାଏଲ୍ ଆଇରିସ୍ ନାରୀ । ତମେ ଶିଳ୍ପୀ ଜୀବନର ଶିଳ୍ପୀ । ତମେ ନାରୀ, ଚିରନ୍ତନ ନାରୀ, ଯଦି କେବେ ଆସ ତମେ ଭାରତବର୍ଷକୁ, ଦେଖିବ ସେଠାରେ ସଂପର୍କର ସୁନାଝରି ଗଛର ଛାଇରେ ସଂପର୍କ ଡୋରିରେ ବନ୍ଧା ଜୀବନର ଛବି । ଶୁଣ ଇରିନା, ମୋ ଭାରତ ବର୍ଷ ବେଦ ଆଉ ବେଦାନ୍ତର ସ୍ୱାଭିମାନୀ ଦେଶ ।'

ମଧ୍ୟାହ୍ନ ଭୋଜନ ଅନେକ ବେଳୁ ପ୍ରସ୍ତୁତ ହୋଇ ସାରିଥିଲା । କେବଳ ନାଚ ବନ୍ଦ ହେଲେ ସିନା ଖାଇବା ପର୍ବ ଆରମ୍ଭ ହେବ । ଅନେକବେଳୁ ମୋତେ ଭୋକ ଲାଗିଲାଣି । ଅତିଥିଶାଳା ସାମ୍ନା ଉଦ୍ୟାନରେ ଟେବୁଲ୍ ଉପରେ ଖାଦ୍ୟ ସବୁ ଅପେକ୍ଷା କରିଛନ୍ତି ଯେମିତି । ବିଭିନ୍ନ ପ୍ରକାରର ଖାଦ୍ୟପଦାର୍ଥ ସହିତ ଚିଙ୍ଗୁଡ଼ି ଏବଂ ଭିନ୍ନ ସାମୁଦ୍ରିକ ମାଛର ଭଜା, ସାଲାଡ଼, ବଡ଼ ବଡ଼ ତରଭୁଜ ଖଣ୍ଡ, ଦହି ପ୍ରଭୃତି । ମୁଁ ତରଭୁଜ ସାଲାଡ଼, ଦହି ଏବଂ ଶେଷରେ ଆଇସ୍କ୍ରିମ୍ ଖାଇଲି । ସମୟ ପାଞ୍ଚାଟା ବାଜି ସାରିଥିଲା । ସୂର୍ଯ୍ୟ କ୍ରମଶଃ ଅସ୍ତ ହେବାର ଆୟୋଜନ କରୁଥିଲା । ସମୁଦ୍ର ସେହିପରି ନିସ୍ତରଙ୍ଗ ପୁରୀ ସମୁଦ୍ର ଠାରୁ ଭିନ୍ନ । ବହୁଦୂରରୁ ଛୋଟ ଛୋଟ ଡଙ୍ଗା ସବୁ ଭାସି ଭାସି ଆସିବାର ଦୃଶ୍ୟ ରବୀନ୍ଦ୍ର ନାଥଙ୍କର 'ଦିନେର୍ ଶେଷ' କବିତା ସ୍ମରଣ କରାଇ ଦେଉଥିଲା । ନିଘଞ୍ଚ ଜାଙ୍ଗଲିକ ସୁଷମା ଉପରେ ଅନ୍ଧକାର କ୍ରମଶଃ ବିସ୍ତାର କରୁଥିଲା । କବିମାନେ ପୁଣି ଫେରିଆସିଥିଲେ ବସ୍ ଭିତରକୁ ହାଲ୍‌କିଡ଼ିକୀରୁ ବିଦାୟ ନେଇ । ସିକ୍ରେଟ୍ ପାରାଡାଇଜ୍ ସବୁଦିନ ଏମିତି ସିକ୍ରେଟ୍ ହୋଇ ରହିଯାଉ ମୋର । ତା'ର ରହସ୍ୟମୟତାକୁ ଆବିଷ୍କାର କରି ଲାଭ କଣ ? ସ୍ୱର୍ଗ କେବେ ତା ଅନ୍ତଃସ୍ଥଳ ଉଦ୍‌ଘାଟିତ କରେ ନାହିଁ । ପ୍ରକୃତିର ସ୍ୱର୍ଗୀୟ ସୁଷମାକୁ ଉଦ୍‌ଘାଟିତ କରି ଲାଭ କଣ ! ସ୍ୱର୍ଗୀୟ ଆନନ୍ଦ, ସ୍ୱର୍ଗୀୟ ସ୍ୱପ୍ନକୁ ଆଜି ବି ମୁଁ ସାଇତି ରଖିଛି ମୋ ଭିତରେ । ସ୍ୱର୍ଗ କଣ ସତରେ ଏଇ ପାଖରେ କେଉଁଠି ? କସ୍ତୁରୀ ମୃଗ ପରି ମୁଁ କେବଳ ଖୋଜୁଛି ଯାହା– ସ୍ୱର୍ଗ ଯେ ମୋରି ଭିତରେ ରହିଛି – ତାହା ଆଉ କେବେ ବା ଜାଣିବି ?

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର–୭୫୧୦୧୩,**
**ମୋ–୦୯୪୩୭୦୧୧୦୦୩**

# କବିତା

## ତୁମେ ଆଉ ମୁଁ



ସନ୍ଧ୍ୟା ରାଣୀ ନନ୍ଦ

ଜୀବନର ଚଲା ପଥେ
ଘାତେ ପ୍ରତିଘାତେ,
ପ୍ରତିଜ୍ଞା ପ୍ରତିଶ୍ରୁତିରେ
ବନ୍ଧା ହୋଇ ରହିଥିବା
ତୁମେ ଆଉ ମୁଁ,
ତମସାର ଆଚ୍ଛନ୍ନରେ
ପଥ ଅତିକ୍ରାନ୍ତେ,
ପ୍ରତୀକ୍ଷା ପ୍ରତିକ୍ଷଣେ
ଆଲୋକର ବର୍ତ୍ତିକା
ତୁମେ ଆଉ ମୁଁ ।
ଜୀବନର ଫଲଗୁରେ
ଜାଗ୍ରତରେ ସ୍ୱପ୍ନରେ
ସ୍ୱର୍ଣ୍ଣାଭ ଦର୍ଶନରେ
ଶବ୍ଦ ହୀନ ସ୍ୱୀକୃତି,
ତୁମେ ଆଉ ମୁଁ ।

**ପ୍ଲଟ ନଂ– ୧୦୭, ପ୍ରାଚୀ ଏନକ୍ଲେଭ,**
**ଚନ୍ଦ୍ରଶେଖରପୁର,**
**ଭୁବନେଶ୍ୱର**

## ବର୍ଷା ଓ ମଧୁର ବଂଶୀ

ଅବନୀ କୁମାର ରାଉତ


ବର୍ଷା ତୁମେ ବିଦଗ୍ଧ କାମନା
ଚେତନାର ଅଗ୍ନି ପରୀକ୍ଷା
ସମୁଦ୍ର ତରଙ୍ଗ ବିରହି ପ୍ରାଣର ଢେଉ ...!
ସମର୍ପି ଦେଇଛ କେତେ ପ୍ରତାରଣା କ୍ଷତ
ହସ ହସ କାନ୍ତି ହୁଏ କାହା
ପାଇଁ ଯନ୍ତ୍ରଣାର ଉପହାର ...!
କାହ୍ନା ବିରହର ବଂଶୀ ବାଜୁଥିଲେ
ରାଧା ପାଦରେ ପାଉଁଜିର ଶବ୍ଦ ଘୁଙ୍ଗୁର
ଝୁମୁକା ରୁଣୁ ଝୁଣୁ ଶୁଭେ...!
ପ୍ରେମ ତ ଅବୁଝା ମନର
କଥା ବାନ୍ଧି ହୋଇଥାଏ !
କଦମ୍ବ ମୂଳରେ ବର୍ଷା ଝରୁଥିଲେ ଝୁରି ହୁଏ
ରାଧା ଭଲ ପାଇବାର କ୍ଲେଶ
ଝୁରୁଛି ହୃଦୟର କୋହ
ଗୋପୀଙ୍କ ଯମୁନା ଘାଟ !
ଅମ୍ବରେ ମେଘ ଦେଖି ବନ ମୟୂରୀ ଯେ
ନାଚୁଥାନ୍ତି ଘନ ଘନ !
ବନଭୂମି ଶୋଭା ଅତି ମନମୁଗ୍ଧକର
ମଧୁର ବଂଶୀର ସ୍ୱନ ଭାସି ଆସି ଯେବେ
ରାଧାର କେତେ ନିର୍ମଳତା ପ୍ରେମ !
କାହିଁ ଛଳନାର କେତେ ଅନୁରାଗେ
ସ୍ନେହ ସୁଧା ପ୍ରୀତି ଝରେ !
ବର୍ଷା ଝରେ ନୀଧି ବନେ
ମୃଗ ହୁଅନ୍ତି ଆନମନା
ପ୍ରକୃତି ବିହଙ୍ଗ ଲତା ଶୃଙ୍ଗାରେ ସଜ୍ଜିତ
ହେଉଥାନ୍ତି ଉଜାଗର !
ଝଡି ପଡୁଥିବା ସନ୍ଧ୍ୟାରେ ଶାନ୍ତ
ସ୍ନିଗ୍ଧ ସମୀର ସ୍ପର୍ଶରେ
ଶେଷ ସୂର୍ଯ୍ୟ ସିନ୍ଧୁ ଜଳେ ଢଳ
ଢଳ କି ସୁନ୍ଦର ହୋଇ ଭାସୁଥାନ୍ତି !
ଗୋଧୂଳି ଲଗନେ ଅମ୍ବର ଝରାଏ
ଝିପି ଝିପି ବର୍ଷା
ଛାୟା ରୂପ ରାଧା ମନ
ଉଲ୍ଲସିତ କାହିଁ ହୁଏ !
ରାଧା ଚିତ୍ତ ଛନ ଛନ ପ୍ରାଣ ହଜି ଯାଏ ସପନ
ନଇ ବହୁଛି କେତେ ଯେ ଭାବନାର !
ମାଡି ଆସୁଥିଲା ଘନ କୃଷ୍ଣ
ନିଶି ବରଷା ସନ୍ଧ୍ୟାରେ
ଫୁଲି ଉଠୁ ଥିଲା ଯମୁନା
କୂଳକୁ ଶଙ୍କିତ ନଇ !
ରାଧା ତମାଳ ବଣରେ ବିଜୁଳିର
ତାନେ କଦମ୍ବ ବୃକ୍ଷରୁ
ଫୁଲ ଫଳ ପେଣ୍ଡା ପେଣ୍ଡା ଝରିପଡ଼େ !
ଅଭାଗିନୀ ରାଧା ବ୍ୟାକୁଳିତ ମନ ହୁଏ
ବିଚଳିତ ହୋଇ ନିଶି ଜହ୍ନ ବନ
ଶୋଇ ପଡ଼େ !
ବଂଶୀର ସ୍ୱରରେ ଅଧିର
ଆକାଶ ଅସ୍ତମିତ ସୂର୍ଯ୍ୟ
ଚାଲିଥାନ୍ତି ମା' କୋଳେ ଲୁଚି ଲୁଚି
ଭିଜୁଥାନ୍ତି ପକ୍ଷୀମାନେ ସବୁଜ ପଲ୍ଲବ ତଳେ
ଛମ୍ ଛମ୍ ବାଜୁଥାଏ
ମେଘର ପାଦ ଘୁଙ୍ଗୁର ରାଧା ପାଇଁ ।

**ମା' ବିରଜା କ୍ଷେତ୍ର**
**ମୋ–୯୪୩୯୬୨୨୬୨୩**

# ପ୍ରାପ୍ତ ପୁସ୍ତକ

*ପୁସ୍ତକ ନାମ– ପୁରୁଷାର୍ଥ*
*ଲେଖକ– ରଞ୍ଜନ ବାଗ*
*ପ୍ରକାଶକ– ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର*
*ମୂଲ୍ୟ–୧୪୦/– ( ଏକଶତ ଚାଳିଶ ଟଙ୍କା ମାତ୍ର)*

ଜଣେ ସମାଜସେବୀ ତଥା ବରିଷ୍ଠ ସମ୍ବାଦଦାତା ହେଉଛନ୍ତି କବି ରଞ୍ଜନ ବାଗ । ଛାତ୍ର ଜୀବନରୁ ଲେଖାଲେଖି ପ୍ରତି ଆଗ୍ରହୀ ଥିବା କବି ଶ୍ରୀ ବାଗ ରାଜନୀତିରେ ପ୍ରବେଶ କରି କିଛି କାଳ ଲାଗି ଲେଖନୀ ଚାଳନାରୁ ବିରତ ରହିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ପୁଣି ସେ ସାହିତ୍ୟ ଆଡ଼କୁ ଢଳିଥିଲେ । ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ କବିତା ସେ ରଚନା କରିଛନ୍ତି । ସେସବୁକୁ ରାଜ୍ୟର କୋଣ ଅନୁକୋଣରୁ ପ୍ରକାଶିତ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରି ସେ ବେଶ୍ ପାଠକୀୟ ଶ୍ରଦ୍ଧା ଲାଭ କରିଛନ୍ତି । ପାଠକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ବିଭିନ୍ନ ପତ୍ରପତ୍ରିକାରେ, ତାଙ୍କ ପ୍ରକାଶିତ କବିତାସବୁକୁ ଏକାଠି କରି ସେ 'ପୁରୁଷାର୍ଥ' ନାମକ ଏକ କବିତା ସଂକଳନ ପାଠକମାନଙ୍କୁ ଭେଟି ଦେଇଛନ୍ତି । ସର୍ବମୋଟ ୪୭ ଗୋଟି କବିତାକୁ ନେଇ ପରିପୃଷ୍ଟ ପୁସ୍ତକଟିରେ ପାଠକ ସମାଜର ସମସସାୟିକ ସମସ୍ୟା, ସଂଘର୍ଷ ତଥା ମନୁଷ୍ୟ ମନରେ ଉପୁଜୁଥିବା ଦ୍ୱନ୍ଦ, ଆଶା,



ଆକାଂକ୍ଷା ଆଦି ବେଶ ସୁନ୍ଦର ଭାବେ ପ୍ରତିଫଳିତ ହୋଇପାରିଛି । ପୁସ୍ତକର ପ୍ରଚ୍ଛଦପଟର ଅଳଙ୍କରଣ ଅନେକାଂଶରେ ପୁସ୍ତକରେ ସନ୍ନିହିତ ବିଷୟବସ୍ତୁ ଉପରେ ଆଧାରିତ । ମୋଟାମୋଟି ଭାବେ କହିବାକୁ ଗଲେ ପୁସ୍ତକଟି ପାଠକଙ୍କଦ୍ୱାରା ଆଦୃତି ଲାଭ କରିପାରିବ ବୋଲି ଆମର ଆଶା ।

**ସମୀକ୍ଷା– ଅଳକା**

# ସତ କହିବାକୁ କିଆଁ ଡରିବି

ସୁନନ୍ଦା ମହାନ୍ତି

ଗଳ୍ପ

ଦୁଇ ସାଙ୍ଗଙ୍କର ବହୁତ ବର୍ଷ ପରେ ଦେଖାହେଲା ବେଳେ ଦୁହିଁଙ୍କର ଦୁଇଟି ଝିଅ ହୋଇସାରିଥାଏ । ତାଙ୍କ ଝିଅ ଦୁହିଁଙ୍କର ଛୋଟ ବୟସରୁ ସେମାନେ ସାଙ୍ଗ ହୋଇ ଆସୁଛନ୍ତି । ଆଜି ଦୁଇବନ୍ଧୁ ଗାଁରେ ପରସ୍ପରକୁ ଭେଟିବା ପରେ କେତେଆଡୁ କେତେ କଥା ଆଲୋଚନା ହେଉଥାଏ । ଏହି ସମୟରେ ପରସ୍ପର ପରସ୍ପର ଭିତରେ ଅନୁଭୂତି ବାଣ୍ଟି ଚାଲିଥିଲା ବେଳେ ରାମୁ ଓ ମଧୁ ଦୁଇଜଣ କହୁଥିଲେ ଆଚ୍ଛା ଆମ ଦୁଇ ଝିଅଙ୍କୁ ଭଲପିଲା କରିବା ପାଇଁ ଝିଅମାନଙ୍କ ପାଇଁ କଣ ବାର୍ତ୍ତା ଦେବା କହିଲୁ, ସାଙ୍ଗ ଭାଇ ?

ରାମୁ କହିଲା ମୋ ଝିଅ ସୋନାଲି ବଡ଼ ହେଲା ପରେ ମୁଁ ତାକୁ ଏହି ଶିକ୍ଷା ଦେବି କି କେବେ ପରଧନ ଉପରେ ଲୋଭ କରିବ ନାହିଁ କି ଜୋର ଜବରଦସ୍ତି କାହା ଜିନିଷ ଛଡେଇ ନେବ ନାହିଁ । କାରଣ ଗୋଟିଏ ଗପ କହୁଛି ଶୁଣ. ଜଣେ ମାଛବାଲା ଦିନେ କିଛି ବଡ଼ ବଡ଼ ମାଛ ଧରି ବିକ୍ରୀ କରିବାକୁ ଗଲା ବେଳେ ଜଣେ ଖଳ ପ୍ରକୃତିର ଲୋକ ସେହି ମାଛବାଲାକୁ ପଇସା ନଦେଇ ତା' ମାଛ ଛଡ଼ାଇ ନେଇ ସଫା କରି ଭାଜି ଖାଇଲା ବେଳେ ସେପଟେ ମାଛବାଲା ବହୁତ ମନ କଷ୍ଟ କଲା ।

ଆଜି ବହୁତ ଦିନପରେ, ବଡ଼ ବଡ଼ ମାଛ ବିକ୍ରୀ କରି ସେହି ପଇସାରେ ତାର ତିନି ଝିଅଙ୍କ ଭିତରୁ ଜଣଙ୍କ ପାଇଁ ସ୍ୱେଟରଟିଏ କିଣିଥାଆନ୍ତା କାରଣ ଶନିବାର ସକାଳୁଆ ସ୍କୁଲ ଗଲାବେଳେ ତା ସବୁ ସାଙ୍ଗ ସ୍ୱେଏଟର ପିନ୍ଧି ସ୍କୁଲ ଯାଉଥିବା ବେଳେ ମାଛବାଲା ବଡଝିଅ ଶୀତରେ ଥରି ଥରି ସ୍କୁଲ ଯାଉଥିଲା ସେଥିପାଇଁ ପ୍ରାୟ ଶୀତ ଦିନେ ଶନିବାର ସ୍କୁଲକୁ ଯିବାରେ ତାର ଘୋର ଅସୁବିଧା ହୁଏ ।

ଏମିତିକି ସେ ଶୀତ ସକାଳ ସ୍କୁଲ ଯାଇପାରେନି । ଦ୍ୱିତୀୟ ଝିଅ ପାଇଁ ମଫଲରଟିଏ କିଣି ତାକୁ ଥଣ୍ଡା ଦାଉରୁ ରକ୍ଷା କରିବାକୁ ଭାବିଥିଲା ଓ ତୃତୀୟ ଝିଅଟି ସାନ ହୋଇଥିବାରୁ ତା' ପାଇଁ ଶୀତ ଦିନ ମୋଜା ଦୁଇଟି କିଣି ତାକୁ ପିନ୍ଧାଇଲା ପରେ ତା ଠୁକୁ ଠୁକୁ ଚାଲି ଦେଖି ଖୁସି ପାଇଥାନ୍ତା । ଏସବୁ ହୋଇନପାରିବାରୁ ମାଛବାଲା ବହୁତ ମନଦୁଃଖ କଲା ।

ସେପଟେ ଯେଉଁ ଦୁଷ୍ଟ ଲୋକଟି ମାଛ ଛଡ଼ାଇ ନେଇଥିଲା ତା ଆଙ୍ଗୁଠିରେ ଗୋଟେ ଘାଆ ହେଲା । ଘାଆଟି ଜମା ଶୁଖୁ ନଥିଲା ଓ ପ୍ରବଳ ବିନ୍ଧା ହେଉଥିଲା । ଡାକ୍ତର ଦେଖିବା ପରେ କହିଲେ ତୁମ ଆଙ୍ଗୁଠି କାଟିବାକୁ ପଡିବ । ଆଙ୍ଗୁଠି କାଟିସାରିଲା ପରେ ମଧ୍ୟ ଯନ୍ତ୍ରଣା କମିନଥିଲା । ହାତଟି ସେହିଭଳି ବିନ୍ଧିବାରୁ ପୁଣି ଡାକ୍ତର ଦେଖାଇବା ପରେ ଡାକ୍ତର କହିଲେ ତୁମ ହାତଟି ନଷ୍ଟ ହୋଇସାରିଛି । ତେଣୁ ହାତଟି ମଧ୍ୟ କହୁଣୀ ପର୍ଯ୍ୟନ୍ତ କାଟିବାକୁ ପଡିବ । ସେୟା ହେଲା । ତଥାପି ହାତ ବିନ୍ଧା କମିଲା ନାହିଁ ତେଣୁ ଏଥର ଡାକ୍ତର ନଦେଖାଇ ସେ ଜଣେ ସାଧୁଙ୍କୁ ଦେଖାଇ ନିଜ ଦେହର କଷ୍ଟ ଓ ମନର ସବୁ ଦୁଃଖ ଜଣେଇଥିଲେ ।

ସାଧୁ କହିଲେ ତୁମେ ଏ ହାତରେ ନିଶ୍ଚୟ କିଛି ପାପ କରିଛ ତେଣୁ ତୁମ କଷ୍ଟ ଭଲ ହେଉନାହିଁ । ଦୁଷ୍ଟ ଲୋକର ମନେପଡ଼ିଗଲା ଗରିବ ମାଛବାଲାକୁ ପଇସା ନଦେଇ ତା' ମାଛ ସବୁ ସେ ଭାଜି ଖାଇଛି । ସାଧୁଙ୍କୁ ସେହି ଦୁଷ୍ଟ ଲୋକ ସବୁ ସତ କଥା କହିବା ପରେ ସାଧୁ କହିଲେ ତେବେ ତୁମେ ଯାହାର କ୍ଷତି ବା ଅପକାର କରିଛ, ସେ ଯଦି ତୁମକୁ କ୍ଷମା କରିଦେବ, ତୁମ ଯନ୍ତ୍ରଣା ଓ କଷ୍ଟ ଦୂରେଇ ଯିବ ।

ମାଛବାଲାକୁ ଖୋଜି ପାଇଗଲା ସେହି ଲୋକ । ତା' ଗୋଡ଼ ହାତ ତଳେ ପଡି କ୍ଷମା ମାଗିଲା । ସେହି ଲୋକର ତିନି ଝିଅଙ୍କ ପାଇଁ ଯଥାକ୍ରମେ ସ୍ୱେଏଟର, ମଫଲର ଓ ମୋଜା କିଣି ଦେଇଥିଲା । ମାଛବାଲା ବହୁତ ସହୃଦୟ ବ୍ୟକ୍ତି ଥିବାରୁ ଏସବୁ ଜିନିଷ କାହିଁକି ଆଣିଲ ବାବୁ ବରଂ ଏବେଠୁ ଶପଥ ନିଅ ଅନ୍ୟର ଜିନିଷ ଜୋର ଜବରଦସ୍ତ ଭାବେ ଆଉ କେବେ ନେବନାହିଁ । ଲୋକଟି ଏଥର ପ୍ରକୃତ ବାଟକୁ ଆସିଥିବାରୁ ଓ ଅନୁତାପ କରିଥିବାରୁ ଆଶ୍ଚର୍ଯ୍ୟର କଥା ତା ହାତ ଆପେ ଆପେ ଭଲ ହୋଇଯାଇଥିଲା । ତେଣୁ ଝିଅ ହିସାବରେ ତା'ର ପ୍ରଥମ କର୍ତ୍ତବ୍ୟ ହେଲା ଶିକ୍ଷା ପାଇ ସଂସ୍କାର ଶିଖି ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଶିକ୍ଷା ଦେବା । ମଧୁ କହୁଥିଲା ହଁ ରେ ସାଙ୍ଗଭାଇ ମୁଁ ମଧ୍ୟ ମୋ ଝିଅ ସଞ୍ଜୁକୁ ମଧ୍ୟ ସେହିପରି ଶିକ୍ଷା ଦେବି ।

**ସାକ୍ଷୀଗୋପାଳ, ପୁରୀ,**
**ମୋ–୯୦୪୦୯୭୭୩୨୭**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)

samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶାନ୍ତି...

ବଢ଼ିବା ପାଇଁ ଅତ୍ୟନ୍ତ ଜରୁରୀ । ଏଭଳି ହିଂସା ଆମର ଭବିଷ୍ୟତ ପିଢ଼ି ପାଇଁ ବଡ ଅନ୍ୟାୟ । ଇମ୍ଫାଲରେ ୧୨୦୦ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ମଣିପୁରର ଅଭିବୃଦ୍ଧି ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଭିତ୍ତିଭୂମିକୁ ମଜବୁତ କରିବା ଓ ମଣିପୁର ଯୁବଗୋଷ୍ଠୀଙ୍କ ପାଇଁ ଏହି ପ୍ରକଳ୍ପ ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବ । ୨୦୧୪ ପୂର୍ବରୁ ମଣିପୁରର ଅଭିବୃଦ୍ଧି ହାର ୧%ରୁ କମ୍ ରହିଥିବାବେଳେ ଏବେ ଦ୍ରୁତ ଅଭିବୃଦ୍ଧି ଦେଖୁଛି । ପଶ୍ଚିମ ଓ ଦକ୍ଷିଣ ଭାଗରେ ଥିବା ପ୍ରମୁଖ ସହରଗୁଡ଼ିକ ଅତିତରେ ସ୍ୱପ୍ନ ବାସ୍ତବ ରୂପ ନେଇଥିଲା । ଯେଉଁମାନେ ଶିବିରରେ ରହିବାକୁ ବାଧ ହୋଇଛନ୍ତି ସେମାନଙ୍କ ଜୀବନକୁ ପୁଣି ସାଧାରଣ କରିବା ପାଇଁ ଆମ ସରକାର କାର୍ଯ୍ୟ କରୁଛି । ବାସଗୃହ ହରାଇଥିବା ଲୋକଙ୍କ ଲାଗି ୭୦୦୦ ନୂଆ ଘର ମଞ୍ଜୁର ହୋଇଛି । ମଣିପୁର ପାଇଁ ୩ ହଜାର କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପ୍ୟାକେଜ୍ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଯେଉଁମାନେ ହିସାଂରେ ପିଡ଼ିତ ହୋଇଛନ୍ତି ସେମାନଙ୍କ ଜୀବନକୁ ସାଧାରଣ କରିବାକୁ ପ୍ରାଧାନ୍ୟ ଦେଉଛୁ । ମୈତେଇ ବହୁଳ ଇମ୍ଫାଲ ପୂର୍ବରୁ ପ୍ରଧାନମନ୍ତ୍ରୀ କୁକି ବହୁଳ ଚଳାଚାନ୍ଦପୁର ଯାଇଥିଲେ । ସେଠାରେ ୭୩୦୦ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଶାନ୍ତି ଓ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ସମସ୍ତ ଗୋଷ୍ଠୀ ସେମାନଙ୍କ ସ୍ୱପ୍ନ ପୂରଣ କରିବା ଓ ସେମାନଙ୍କ ପିଲାଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଶାନ୍ତିପଥରେ ଆଗେଇ ଆସିବାକୁ ନିବେଦନ କରୁଛି । ସୂଚନାଯୋଗ୍ୟ ୨୦୨୩ ମଣିପୁରରେ ଆରମ୍ଭ ହୋଇଥିବା ହିଂସାରେ ୨୫୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ୬୦ ହଜାରରୁ ଅଧିକ ଲୋକ ବାସୋଚ୍ୟୁତ ହୋଇଛନ୍ତି ।

## ଦୁର୍ଘଟଣା...

ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡ଼ି.ଜି. ଯୋଗେଶ ବହାଦୁର ଖୁରାନିଆ, ଏସ.ଟି.ଏ କମିଶନର ଅମିତାଭ ଠାକୁର, ଡ଼ି.ଆଇ.ଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ଶୂନ୍ୟ ଦୁର୍ଘଟଣା ଦିବସର ଏକ ବିଶେଷ ସଫଳତା ପରେ କେନ୍ଦୁଝର ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶାର ପ୍ରଥମ ଜିଲ୍ଲା ହୋଇଛି । ଆଇ.ଆଇ.ଟି ମାଡ୍ରାସ ସହାୟତାରେ କେନ୍ଦୁଝରରେ ଏଥି ନିମନ୍ତେ ଏକ ୧୪-ଦିନିଆ, କାର୍ଯ୍ୟକ୍ରମ ଆୟୋଜନ ହେଉଛି । ଆଇ.ଆଇ.ଟି ମାଡ୍ରାସ ଦୁର୍ଘଟଣାକୁ କିପରି ପ୍ରତିହତ କରିହେବ, ସେଥିପାଇଁ ମାର୍ଗଦର୍ଶନ କରିବ ।

## ନୂଆପଡା...

ସମାଧାନ ଅକ୍ଟୋବର ୭ ସୁଦ୍ଧା ହେବ । ଅକ୍ଟୋବର ୯ ସୁଦ୍ଧା ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ । ଏହି ମର୍ମରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚିଠି ଲେଖାଯାଇଛି । ଉପନିର୍ବାଚନ ପୂର୍ବରୁ ଏସ୍‌ଏସ୍‌ଆର ପ୍ରକ୍ରିୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ତେବେ ଇତି ମଧ୍ୟରେ ସେଠାରେ ରାଜନୈତିକ ବାତାବରଣ ଚଳଚଞ୍ଚଳ ହୋଇଛି । ୨୦୨୪ ନିର୍ବାଚନରେ ବିଜେଡି ବିଜୟ ହାସଲ କରିଥିଲା । ସେହି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଦ୍ୱିତୀୟ, ବିଜେପି ତୃତୀୟ ଓ କଂଗ୍ରେସ ଚତୁର୍ଥ ସ୍ଥାନରେ ଥିଲା । ଏବେ ବିଜେପି ସରକାର ରାଜ୍ୟରେ ଥିବାରୁ ଏହି ଆସନ ଜିତିବା ପାଇଁ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବ ବୋଲି ଆଲୋଚନା ହେଉଛି । ତେବେ ବିଜେଡି ପୁନର୍ବାର ଏହି ଆସନକୁ ହାତେଇବା ପାଇଁ ଯୋଜନା କରିଥିବାବେଳେ କଂଗ୍ରେସ ମଧ୍ୟ ଜୋରଦାର ଲଢ଼େଇ ଲାଗି ପ୍ରସ୍ତୁତ ହେଉଛି ।

## ଟ୍ରଫ୍ ଲାଇନ୍..

ଏକ ଟ୍ରଫ୍ ଲାଇନ୍ ରହିଛି । ଏହା ପ୍ରଭାବରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତାକାଲି ଅର୍ଥାତ ୧୪ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି । ଏହି ସବୁ ଜିଲ୍ଲା ଗୁଡିକ ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ୧୪ ଓ ୧୫ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂପୁର, ନୟାଗଡ, ପୁରୀ, ଖୋର୍ଦ୍ଧା, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡା,ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାଗୁଡିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିବ । ରାଜ୍ୟରୁ ମୌସୁମୀ ଫେରିବା ପାଇଁ ସାମାନ୍ୟ ବିଳମ୍ବ ହୋଇପାରେ । ଏଥର ଦଶହରାରେ ମୌସୁମୀ ବର୍ଷା ଜାରି ରହିବ । ଦଶହରା ପରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ପାଗ ଅନୁକୂଳ ରହିବ । ତେବେ ଆସନ୍ତା ୧୫ ତାରିଖ ସୁଦ୍ଧା ପଶ୍ଚିମ ରାଜସ୍ଥାନ କିଛି ଅଞ୍ଚଳରୁ ମୌସୁମୀ ଫେରିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

## ମୌସୁମୀ...

କରିବେ । ଯଦି ସେମାନେ ଆଣିବେ ଆମେ ତାଙ୍କୁ ସମର୍ଥନ ଦେବୁ । ନହେଲେ ତାଙ୍କ ସମର୍ଥନ ଲୋଡ଼ିବୁ । ଏଥିସହ ଚାଷୀ ସମସ୍ୟା, ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଇବୁ । ତେବେ ବିଧାନସଭା ଅଧିବେଶନ ବେଶ୍ ସରଗରମ ହେବ ବୋଲି ଏବେଠୁ ସୂଚନା ମିଳିଲାଣି ।

## ଶାଳିନୀ...

୨୦୧୫ ନଭେମ୍ବରରେ ସେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମିଶନ ନିର୍ଦ୍ଦେଶିକା ଭାବେ ଯୋଗ ଦେଇ ପରେ ସେହି ବିଭାଗରେ ୨୦୨୪ ଅଗଷ୍ଟ ମାସ ପର୍ଯ୍ୟନ୍ତ ସଚିବ ପଦରେ ମଧ୍ୟ କାର୍ଯ୍ୟ କରିଥିଲେ । ରାଜ୍ୟରେ ନୂଆ ସରକାର ଆସିବା ପରେ ତାଙ୍କୁ ଗତବର୍ଷ ଅଗଷ୍ଟ ମାସରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ବଦଳି କରାଯାଇଥିଲା ।

# ସୁଶାନ୍ତ ବାରିକ ରାଜ୍ୟ ଟ୍ରକ ମାଲିକ ମହାସଂଘର ସମ୍ପାଦକ



କେନ୍ଦୁଝର, (ଜିପ୍ର) : ଓଡିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ନିର୍ବାଚନ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ହାଇକୋର୍ଟର ବରିଷ୍ଠ ଆଇନଜୀବୀ ନରେନ୍ଦ୍ର କୁମାର ସାହୁ ନିର୍ବାଚନ ପରିଚାଳନା କରିଥିଲେ । ନୂତନ ସଭାପତି ଭାବେ ବିଭୂତି ଭୂଷଣ ଦାସ ଓ ସାଧାରଣ ସମ୍ପାଦକ ଭାବେ ପ୍ରଣବ କୁମାର ପରିଡ଼ା ବିଜୟୀ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ରମାକାନ୍ତ ନାୟକ, କୋଷାଧ୍ୟକ୍ଷ ଭାବେ କ୍ରିତିରାଜ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ଉତ୍ତର ଜୋନର ଉପସଭାପତି ଭାବେ ଉପେନ୍ଦ୍ର କୁମାର ସିଂ, କେନ୍ଦୁଝର ଜିଲ୍ଲା ଯୋଡ଼ା ଟ୍ରକ ମାଲିକ ସଂଘର ସୁଶାନ୍ତ କୁମାର ବାରିକ ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ନିର୍ବାଚନରେ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ଏହି ଖବର ପ୍ରଚାରିତ ହେବା ପରେ କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅଭିନନ୍ଦନ ସୁଅ ଛୁଟିଛି ।ଯୁଗ୍ମ ସଂପାଦକ -ଦୟାଲ ସିଂ,ଦକ୍ଷିଣ ଜୋନର ଉପସଭାପତି -ନରେନ୍ଦ୍ର ମହାନ୍ତି, ସଂପାଦକ -କାଳୀପ୍ରସାଦ ସାଇଁ, ଯୁଗ୍ମ ସଂପାଦକ -ନିରଞ୍ଜନ ଜେନା, ପୂର୍ବଜୋନର ଉପସଭାପତି -ବିରଞ୍ଚି ନାରାୟଣ ପରିଡା, ସଂପାଦକ -ଦୁର୍ଗାପ୍ରସାଦ ମିଶ୍ର, ଓ ଯୁଗ୍ମ ସଂପାଦକ -ଅମିୟ ରଞ୍ଜନ ବାରିକ, ନିର୍ବାଚିତ ହୋଇଛନ୍ତି । ପଶ୍ଚିମ ଜୋନର ଉପସଭାପତି - ଶିବପ୍ରସାଦ ମିଶ୍ର, ସଂପାଦକ -ସୁଶାନ୍ତ କୁମାର ଦାସ, ଯୁଗ୍ମ ସଂପାଦକ ବ୍ରଜେନ୍ଦ୍ର ପ୍ରସାଦ ପଣ୍ଡା, ଏବଂ କେନ୍ଦ୍ରିୟ ଜୋନର ଉପସଭାପତି - ରାଜୀବ କୁମାର ଜେନା ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପରେ ଗଞ୍ଜାମ ଟ୍ରକ ମାଲିକ ସଂଘର ପ୍ରମୋଦ ଜେନାଙ୍କ ଅଧ୍ୟକ୍ଷତାରେ ସଂପଦ ପାଠ ହୋଇଯାଉଥିଲା । ଏଥିରେ ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରାୟ ଯୋଗ ଦେଇଥିଲେ । ଗଞ୍ଜାମ ସଂଘର ସମ୍ପାଦକ ରଞ୍ଜିତ କୁମାର ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ଜଳାଶୟରେ ଯୁବକ ମୃତ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ଗଡଦେଉଳିଆ ପଞ୍ଚାୟତର ବାଲକା ଉପକଣ୍ଠ ରେଣ୍ଟାସାହି ଗ୍ରାମର ସ୍ୱର୍ଗତ ରାମ ମୁର୍ମୁଙ୍କ ପୁଅ କୁଶାଲ ମୁର୍ମୁ(୨୭) ଙ୍କ ଜଳାଶୟରେ ପଡି ମୃତ୍ୟୁ ଘଟିଛି । ପରିବାର ଲୋକଙ୍କ ସୂଚନା ମୁତାବକ କୁଶାଲ ବିଲ ପାଖରେ ଗଭୀର ଜଳାଶୟ ଆଡିରେ ବୁଲୁଥିବା ବେଳେ ଜଳାଶୟକୁ ପଡିଯିବାର ପାଖରେ ଥିବା କିଛି ଲୋକ ଦେଖିବାପରେ ତାଙ୍କ ଘରଲୋକଙ୍କୁ ଖବର ଦେଇଥିଲେ । ପରିବାରବର୍ଗ ଓ ସ୍ଥାନୀୟ ଲୋକ ସହାୟତାରେ ଗଭୀର ଜଳାଶୟରୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଏକ ଅଟୋ ଯୋଗେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଆସିଥିଲେ । ସେଠାରେ ଡାକ୍ତର କୁଶାଲକୁ ମୃତ୍ୟୁ ଘୋଷଣା କରିଥିଲେ ।ଏ ନେଇ ବୈଶିଙ୍ଗା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ରବିବାର ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

## ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ତଥ୍ୟ ପ୍ରଘଟ ମାମଲା

# ୧୦ ବର୍ଷ ପରେ ଅଭିଯୁକ୍ତ କୋର୍ଟରେ ହାଜର

ବାଲେଶ୍ୱର (ସବ୍ୟୁ): ୨୦୧୫ ମସିହାର ବହୁଚର୍ଚ୍ଚିତ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ଗୁପ୍ତତଥ୍ୟ ପ୍ରଘଟ ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତକୁ ଆଜି ବାଲେଶ୍ୱର ଜେଏମଏଫ୍‌ସି ସିଟି କୋର୍ଟରେ ହାଜର କରାଯାଇଛି । ସେ ହେଲା ଉତ୍ତରପ୍ରଦେଶ ମିରଟ୍ର ଆସିଫ ଅଲ୍ଲୀ । ମିରଟ ପୁଲିସ ତାକୁ କଡ଼ା ସୁରକ୍ଷା ବଳୟମଧ୍ୟରେ କୋର୍ଟରେ ହାଜର କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାକୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

୨୦୧୫ ମସିହାରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ପାକିସ୍ତାନ ଆଇଏସଆଇକୁ ଗୁପ୍ତ ତଥ୍ୟ ପ୍ରଦାନ କରିବା ଘଟଣା ସାରାଦେଶରେ ହଇଚଇ ସୃଷ୍ଟି ହୋଇଥିଲା । ଏହି ଘଟଣାରେ ସେହିବର୍ଷ ଜାନୁଆରି ୨୨ ତାରିଖରେ ଚାନ୍ଦିପୁର ଆଇଟିଆରରେ କାର୍ଯ୍ୟରତ ଠିକା ଫଟୋଗ୍ରାଫର୍ ଈଶ୍ୱର ବେହେରାକୁ ଗିରଫ କରିଥିଲା ପୁଲିସ । ୨୦୨୧ ଫେବ୍ରୁଆରି ମାସରେ ବାଲେଶ୍ୱର ଏଡିଜେ କୋର୍ଟ ଶ୍ରୀ ବେହେରାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ସେ ଏବେ ଜେଲରେ ସଜା କାଟୁଛି । ତେବେ, ଏହି ଘଟଣାର ୧୦ ବର୍ଷ ପରେ ପୁଣି ଜଣେ ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଛି । ସୂଚନା ଅନୁସାରେ ଆସିଫ ଓ ଈଶ୍ୱର ମଧ୍ୟରେ କେଣସିପ୍ରକାର ସମ୍ପର୍କ ଯୋ ହୋଇଥିଲା । ଆସିଫ ନିଜକୁ ପ୍ରତିରକ୍ଷା ବିଭାଗର ଜଣେ ବୈଜ୍ଞାନିକ ଡ.ଶ୍ରୀବାସ୍ତବ ବୋଲି ପରିଚୟ ଦେଇ କଥା ହେଉଥିଲା। ଚାନ୍ଦିପୁର ଆଇଟିଆର୍‌ରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଈଶ୍ୱର ଜରିଆରେ ସଂଗ୍ରହ କରି ଆସିଫ ପାକିସ୍ତାନକୁ ପଠାଉଥିବା ଏବଂ ଏ ବାବଦରେ ଈଶ୍ୱରକୁ ଟଙ୍କା ପ୍ରଦାନ କରୁଥିବା ତଦନ୍ତ ବେଳେ ଜଣାପ ତେବେ ଆସିଫ ଘଟଣା ସମୟରେ ଅନ୍ୟ ଏକ ମାମଲାରେ ମିରଟ ଜେଲରେ ଥିବାରୁ ସେତେବେଳେ ତାକୁ ବାଲେଶ୍ୱର କୋର୍ଟରେ ହାଜର କରାଯାଇ ପାରିନଥିଲା । ପରେ ବାଲେଶ୍ୱର ଜେଏମଏଫ୍‌ସି ସିଟି କୋର୍ଟ ପକ୍ଷରୁ ମିରଟ କୋର୍ଟଙ୍କୁ ପ୍ରଡକ୍ସନ ୱାରେଣ୍ଟ ପଠାଯାଇଥିଲା । ଆଜି ଅପରାହ୍ନରେ ଆସିଫକୁ ସେଠାକାର ପୁଲିସ ବାଲେଶ୍ୱର କୋର୍ଟକୁ ଆଣି ହାଜର କରାଇଛି । ଆସିଫ ବିରୋଧରେ ଦେଶଦ୍ରୋହ, ଆପରାଧିକ ଭଳି ସଙ୍ଗିନ ଦଫା ଲାଗିଥିବାରୁ ଜେଏମଏଫ୍‌ସି ସିଟି କୋର୍ଟ ତା'ର ଜାମିନ ଆବେଦନ ଖାରଜ କରିଦେଇଥିବା ସରକାରୀ ଓକିଲ ଭବଶଙ୍କର ସାହୁ ସୂଚନା ଦେଇଛନ୍ତି । ଖୁବ୍‌ଶୀଘ୍ର ଉକ୍ତ ମାମଲାର ଶୁଣାଣି ହେବ ବୋଲି ଜଣାପଡ଼ିଛି ।

# ସୋସାଇଟିରୁ ସାର ଚୋରା ଚାଲାଣ, ଅଟକାଇଲେ ଗ୍ରାମବାସୀ

ବାସୁଦେବପୁର, (ସବ୍ୟୁ) : ବାସୁଦେବପୁର ବ୍ଲକର ଇରମ ସେବା ସମବାୟ ସମିତିର ଗୋଦାମ ଘରୁ ସାର ଚୋରା ଚାଲାଣବେଳେ ଗ୍ରାମବାସୀଙ୍କ ଦ୍ୱାରା ସାର ଗାଡିକୁ ଅଟକ । ଖବରପାଇ ବାସୁଦେବପୁର ପୋଲିସ ପହଂଚି ଥାନାରେ ଗାଡିକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛନ୍ତି ।ବାସୁଦେବପୁର ବ୍ଲକର ହାତ ଗଣତି କେତୋଟି ସୋସାଇଟିକୁ ଛାଡି ଦେଲେ ସାର ଦୋକାନୀକୁ ସାର ଚୋରା ଚାଲାଣ କରୁଛନ୍ତି ବୋଲି ଚାଷୀ ଅଭିଯୋଗ କରୁଛନ୍ତି । ଇରମ ସୋସାଇଟିର ଗୋଦାମ ଘରୁ ଏକ ମିନି ଟ୍ରକରେ ଲୋଡ ହୋଇ ବାହାରୁଥିବାବେଳେ ଚାଷୀମାନେ ଅଟକାଇ ହୋ-ହାଲ୍ଲା କରିଥିଲେ । ଖବରପାଇ ବାସୁଦେବପୁର ପୋଲିସ ଘଟଣାସ୍ଥଳରେ ପହଂଚି ସାର ଗାଡିକୁ ଜବତ କରି ଥାନାର ଅଟକ ରଖିଛି । ଇରମ ସେବା ସମବାୟ ସମିତିର ସମ୍ପାଦକଙ୍କୁ ପଚାରିବାରୁ ସେ କହିଛନ୍ତି ବାସୁଦେବପୁର ସୋସାଇଟିର ସାର ଅଭାବ ଥିବାରୁ ସେ ଚିଠି କରି ମାଗିଥିଲେ । ଆମେ ବାସୁଦେବପୁର ସୋସାଇଟିକୁ ଧାର ସୂତ୍ରରେ ସାର ଦେଉଥିଲୁ । ବାସୁଦେବପୁର ସୋସାଇଟିର ସାର ଆସିଲେ ଦୁଇ ଦିନ ମଧ୍ୟରେ ଫେରସ୍ତ କରିଥାନ୍ତେ । ହେଲେ ଚାଷୀ ସୋସାଇଟିର ସମ୍ପାଦକଙ୍କ କଥାକୁ ମାନିବାକୁ ନାରାଜ ହେବାରୁ ପୋଲିସ ସାର ଗାଡିକୁ ଥାନାକୁ ନେଇ ତଦନ୍ତ ଚଳାଇଛନ୍ତି ।

# ମା'କାଳିତ୍ରା ଟ୍ରକ ମାଲିକ ସଂଘ ଧାରଣା ସ୍ଥଗିତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲଗେଟ ସମ୍ମୁଖରେ ମା'କାଳିତ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବିରେ ବୁଧବାର ଠାରୁ ଅନୁଷ୍ଠିତ ୨ୟ ପର୍ଯ୍ୟାୟ ଧାରଣା ଶୁକ୍ରବାର ରାତ୍ରରେ ସ୍ଥଗିତ ହୋଇଛି । ଧାମରାରୁ ସାମଗ୍ରୀ ପରିବହନ କରି ଏହି ରାସ୍ତାରେ ଯାଉଥିବା ଟ୍ରକଗୁଡିକୁ ଧାରଣାକାରୀମାନେ ଅଟକାଇ ଦେଇବା ଫଳରେ ପ୍ରଶାସନ ତପିର ହୋଇଥିଲା । ଶୁକ୍ରବାର ରାତ୍ର ୧୧ଟାରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତିଙ୍କ ଅତିରିକ୍ତ ପୁଲିସ ଅଧିକ୍ଷକ ଅରୂପ ବେହେରା, ଥାନାଧିକାରୀ କମଳାକାନ୍ତ ଦାସ ଧାରଣାରତ ଟ୍ରକ ମାଲିକ ସଂଘ ନିକଟରେ ପହଞ୍ଚି ଆଲୋଚନା କରିଥିଲେ । ଆଗାମୀ ୧୫ ତାରିଖ ଭଦ୍ରକରେ ମା'କାଳିତ୍ରା ଟ୍ରକ ମାଲିକ ସଂଘ ଓ କଇତଗୋଲା ଧାମରା ଟ୍ରକ ଓ ଟିପର ସଂଘ ମଧ୍ୟରେ ଆଲୋଚନା ପ୍ରଶାସନ ମଧ୍ୟସ୍ଥତାରେ ହେବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା । ଏହାକୁ ଗ୍ରହଣ କରି ସଂଘ ପକ୍ଷରୁ ଧାରଣାକୁ ସାମୟିକ ଭାବେ ସ୍ଥଗିତ କରାଯାଇଥିଲା ।

# ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟରୁ ଚୋରି

ବେତନଟୀ ,(ସବ୍ୟୁ):ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଦୁର୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ରାତିରେ ଚୋରି ହୋଇଯାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି । ଶନିବାର ସକାଳେୁ ଶିକ୍ଷୟିତ୍ରୀ ମାନେ ଆସି ଦେଖିବା ବେଳକୁ ତାଲା ଭଙ୍ଗା ଯାଇ ଅଫିସ ଖୋଲା ପଡ଼ିଥିଲା ଏବଂ ଆଲମିରା ଭଙ୍ଗା ଯାଇ ଆସବାବପତ୍ର ଏଣେତେଣେ ବିଛାଡି ହୋଇ ପଡ଼ିଥିଲା । ସଙ୍ଗେସଙ୍ଗେ ପ୍ରଧାନଶିକ୍ଷୟିତ୍ରୀ ସୁବାସିନୀ ପଣ୍ଡିତ ଥାନାକୁ ଜଣାଇଥିଲେ । ଖବରପାଇ ପୋଲିସର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ । ଅଫିସ ଗଡରେଜ ଆଲମିରା ଓ ଲକର୍ ଭଙ୍ଗା ଯାଇ ଦୁଇଟି ସାମସଙ୍ଗ ଟାବଲେଟ, ଆହୂଜା କମ୍ପାନୀର ମ୍ୟୁଜିକ ସିଷ୍ଟମ, ସାମସଙ୍ଗ କମ୍ପାନୀର ୪୨ ଇଞ୍ଚ ଏଲସିଡି, ୧୨୦୦ ଟଙ୍କା, ବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଇତ୍ୟାଦି ଚୋରି ହୋଇଯାଇଥିବା ଜାଣିବାକୁ ମିଳିଥିଲା ।

# ଇନ୍ଦ୍ରାଣୀ ପଟ୍ଟନାୟକଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,(ସବ୍ୟୁ): ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଧର୍ମପତ୍ନୀ ଇନ୍ଦ୍ରାଣୀ ପଟ୍ଟନାୟକଙ୍କ ବିୟୋଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ଇନ୍ଦ୍ରାଣୀ ଦେବୀଙ୍କ ବିୟୋଗ ମୋତେ ଗଭୀର ଦୁଃଖ ଦେଇଛି । ରାଜ୍ୟ ଗୃହିଣୀ ସମାଜର ସଂପାଦିକା ଭାବେ ଇନ୍ଦ୍ରାଣୀ ଦେବୀ ବହୁ ଜନମଙ୍ଗଳ କାର୍ଯ୍ୟ କରିଛନ୍ତି । ତାଙ୍କ ବିୟୋଗ ଗୃହିଣୀ ସମାଜ ପାଇଁ ଅପୂରଣୀୟ କ୍ଷତି । ସ୍ୱର୍ଗତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ଜ୍ଞାପନ କରିଛନ୍ତି । ପିସିସି ସଭାପତି ଶ୍ରୀ ଦାସଙ୍କ ଅନୁପସ୍ଥିତିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ସ୍ୱର୍ଗତା ଦେବୀଙ୍କ ପରିବାର ବର୍ଗଙ୍କୁ ଭେଟି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

# ସମୟର ପ୍ରଭାବ: ନିଶାସକ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

ବାସୁଦେବପୁର ,(ସବ୍ୟୁ): ସମୟର ମହା ପ୍ରଭାବ... । କାର୍ଯ୍ୟରୁ ନିଲମ୍ବିତ ହେଲେ ମାତାଲ ପ୍ରଧାନ ଶିକ୍ଷକ । ଖବର ପ୍ରସାରଣ ପରେ ଆକ୍ସନ ମୋଡକୁ ଆସିଲା ଶିକ୍ଷା ବିଭାଗ । ଏମିତି ଘଟଣା ଘଟିଛି ବାସୁଦେବପୁର ବ୍ଲକର ବିନୋବାଭାବେନଗର ପଞ୍ଚାୟତ ଉପେନ୍ଦ୍ରନାଥ ଘୋରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଟୁଡୁ ନିଶାସକ୍ତ ଅବସ୍ଥାରେ ଶ୍ରେଣୀ ଗୃହରେ ଶୋଇଥିବା ବେଳେ ଗ୍ରାମବାସୀ ତାଲା ପକାଇ ହୋ ହାଲ୍ଲା କରିଥିଲେ । ଶନିବାର ସକାଳୁଆ ସ୍କୁଲ ଥିବାରୁ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଟୁଡୁଙ୍କୁ ଗ୍ରାମବାସୀ ଓ ଅବିଭାବକ ସ୍କୁଲ ଭିତରକୁ ଛାଡିନଥିଲେ । ଗତକାଲିର ଶୁକ୍ରବାର ଖବର ସମୟରେ ପ୍ରକାଶିତ ହେବା ପରେ ଶିକ୍ଷା ବିଭାଗର ନିଦ ଭାଙ୍ଗିଥିଲା । ବାସୁଦେବପୁର ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନମ୍ବର- ୩୬୩୪ ତାରିଖ-୧୩ ସେପେଟମ୍ବର ୨୦୨୫ ରେ ଉପେନ୍ଦ୍ରନାଥ ଘୋରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଟୁଡୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ଲକ୍ଷ୍ମୀପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିବା ସହିତ ନିଶାସକ୍ତ ଶିକ୍ଷକ ବିଦ୍ୟାଳୟ ନୁହେଁ ଶିକ୍ଷା ବିଭାଗର ଏକ କଳଙ୍କ ବୋଲି କହିଛନ୍ତି ।


**AFFIDAVIT**

By virtue of an Affidavit sworn before Notary Public, Kendrapara dated 12.09.2025 I, Simpul Prakash Kabi, At-Isandia, Po-Gahaga Narasinghpur, Ps-Kendrapara Sadar, Dist-Kendrapara, Pin-754210 declare that I have changed my name from Sampal Prakash Kabi to Simpul Prakash Kabi. Henceforth, I shall be known as Simpl Prakash Kabi for all purposes.

Sd/- Simpul Prakash Kabi

**AFFIDAVIT**

By virtue of an Affidavit sworn before Executive Magistrate, Basudevpur, dated. 24 April 2025. I Sukanta Kishor Mohanty, Age-40 Years, S/o- Gagan Mohanty, Address - Village-Mallikadeipur, P.O/P.S- Naikanidihi, Dist-Bhadrak, Odisha, declare that I have changed my name from Sukanta Kishor Mohanty to Sudarshan Mohanty, S/o-Gagan Mohanty. Henceforth I shall be known as Sudarshan Mohanty, S/o- Gagan Mohanty for all purposes.

Sudarshan Mohanty

**AFFIDAVIT**

By virtue of an Affidavit sworn before Notary Public, Kendrapara dated 12.09.2025 I, Nayak Subhasish Subhash, At/Po-Belarpur, Ps- Derabish, Dist- Kendrapara, Pin-754250 declare that I have changed my name from Subasish Nayak to Nayak Subhasish Subhash. Henceforth, I shall be known as Nayak Subhasish Subhash for all purposes.

Sd/- Nayak Subhasish Subhash

**AFFIDAVIT**

By virtue of an Affidavit sworn before Executive Magistrate, Notary Public, Bhadrak, bearing no. 5534 dated 12.9.2025. I Manoja Kumar Das, Address - Village-Chakapur, P.O.-Goramati, P.S.- Sabarang, Dist-Bhadrak, Pin No.-756123 Odisha, declare that I have changed my name from Manoj Das to Manoja Kumar Das. Henceforth, I shall be known as Manoja Kumar Das for all purposes.

Manoja Kumar Das

**AFFIDAVIT**

I, PRASANTA KUMAR PATRO, S/O-TRINATH PATRO, PLOT NO-1017, GREEN PARK, LANE- 2, JAGMOHAN NAGAR, JAGAMARA, BHUBANESWAR-751030, ODISHA DECLARE BY THIS AFFIDAVIT NO- 31594, Dt-13.09.2025 THAT NOW ONWARDS I SHALL BE KNOWN AS PRASANT KUMAR PATRO FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn Notary Public, Banki, This affidavit no. 1684 on dated 03.09.2025. I, Sri Pradip Rout, Aged (45), S/o- Late Prafulla Rout, Resident of Village- Pathapur, Po- Pathuripada, Ps- Banki, Dist-Cuttack, Pin- 752045. Declare that I have changed my daughter's name **Somya Priyadarshini Rout** to **Soumya Priyadarshini Rout** Henceforth, She shall be known as **Soumya Priyadarshini Rout** All purposes.

Sd/- Pradip Rout

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-1761
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org

ପତ୍ର ସଂଖ୍ୟା ୧୫୩ **ବିଜ୍ଞାପନ** ତା : ୦୬.୦୯.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦଉଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ-ସ୍ୱର୍ଗୀୟା ରଞ୍ଜିତା ଦାସ, ସ୍ୱାମୀ- ହୃଦୟ କୃଷ୍ଣ ଦାସ, ଗ୍ରାମ-ବିତୋଳ ପୋ-ଅନନ୍ତପୁର, ଥାନା-ସୋର, ଜିଲ୍ଲା-ବାଲେଶ୍ୱର | ଘର ନଂ. ଏମ.ଆଇ.ଜି-୨-୧/୪ (MIG-II-1/4) ଗୋବିନ୍ଦପୁର, ଫେଜ୍-୨ ସମ୍ବଲପୁର | ୧. ହୃଦୟ କୃଷ୍ଣ ଦାସ (ସ୍ୱାମୀ) ୨. ପୁଷ୍ପା ମହାନ୍ତି (ବି.କନ୍ୟା) ୩. ମନସ୍ୱିନୀ ସାହୁ (ବି.କନ୍ୟା) ୪. ମଧୁସ୍ମିତା ଦାସ (ବି.କନ୍ୟା) ୫. ମୌସୁମୀ ଦାସ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0843/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-1762
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା ୧୫୨ **ବିଜ୍ଞାପନ** ତା : ୦୨.୦୯.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦଉଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ସ୍ୱର୍ଗତ ଆର.କେ. ଏଲାଙ୍ଗୋଭାନ ପି- ଭାକାରଣମ୍ No.22, 3rd Main Road Medar Block, New Bamboo Bazar Mysore, Kamalaka | ଏଲ.ଆଇ.ଜି-୨-୪୨ ଓ ୪୩ (LIG-II-42 & 43) ପି.ଏଚ.ଏସ୍, ଭବାନୀପାଟଣା କଳାହାଣ୍ଡି | ୧. ପଣ୍ଣିମା ଦେବୀ (ସ୍ତ୍ରୀ) ୨. [illegible] (ବି.କନ୍ୟା) ୩. [illegible] (ବି.କନ୍ୟା) ୪. [illegible] (ବି.କନ୍ୟା) ୫. [illegible] (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0844/2526

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Bio-Tank-25-26-19

କାର୍ଯ୍ୟର ନାମ : 24 (ଚବିଶି) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ବାୟୋ-ଡାଇଜେଷ୍ଟର ଟାଙ୍କିଗୁଡ଼ିକର ନିର୍ଦ୍ଦିଷ୍ଟକାଳିକ ଓଭରହାଲିଙ୍ଗ ଏବଂ ସେପ୍ଟିକ୍ ଟାଙ୍କିଗୁଡ଼ିକର ଖାଲିକରଣ ସହିତ ଇନୋକ୍ୟୁଲମ (Inoculum)ର ଯୋଗାଣ ।

ବିଜ୍ଞାପିତ ମୂଲ୍ୟ : ₹ 5,97,27,014.28, EMD : ₹ 4,48,600/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.16.09.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.09.2025ରିଖ 1500 ଘଣ୍ଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH), CRW/ମଞ୍ଚେଶ୍ୱର
PR-591/Q/25-26

C-1051

**Government of Odisha "e" Procurement Notice**

**Bid Identification No.23/2025-26**

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 23.50 lakh to 79.15 Lakh. |
| 3. | Period of completion | : | Three months. |
| 4. | Date & Time of availability of bid document in the portal | : | From 11.00 AM. of 16.09.2025 to 5.00 PM of 03.10.2025 |
| 5. | Last date / time for receipt of bids in the portal | : | 5.00 PM of 03.10.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd/- Superintending Engineer,
P.H. Division, Bhubaneswar

OIPR : 13205/11/0033/2526

O-729 E_mail :eerwkesinga@yahoo.com

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
e-Procurement Notice
BID IDENTIFICATION NO. RWKSNG-online-04/25-26

| | | | |
|---|---|---|---|
| 1. | Name of works | : | Building works, (As per annexure) |
| 2. | Total No. of work | : | 20 Nos. |
| 3. | Estimated Cost | : | Rs. 1.62 lakhs to Rs. 5.03 lakhs (Approximately) |
| 4. | E.M.D. | : | Please refer DTCN |
| 5. | Cost of Tender document | : | As per annexure |
| 6. | Class of Contractor | : | "D & C" Class |
| 7. | Period of Completion | : | As per annexure |
| 8. | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-04/25-26 | 15.09.2025 at 11.00 A.M. | 25.09.2025 upto 17.00 P.M. | 20.09.2025 upto 11.00 A.M. | 26.09.2025 at 11.00 A.M. |

Further details can be seen from the Website i.e. www.tenderodisha.gov.in

Sd/- Superintending Engineer
Rural Works Division, Kesinga

OIPR : 25153/11/0017/2526


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### 'ପୋଷଣ ଆରମ୍ଭ' ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ
# ମାଲାବାର ଗ୍ରୁପ୍, ହୁ ଇଣ୍ଡିଆ ସହିତ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର (ସବ୍ୟୁ): ମାଲାବାର ଗ୍ରୁପ୍, ସାମାଜିକ ଦାୟିତ୍ୱ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଅଂଶ ଭାବରେ, ହୁ ଇଣ୍ଡିଆ ସହିତ ମିଳିତ ଭାବରେ ଏକ ନୂତନ ସିଏସ୍ଆର ପଦକ୍ଷେପ, ନରଟର୍ନିଙ୍ଗ ଆରମ୍ଭ କରିବାର ଘୋଷଣା କରିଛି। ଏହି ପ୍ରକଳ୍ପଟି ଅନୁପଯୁକ୍ତ ସହରାଞ୍ଚଳ ସମ୍ପ୍ରଦାୟର ମା' ଏବଂ ପିଲାମାନଙ୍କ ପୁଷ୍ଟି ଏବଂ ସାମଗ୍ରିକ ସୁସ୍ଥତାକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି, ଏବଂ ଏହା ସହିତ ପିଲାମାନଙ୍କର ମାନସିକ ଏବଂ ବୌଦ୍ଧିକ ବିକାଶକୁ ସମର୍ଥନ କରୁଛି। କୋଝିକୋଡର କୁଟିକ୍କାଟୁରରେ ମାଲାବାର ଗ୍ରୁପ୍ ର ମୁଖ୍ୟାଳୟରେ ଏକ ବୁଝାମଣାପତ୍ର (ହୁ) ସ୍ୱାକ୍ଷରିତ ହୋଇଥିଲା। ଯେଉଁଥିରେ ଭାରତକୁ ହୁ ପ୍ରତିନିଧି ଡକ୍ଟର ରୋଡେରିକୋ ଏଚ୍. ଅଫରିନ୍; ଡକ୍ଟର ବି. ମହମ୍ମଦ ଆସିଲ୍, ଜାତୀୟ ବୃତ୍ତିଗତ ଅଧିକାରୀ ଡକ୍ଟର ବି. ମହମ୍ମଦ ଆଶିଲ୍; ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ, ଆଶେର ଓ, ପରିଚାଳନା ନିର୍ଦ୍ଦେଶକ ଇଣ୍ଡିଆନ୍ ଅପରେସନ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍‌ଙ୍କ ଉପସ୍ଥିତିରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ପର୍ଯ୍ୟାୟ ମାଲାବାର ଚାରିଟେବଲ୍ ଟ୍ରଷ୍ଟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ।




# କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କୁ ସୁଷମ ଖାଦ୍ୟ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ରାଜଧାନୀ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ରୋଗୀମାନଙ୍କୁ ଦିଆଯାଉଥିବା ସୁଷମ ଖାଦ୍ୟକୁ ନେଇ ରୋଗୀ ଓ ତାଙ୍କ ପରିବାରବର୍ଗ ସନ୍ତୋଷ ପ୍ରକାଶ କରିଛନ୍ତି। ରୋଗୀମାନଙ୍କୁ ନିଆରା ଅତି ଉନ୍ନତ ମାନର ସୁଷମ ଖାଦ୍ୟ ଦିଆଯାଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ହିତକର ହେଉଛି। ଏଠାରେ ୪୦୦ ରୁ ୫୦୦ ରୋଗୀଙ୍କ ପାଇଁ ପ୍ରତ୍ୟେକ ଦିନ ରୋଷେଇ ହେଉଛି। ଭିନ୍ନ ଭିନ୍ନ ରୋଗୀଙ୍କୁ ଭିନ୍ନ ଭିନ୍ନ ଖାଦ୍ୟ ପରସା ଯାଉଛି। ଯାହା ଓଡ଼ିଶାର କୌଣସି ହସ୍ପିଟାଲରେ ମିଳୁନାହିଁ କାରଣ ରାଜ୍ୟ ସରକାର ରୋଗୀ ପିଛା ୧୧୦ ଟଙ୍କା ଓ ମେନ୍ୟୁ ସ୍ଥିର କରିଥାନ୍ତି କିନ୍ତୁ ସେହି ୧୧୦ ଟଙ୍କାରେ କ୍ୟାପିଟାଲ ହସ୍ପିଟାରେ ସ୍ଥିର ହୋଇଥିବା ମେନ୍ୟୁ ଠାରୁ ଅଧିକ ଦୁଇଟି ତରକାରୀ ଦିଆଯାଉଛି ଓ ପ୍ୟାକେଟ୍ କ୍ଷୀର, ଫଳ, ମଧୁମେହ ରୋଗୀଙ୍କୁ ଆଳୁ ନ ପଡ଼ିଥିବା ତରକାରୀ, ଭଲ ବିସ୍କୁଟ ଆଦି ଯୋଗାଇ ଦିଆଯାଉଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏଭଳି ସୁଷମ ଖାଦ୍ୟ ଯୋଗାଣ ନେଇ ରୋଗୀ ଓ ସେମାନଙ୍କ ଆତ୍ମୀୟମାନେ ଯିବା ସମୟରେ ଲିଖିତ ଭାବରେ ସନ୍ତୋଷ ପ୍ରକାଶ କରୁଛନ୍ତି।



# କେନଷ୍ଟାର ଶୁଭାରମ୍ଭ କରିଛି ନେକ୍ସଟ-ଜେନ ୫-ଷ୍ଟାର

ଭୁବନେଶ୍ୱର (ସବ୍ୟୁ): କେନଷ୍ଟାର, ଯାହାକି ଭାରତର ଏକ ସବୁଠାରୁ ଅଧିକ ବିଶ୍ୱସନୀୟ ବ୍ରାଣ୍ଡ ଆଜି ଏହାର ଅଧୁନତମ ୱାଟର ହିଟର ସମ୍ଭାର ଶୁଭାରମ୍ଭର ଘୋଷଣା କରିଛି, ଗାଧୋଇବାକୁ ନେଇ ଅଭିଜ୍ଞତାର ଏକ ବୈପ୍ଳବାତ୍ମିକ ପ୍ରତିଶ୍ରୁତି ପ୍ରଦାନ କରି। ଆଧୁନିକ ଘର ଗୁଡ଼ିକ ପାଇଁ ଡ଼ିଜାଇନ ହୋଇଥିବା ଏହି ନୂତନ ପୋର୍ଟଫୋଲିଓ ନିରବଚ୍ଛିନ୍ନ ଭାବରେ ଆଧୁନିକ ଜ୍ଞାନକୌଶଳ, ଚମତ୍କାରୀ ଡ଼ିଜାଇନ ତଥା ଅସମାଧାନ ସୁରକ୍ଷାର ମାଦକତାକୁ ନେଇ ପ୍ରତ୍ୟେକ ଗାଧୁଆକୁ ଏକ ସନ୍ତୁଷ୍ଟିଭରା ତଥା ସମ୍ପୂର୍ଣ୍ଣ ଅଭିଜ୍ଞତାରେ ପ୍ରସ୍ତୁତ କରିପାରିଛି। ଶୁଭାରମ୍ଭର ଅଂଶବିଶେଷ ଭାବରେ, କେନଷ୍ଟାର 'ବାଥ ବନ ଜାଏ' ଅଭିଯାନର ଏକ ପ୍ରଭାବଶାଳୀତାକୁ ଆଗକୁ ବଢ଼ାଇଛି ଯାହାକି 'ଅଧା ସ୍ନାନ'ର ସେହି ଧାରଣା ଯାହା ସାଧାରଣ ୱାଟର ହିଟରରେ ଦେଖାଦେଇଥାଏ ତାକୁ ଧରି ରଖିପାରିଛି। ଏହି ଅଭିଯାନ କେନଷ୍ଟାର ୱାଟର ହିଟର କିଭଳି ଭାବରେ ପ୍ରତ୍ୟେକ ଗାଧୁଆକୁ ସମ୍ପୂର୍ଣ୍ଣ, ଆରାମଦାୟକ ତଥା ଆନନ୍ଦର ଅଭିଜ୍ଞତା ପ୍ରଦାନ କରିପାରିଛି ତାହା ଉପରେ ଦୃଷ୍ଟି ପ୍ରଦାନ କରିଛି। ସ୍ୱିରଲହିଟ ଜ୍ଞାନକୌଶଳରେ ସଜ୍ଜିତ, ଏହି ନୂତନ ୱାଟର ହିଟରର ସମ୍ଭାର ୨୦%ରୁ ଅଧିକ ଗରମ ପାଣି ପ୍ରଭାବ ସହିତ, ଏଥିରେ ରହିଥିବା ଉଚ୍ଚ-ସାନ୍ଦ୍ରତାଯୁକ୍ତ ପିୟୁଏଫ ଇନସ୍ୟୁଲେସନ ୧୦%ରୁ ଅଧିକ ଉତ୍ତାପ ଗ୍ରହଣକାରୀତାକୁ ସୁନିଶ୍ଚିତ କରିବା ସହିତ, ଏହା ମଧ୍ୟ ଶକ୍ତି ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିଥାଏ। ନବୀନତମ ଜର୍ମାନ ବ୍ଲୁ ସାଫାୟାର ଜ୍ଞାନକୌଶଳ ଏହି ଉତ୍ପାଦନର ଜୀବନଧାରାକୁ ଅଧିକ ୪୦% ବ୍ୟାପକ କରିଥାଏ, ଯାହାକି ଏକ ଅତୁଳନୀୟ ସ୍ଥାୟିତ୍ୱ ପ୍ରଦାନ କରିଥାଏ। ଅତିରିକ୍ତ ଭାବରେ, ଏହି ସମ୍ଭାରରେ ରହିଛି ୫-ଷ୍ଟାର ବିଇଇ ରେଟ, ଯାହାକି ବିଦ୍ୟୁତ୍ ବିଲରେ ବହୁ ମୂଲ୍ୟ ଭାବରେ ସଞ୍ଚୟକୁ ସକ୍ଷମ କରିଥାଏ। ଏହାର ଟାଙ୍କିରେ ୭ ବର୍ଷର ୱାରେଣ୍ଟି ସହିତ, ଏହି ୱାଟର ହିଟର ବର୍ଦ୍ଧିତ ସ୍ଥାୟିତ୍ୱ ସହିତ, ସ୍ଥିର ଦକ୍ଷତା ଏବଂ ଗ୍ରାହକ ସନ୍ତୁଷ୍ଟିକରଣର ମଧ୍ୟ ଗ୍ୟାରେଣ୍ଟି ଦେଇଥାଏ।




# ଘରୋଇ ବିତରକ ଜରିଆରେ ସରକାର ସାର ବିକ୍ରି ବ୍ୟବସ୍ଥା ବନ୍ଦ କରନ୍ତୁ: ଭକ୍ତ

ଭୁବନେଶ୍ୱର,(ସବ୍ୟୁ) : ସରକାର କହୁଛନ୍ତି, ଓଡିଶା ପାଇଁ ଆବଶ୍ୟକ ପରିମାଣର ସାର କେନ୍ଦ୍ର ଦେଇସାରିଛନ୍ତି। ଅଥଚ ଓଡ଼ିଶାରେ ଚାଷୀ ସାର ପାଉନାହିଁ। ଏଥର ଅପେକ୍ଷାକୃତ ଭଲ ମୌସୁମୀ ବର୍ଷା ଯୋଗୁଁ ରାଜ୍ୟର ଚାଷୀକୁଳ ଭଲ ଫସଲ ହେବ ବୋଲି ଆଶା ବାନ୍ଧି ବସିଥିଲେ। କିନ୍ତୁ ଧାନ ରୋଇବାର ତିନି ସପ୍ତାହ ପରେ ମଧ୍ୟ ରାଜ୍ୟ ସରକାର ଚାଷୀଙ୍କୁ କୃତ୍ରିମ ସାର ସଂକଟରୁ ଉଦ୍ଧାର କରି ପାରିଲେ ନାହିଁ। ମାର୍କଫେଡ଼ ଦ୍ୱାରା ବଣ୍ଟନ ହେବାକୁ ଥିବା ସାର ପ୍ରମୁଖତଃ ଘରୋଇ ବିତରକ ମାନଙ୍କ କଂାକୁ ଚାଲି ଯାଇଛିଛ କେଉଁଠି ପ୍ୟାକ୍ସ ସାମ୍ନାରେ କାଗଜପତ୍ର ଧରି ଚାଷୀମାନେ ଧାଡିରେ ଛିଡା ହୋଇଛନ୍ତି ତ ଆଉ କେଉଁଠି ପୁଣି ନିରାଶ ହୋଇ କୃଷି ଅଧିକାରୀଙ୍କୁ ତାଲା ପକାଇ ବିକ୍ଷୋଭ କରୁଛନ୍ତି। ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଗୌଡ଼ଗୋଠ ପ୍ୟାକ୍ସର ଗତ ବୁଧବାର ଦିନର ଦୃଶ୍ୟ ସମଗ୍ର ଦେଶର ଚାଷୀକୁଳର ଅନ୍ତରାତ୍ମାକୁ ଦୋହଲାଇ ଦେଲା। ଅଥଚ ସରକାରଙ୍କ ନିଦ ଭାଙ୍ଗୁନାହିଁ। ଆଧାର କାର୍ଡଗୁଡିକୁ ଚାଷୀମାନେ ଧାଡିରେ ରଖି ତା ଉପରେ ଛୋଟ ଛୋଟ ପଥର ରଖିଥିବା ଦୃଶ୍ୟ ଅତ୍ୟନ୍ତ ଅମାନବୀୟ ଏବଂ ହୃଦୟ ବିଦାରକ ଥିଲା। ମୁଖ୍ୟମନ୍ତ୍ରୀ ସାରର କଳାବଜାର ଅଭିଯୋଗ ପାଇ ପ୍ୟାକ୍ସ ଓ ଲାମ୍ପସ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଦେଇଥିବା ନିର୍ଦ୍ଦେଶ ପାଣିର ଗାର ହୋଇଛି। କିଛି ବିତରକଙ୍କୁ ଗିରଫ କରି ଓ ଆଉ କିଛି ପ୍ୟାକ୍ସ ସମ୍ପାଦକଙ୍କୁ ନିଲମ୍ବିତ କରି ଜିଲ୍ଲା ପ୍ରଶାସନ କାମ ସାରିଦେଉଛି।

ବସ୍ତା ପିଛା ଧାର୍ଯ୍ୟ ମୂଲ୍ୟ ୨୬୬ ଟଙ୍କା ଥିବାବେଳେ ତିନି ଚାରିଗୁଣା ଚଢା ମୂଲ୍ୟରେ କିଏ ଓ କିପରି ବିକ୍ରି କରୁଛି, ଯାହାକି ଓଡ଼ିଶାରେ ଓଡ଼ିଆ ଲୋକଙ୍କ ସରକାର କିପରି ଜାଣି ପାରୁନାହିଁ। ଏହି କଳାବଜାରରେ ସରକାର ଓ ପ୍ରଶାସନର ଅଘୋଷିତ ମେଣ୍ଟ ଆଉ କାହାକୁ ବୁଝିବାକୁ ବାକି ନାହିଁ। ଅନ୍ୟ ପକ୍ଷରେ ସ୍ଥଳ ବିଶେଷରେ କିଛି ବିକ୍ରେତା କିଛି ନାନୋୟୁରିଆ ଓ ନାନୋ ଡିଏପି କିଣିଲେ ଯାଇ ଚାଷୀଙ୍କୁୟୁରିଆ ଦେଉଛନ୍ତିଛୟୁରିଆ ବ୍ୟାଗ ପିଛା ୫୦ କିଲୋ ବସ୍ତାରେ ରହିବା କଥାଛ କିନ୍ତୁ ୪୫ କିଲୋ ବ୍ୟାଗର ଓଜନ କାହିଁକି। ୫ କିଲୋ ଗଲା କୁଆଡେ। କାଳବିଳମ୍ବ ନ କରି ରାଜ୍ୟ ସରକାର ଚାଷୀ ମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଆସନ୍ତା ୭ ଦିନ ମଧ୍ୟରେ ସାର ଯୋଗାଇ ଦେବାକୁ ଶ୍ରୀ ଦାସ ଦାବି ଜଣାଇଛନ୍ତି। ସାର କଳାବଜାର ପ୍ରସଙ୍ଗରେ ପ୍ରଥମେ ବିଜେଡିର ନିରବତାକୁ ସମାଲୋଚନା କରି ଶ୍ରୀ ଦାସ କହିଛନ୍ତି, କଂଗ୍ରେସ ପରି ମୂଳରୁ ଯଦି ଏହି ପ୍ରସଙ୍ଗରେ ନିଜ ଭାଇ ବିଜେପିର ସରକାର ବିରୋଧରେ ବିଜେଡି ପାଟି ଖୋଲିଥାନ୍ତା, ଚାଷୀକୁଳର ହିତସାଧନ ହୋଇଥାନ୍ତା। ଏପରିକି ତାଳଚେର ସାର କାରଖାନାର ପୁନରୁଦ୍ଧାର ପ୍ରସଙ୍ଗରେ କଂଗ୍ରେସ ସାମ୍ବାଦିକ ସମ୍ମିଳନୀ କରିବାର ଢେର ପରେ ନବୀନ ବାବୁ କେନ୍ଦ୍ରକୁ ଚିଠି ଲେଖୁଛନ୍ତି ବୋଲି ଶ୍ରୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି।

# ଶିକ୍ଷାଦାନ ପଦ୍ଧତିକୁ ନୂଆ ରୂପ ଦେଉଛି ନିପୁଣ ଓଡ଼ିଶା ତାଲିମ

ଭୁବନେଶ୍ୱର, (ସବ୍ୟୁ): ମୌଳିକ ଶିକ୍ଷା ପିଲାମାନଙ୍କ ଆଧାର ହୋଇଥାଏ। ତେଣୁ କୌଣସି ଶିଶୁ ଯେପରି ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ବର୍ଷଗୁଡିକରେ ପଛରେ ନରହିଯାଏ ସେ ଦିଗରେ ପ୍ରୟାସ କରୁଛନ୍ତି କଲ୍ୟାଣୀ ପ୍ରିୟଦର୍ଶିନୀ। ସେ ଓଡିଶାର ରତ୍ନ ପ୍ରଭା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧୨ ବର୍ଷ ହେବ ଶିକ୍ଷକ ଭାବେ କାର୍ଯ୍ୟରତ ରହିଛନ୍ତି। ପ୍ରିୟଦର୍ଶିନୀଙ୍କ ଅନୁଯାୟୀ, ନିପୁଣ ଓଡିଶା ତାଲିମ ତାଙ୍କର ଶିକ୍ଷାଦାନ ସାମଗ୍ରୀକୁ ବ୍ୟବହାର କରିବାର ଶୈଳୀକୁ ମୌଳିକ ଭାବେ ପରିବର୍ତନ କରିଛି। ପ୍ରିୟଦର୍ଶିନୀ ପାରମ୍ପରିକ ଘୋଷିବା ଶିକ୍ଷା ପଦ୍ଧତିଠାରୁ ଦୂରେଇ ଯାଇ ୧ମ ରୁ ୩ୟ ପର୍ଯ୍ୟନ୍ତ ଶ୍ରେଣୀଗୃହରେ ଏକାଧିକ ଆଧୁନିକ ଶିକ୍ଷା ପଦ୍ଧତିକୁ କାର୍ଯ୍ୟକାରୀ କରିଛନ୍ତି। ତାଙ୍କର ନୂତନ ପଦ୍ଧତି ଦୈନନ୍ଦିନ ଶିକ୍ଷାଦାନରେ ଖେଳ, ସଙ୍ଗୀତ ଓ ଦୃଶ୍ୟାତ୍ମକ ସହାୟକଗୁଡିକୁ ଅନ୍ତର୍ଭୁକ୍ତ କରିଛନ୍ତି। ତାଙ୍କର ଶ୍ରେଣୀଗୃହରେ ଏବେ ରଙ୍ଗୀନ ପ୍ଲାକାର୍ଡ, ଏଜୁକେଶନାଲ ଷ୍ଟିକର ଓ ଶିକ୍ଷଣୀୟ ଖେଳନା ଆଦି ରହିଛି ଯାହା ଛାତ୍ରଛାତ୍ରୀଙ୍କୁ ସ୍ପର୍ଶନୀୟ ବସ୍ତୁଗୁଡିକ ସହ ଆବ୍‌ଷ୍ଟ୍ରାକ୍ଟ କନ୍‌ସେପ୍ଟକୁ ସଂଯୋଗ କରିବାରେ ସାହାଯ୍ୟ କରିଥାଏ। କଲ୍ୟାଣୀ ପ୍ରିୟଦର୍ଶିନୀ କହିଛନ୍ତି, "ମଜାଦାର ଗତିବିଧି, ଗୀତ ଓ ଖେଳ ମାଧ୍ୟମରେ ଶ୍ରେଣୀଗୃହରେ ଶିକ୍ଷାଦାନ ଛାତ୍ରଛାତ୍ରୀଙ୍କୁ କେବଳ ଶିଖିବାରେ ସାହାଯ୍ୟ କରୁନାହିଁ ବରଂ ସେମାନଙ୍କ ପାଇଁ ସମଗ୍ର ପ୍ରକ୍ରିୟାକୁ ଆହୁରି ରୋଚକପୂର୍ଣ୍ଣ କରୁଛି।" ପାରମ୍ପରିକ କଥନ ପଦ୍ଧତି ଓ ରାଇମଗୁଡିକ ସହିତ ଭିଜୁଆଲ ଏଲିମେଂଟକୁ ଏକତ୍ରିତ କରି ସେ ପିଲାମାନଙ୍କୁ ଭାଷା ଓ ପ୍ରସଙ୍ଗ ସମ୍ପର୍କରେ ଏକ ଗଭୀର ଜ୍ଞାନ ବିକଶିତ କରିବାରେ ସାହାଯ୍ୟ କରୁଛନ୍ତି। ଛାତ୍ରଛାତ୍ରୀମାନେ ଦୃଶ୍ୟଗୁଡିକୁ ବର୍ଣ୍ଣମାଳା ସହିତ ସଂଯୋଗ କରିବା ଶିଖିଥାନ୍ତି, ଯାହା ଏହାକୁ ସେମାନଙ୍କ ପାଇଁ ଶବ୍ଦାବଳୀ ନିର୍ମାଣ କରିବା ଓ ନୂତନ ଶବ୍ଦ ଗଠନ କରିବା ପାଇଁ ସହଜ କରିଥାଏ। ରାଜ୍ୟର ଏଫଏଲଏନ ମିଶନ ନିପୁଣ ଓଡିଶା ଅଧିନରେ ଏକ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପରେ ସେମାନଙ୍କ ଶିକ୍ଷାଦାନ ପଦ୍ଧତିରେ ଏହି ପରିବର୍ତନ ଆସିଛି, ଯାହା ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଫ୍‌ଏଲଏନ ଦକ୍ଷତାର ସାର୍ବଜନିନ ଅଧିଗ୍ରହଣକୁ ନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି।

# ମାରୁତି ସୁଜୁକି "ନୂଆ ଭିକ୍ଟୋରିସ୍"ର ବଜାର ପ୍ରବେଶ

କଟକ (ସବ୍ୟୁ), ଚାରିଚକିଆ ମୋଟରଯାନ କ୍ଷେତ୍ରରେ ବିପ୍ଳବ ଆଣିଥିବା ମାରୁତି ସୁଜୁକି କଂପାନୀ ଏବେ ବଜାରକୁ ନୂଆ ଭିକ୍ଟୋରିସ୍ ପ୍ରବେଶ କରାଇଛି। କଟକ ଭାଣପୁରସ୍ଥିତ ସବୁଠାରୁ ପୁରାତନ ଡିଲର ସ୍କାଏ ଅଟୋମୋବାଇଲସ୍ ଏରିନା ପକ୍ଷରୁ ଆଜି ନୂଆ ଭିକ୍ଟୋରିସ୍ ଗାଡିର ଶୁଭ ଉଦ୍ଘାଟନ ହୋଇଯାଇଛି। ଏହି ଗାଡିଟି ୫ସିଟର ହୋଇଥିବା ବେଳେ ଏଥିରେ ଯୁବପିଢ଼ୀ ମାନଙ୍କୁ ସୁହାଇଲା ଭଳି ୫.୧ ସରାଉଣ୍ଡ ସାଉଣ୍ଡ ସିଷ୍ଟିମ୍‌ରେ ୮ଟି ସ୍ପିକର ରହିଛି। ଦୁର୍ଘଟଣାରେ ଜୀବନ ସୁରକ୍ଷା ପାଇଁ ୬ଟି ବେଲୁନ୍, ଅଟୋ ବ୍ରେକିଂ ସିଷ୍ଟମ୍ ଯୋଗୁ ହଠାତ୍ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଚାଳକର ଅଜାଣତରେ ମଧ୍ୟ ଗାଡିଟି ଦୁର୍ଘଟଣାରୁ ଏଡେଇ ଯାଇଥାଏ। ଇଞ୍ଜିନ୍‌ଟି ଷ୍ଟ୍ରଙ୍ଗ ହାଇବ୍ରିଡ୍ ମୋଡ୍ ଥିବାରୁ ଲିଟର ପ୍ରତି ମାଇଲେଜ୍ ୨୮.୫ ରହିଛି। ଗାଡିର ଲମ୍ବା ୪୩୬୦ ମିମି, ଚଉଡା ୧୭୯୫ମିମି ଓ ଉଚ୍ଚତା ୧୬୫୫ମିମି ହୋଇଥିବାରୁ ସହଜରେ ଗାଡିଟି ଗୋଟିଏ ଅଣଓସାରିଆ ରାସ୍ତାରେ ମଧ୍ୟ ବୁଲିଯାଇପାରେ। ଗାଡିର ଅତ୍ୟାଧୁନିକ ଲାଇଟ୍ ସିଷ୍ଟମ୍ ଯୋଗୁ ଘନ କୁହୁଡି, ବର୍ଷା ଓ ରାତିରେ ମଧ୍ୟ ଅନାୟାସରେ ଗାଡିଟି ଘାଟି ରାସ୍ତାରେ ଯାତାୟତ କରିଥାଏ। ଗାଡିର ପଛ ଡିକିଟି ଖୋଲିବା ପାଇଁ ଏଭଳି ସୁଇଂ ସିଷ୍ଟମ୍ କରାଯାଇଛି ଯାହାକି ଗୋଡ ଦ୍ୱାରା ମଧ୍ୟ ଡିକି ଖୋଲାଯାଇ ପାରିବ। ଗାଡିର ଏକ୍ସ ସୋରୁମ୍ ମୂଲ୍ୟ ପ୍ରାୟତଃ ୧୨ ଲକ୍ଷରୁ ୧୭ଲକ୍ଷ ଟଙ୍କା ଆକଳନ କରାଯାଉଛି। ଯାହାଫଳରେ ବର୍ତ୍ତମାନ ସୁଦ୍ଧା ୧୧ହଜାର ଟଙ୍କା ଦେଇ ପ୍ରାୟ ୩୦୦ ଗାଡି ବୁକିଂ ସରିଥିବା ସିଓଓ ତୁଷାର ରଂଜନ ବେହେରା ପ୍ରକାଶ କରିଛନ୍ତି। ଉକ୍ତ ଗାଡିଟି ୧୦ଟି ଆକର୍ଷଣୀୟ ରଙ୍ଗ ସହ ଏବେ ଦୁଇଟି ନୂଆ ରଙ୍ଗ ମାଇଷ୍ଟ୍ରିକ୍ ଗ୍ରୀନ୍ ଓ ଏଟରନାଲ ବ୍ଲୁ ବଜାରରେ ଉପଲବ୍ଧ ବୋଲି ଜେନେରାଲ୍ ମ୍ୟାନେଜର ସଂଜୟ କୁମାର ଗୁପ୍ତା କହିଛନ୍ତି। ଗାଡିର ବଜାର ପ୍ରବଶେ ସମୟରେ ସିନିୟର ସେଲ୍‌ସ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ, କ୍ୱାଲିଟି ମ୍ୟାନେଜର ରଶ୍ମି ରେଖା ମିଶ୍ର ଓ ଟ୍ରେନ୍‌ର ସ୍ନେହାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



### ୧୫ଟି ରାଜ୍ୟର ୩.୫ ଲକ୍ଷ ପରିବାରକୁ ସହାୟତା ଯୋଗାଇବା ପାଇଁ
# ନନ୍ଦଘର ପୋଷଣ ମାସ ୨୦୨୫ ପାଳନ

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପଦକ୍ଷେପ, ନନ୍ଦଘର, ଏକ ଦେଶବ୍ୟାପୀ କାର୍ଯ୍ୟକ୍ରମ ଯାହା ଅଙ୍ଗନୱାଡିଗୁଡ଼ିକୁ ସାମୁଦାୟିକ ବିକାଶର ସ୍ପନ୍ଦନଶୀଳ କେନ୍ଦ୍ରରେ ଆଧୁନିକୀକରଣ କରିବା ସହିତ ପୋଷଣ, ପ୍ରାରମ୍ଭିକ ଶୈଶବ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମହିଳା ସଶକ୍ତିକରଣରେ ସମନ୍ୱିତ ସେବା ପ୍ରଦାନ କରି ସାମଗ୍ରିକ ବିକାଶକୁ ସକ୍ଷମ କରିଥାଏ। ମହିଳା ଏବଂ ଶିଶୁ ବିକାଶ ବିଭାଗ ସହିତ ମିଳିତ ଭାବରେ, ନନ୍ଦଘର ପୋଷଣ ମାସ ୨୦୨୫ ପାଳନ ପାଇଁ ଏକ ମାସ ବ୍ୟାପୀ ଅଭିଯାନ ଆରମ୍ଭ କରିଛି, ଯେଉଁଥିରେ ୧୫ଟି ରାଜ୍ୟର ୩.୫ ଲକ୍ଷରୁ ଅଧିକ ପରିବାର ସାମିଲ ହୋଇଛନ୍ତି। "ପୋଷଣ ସେ ପ୍ରଗତି" ବିଷୟବସ୍ତୁ ସହିତ, ଏହି ଅଭିଯାନର ଲକ୍ଷ୍ୟ ସଚେତନତା ବୃଦ୍ଧି କରିବା, ସୁସ୍ଥ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ଭାରତରେ ସରଳ, ସ୍ଥାୟୀ ପୁଷ୍ଟିକର ସମାଧାନ ଗ୍ରହଣ କରିବା ଏବଂ କୁପୋଷଣ ମୁକାବିଲା କରିବା ପାଇଁ ଗ୍ରାମୀଣ ସମ୍ପ୍ରଦାୟକୁ ଉତ୍ସାହିତ କରିବା।

ଏହି ବର୍ଷ, ସେପ୍ଟେମ୍ବର ୧୨ ତାରିଖରୁ, ସାରା ଦେଶରେ ନନ୍ଦଘରଗୁଡ଼ିକୁ ପୁଷ୍ଟିକର ସଚେତନତା ଏବଂ ଅଭ୍ୟାସର ସ୍ପନ୍ଦନଶୀଳ କେନ୍ଦ୍ରରେ ପରିଣତ କରାଯିବ। ଏହି ଅଭିଯାନରେ ପରିବାରଗୁଡ଼ିକୁ ସ୍ଥାନୀୟ ଭାବରେ ଉପଲବ୍ଧ, କମ ମୂଲ୍ୟର, ପୁଷ୍ଟିକର ଖାଦ୍ୟ ବ୍ୟବହାର କରିବାକୁ ଉତ୍ସାହିତ କରିବା ପାଇଁ ରେସିପି ପ୍ରଦର୍ଶନ ପ୍ରଦର୍ଶନ କରାଯିବ। ଏଥିରେ ଖାଦ୍ୟ ଅଭ୍ୟାସ, ମାତୃ ସ୍ୱାସ୍ଥ୍ୟ ଏବଂ ଶିଶୁ ବୃଦ୍ଧି ପର୍ଯ୍ୟବେକ୍ଷଣ ଉପରେ ଅଭିଭାବକଙ୍କ ତାଲିମ ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହା ସହିତ, "ପୋଷଣ ଭି, ପଢାଇ ଭି" ବ୍ୟାନର ତଳେ ସ୍ୱତନ୍ତ୍ର ଯୋଗଦାନ ଶିଶୁମାନଙ୍କ ପାଇଁ ସୁସ୍ଥ ଖାଦ୍ୟ ଏବଂ ଉନ୍ନତ ଶିକ୍ଷଣ ଫଳାଫଳ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କକୁ ଉଜ୍ଜ୍ୱଳ କରିବ। ଏହି ଅଭିଯାନ ବିଷୟରେ ସୂଚନା ଦେଇ, ନନ୍ଦ ଘରର ସିଇଓ ଶ୍ରୀ ଶଶି ଆରୋରା କହିଛନ୍ତି: "ପୋଷଣ ମାହ ଭାରତର ପ୍ରଗତି ପାଇଁ ପୁଷ୍ଟିକରତା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ମରଣକାରୀ। ନନ୍ଦଘରେ, ଆମେ ନିଶ୍ଚିତ କରିବାକୁ ପ୍ରତିବଦ୍ଧ ଯେ ଗ୍ରାମୀଣ ଭାରତର ପ୍ରତ୍ୟେକ ଶିଶୁ ଏବଂ ମା' ସୁସ୍ଥ ଭବିଷ୍ୟତ ଗଠନ ପାଇଁ ସଠିକ୍ ପୁଷ୍ଟିକରତା ଏବଂ ଜ୍ଞାନ ପାଇପାରିବେ। ୧୫ ଟି ରାଜ୍ୟର ସମ୍ପ୍ରଦାୟର ସମ୍ପୃକ୍ତି ସହିତ, ଆମେ ସଚେତନତାକୁ କାର୍ଯ୍ୟରେ ପରିଣତ କରିବା ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଛୁ।"



### ରାୟଗଡ଼ାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ
# ଫିଟନେସ୍-କମ୍-ଆମ୍ୟୁଜମେଣ୍ଟ ପାର୍କ ବିକଶିତ କରୁଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରାୟଗଡ଼ାର ହାତମୁନିଗୁଡ଼ାରେ ଥିବା ରାମକୃଷ୍ଣ ମିଶନ ଆଶ୍ରମ ସ୍କୁଲର ୭୦୦ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଫିଟନେସ୍-କମ୍-ଆମ୍ୟୁଜମେଣ୍ଟ ପାର୍କ ବିକଶିତ କରିଛି। ବିଭିନ୍ନ ପ୍ରକାରର ଖେଳ ଏବଂ ଫିଟନେସ୍ ସୁବିଧା ସହିତ ସଜ୍ଜିତ ଏହି ପାର୍କଟି ଶାରୀରିକ କାର୍ଯ୍ୟକଳାପ, ମନୋରଞ୍ଜନ ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ବେଦାନ୍ତ ସିଜିମାଲି ବକ୍ସାଇଟ୍ ମାଇନ୍ସର ଉପାଧ୍ୟକ୍ଷ ଏବଂ ମୁଖ୍ୟ ଶ୍ରୀ ପ୍ରତୀକ କୁମାର ଏହି ପାର୍କର ଉଦଘାଟନ କରିଥିଲେ। ଉଦଘାଟନ ପରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ସେଠାରେ ଅନେକ ସମୟ ଖେଳକୁଦ କରିଥିଲେ। ଏହିପରି ଗ୍ରାମାଞ୍ଚଳରେ, ସୀମିତ ସ୍କୁଲ ଭିତ୍ତିଭୂମି ଛାତ୍ରଛାତ୍ରୀଙ୍କ ଶିକ୍ଷା ଏବଂ ଅଭିବୃଦ୍ଧିକୁ ବାଧା ସୃଷ୍ଟି କରେ। ସ୍କୁଲଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସହିତ ସଜ୍ଜିତ କରି, ବେଦାନ୍ତ ଆଲୁମିନିୟମ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସଫଳତା ଏବଂ ସାମଗ୍ରିକ ବିକାଶକୁ ସମର୍ଥନ କରିବା ସହିତ ଏକ ଅନୁକୂଳ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୧୦୦ ଏକର ଜମିରେ ୨୦୦୮ ମସିହାରେ ପ୍ରତିଷ୍ଠିତ ରାମକୃଷ୍ଣ ମିଶନ ଆଶ୍ରମ ସ୍କୁଲ ଉଇଁଝରେ ପାଠ୍ୟକ୍ରମ ଅନୁଯାୟୀ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରେ। ଏହାର ସମସ୍ତ ଛାତ୍ରଛାତ୍ରୀ ରାୟଗଡା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା ସମେତ କୋରାପୁଟ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟରୁ ଆସିଥାନ୍ତି।

ଏହି ପଦକ୍ଷେପ ବିଷୟରେ କହି, ବେଦାନ୍ତ ଆଲୁମିନିୟମର ସିଇଓ ଶ୍ରୀ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ, ପ୍ରକୃତ ସମ୍ପ୍ରଦାୟ ବିକାଶ ଭିତ୍ତିଭୂମିଠାରୁ ଅଧିକ - ଏହାର ସାମଗ୍ରିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବାରେ ଥାଏ। ଏହି ଫିଟନେସ୍-କମ୍-ମନୋରଞ୍ଜନଭିତ୍ତିକ ପାର୍କ ପିଲାମାନଙ୍କୁ ଖେଳ ଏବଂ ଶାରୀରିକ କାର୍ଯ୍ୟକଳାପ ପାଇଁ ସୁଯୋଗ ପ୍ରଦାନ କରିବା ସହିତ ଏକ ଆନନ୍ଦଦାୟକ ପରିବେଶ ଯୋଗାଇଦେବା ଯାହା ପିଲାମାନଙ୍କର ସାମଗ୍ରିକ ବିକାଶକୁ ସମର୍ଥନ କରେ।" ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତନ ଆଣିବା ପ୍ରତି ପ୍ରତିବଦ୍ଧତାକୁ ରେଖାଙ୍କିତ କରେ, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତି ପ୍ରତି ସମ୍ପ୍ରଦାୟ ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ଦୃଶ୍ୟ ସାମାଜିକ-ଆର୍ଥିକ ପ୍ରଗତି ଆଡ଼କୁ ନେଇଯାଏ।




### ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା
# ଗ୍ରାମ ପଞ୍ଚାୟତ ସ୍ତରୀୟ ପରିପୂର୍ତ୍ତି ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଜନସୁରକ୍ଷା ଯୋଜନା ଅଧୀନରେ ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପି ଗ୍ରାମପଞ୍ଚାୟତ ସ୍ତରୀୟ ଏକ ତ୍ରୈମାସିକ ପରିପୂର୍ତ୍ତି ଅଭିଯାନ ବ୍ୟାଙ୍କ ମାଧ୍ୟମରେ ତା ୦୧.୦୭.୨୦୨୫ ଠାରୁ ୩୦.୦୯.୨୦୨୫ ରିଖ ପର୍ଯ୍ୟନ୍ତ ଆରମ୍ଭ କରାଯାଇଛି। ଯାହାର ଉଦ୍ଦେଶ୍ୟ ହେଉଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନସନ ଯୋଜନା ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରିବା। ଏହି ଉଦ୍ଦେଶ୍ୟରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସୁନ୍ଦରଗଡ଼ ଶାଖା ତା ୦୯.୦୯.୨୦୨୫ ରିଖ ଦିନ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସୁନ୍ଦରଗଡ଼ ସଦର ବ୍ଲକର ଲଂକାହୁଡା ଗ୍ରାମରେ ଏକ ବିଶେଷ ଶିବିର ଆୟୋଜନ କରିଥିଲା, ଯେଉଁଥିରେ ୧୦୦ ରୁ ଉର୍ଦ୍ଧ ବିଭିନ୍ନ ବୟସର ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ। ଉକ୍ତ ଶିବିରରେ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା: ସାରଦା ପ୍ରସନ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢାଇଥିଲେ। ଡା: ମହାନ୍ତି କାର୍ଯ୍ୟକ୍ରମର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି ଭାରତୀୟ ରିଜର୍ଭ ବ୍ୟାଙ୍କର ପୁନଃପ୍ରମାଣୀକରଣ , ଏକୀକୃତ ଲୋକପାଳ ଯୋଜନା, ଦାବିହୀନ ଜମାରାଶି ଓ ସାଇବର ଫ୍ଲଡ ଇତ୍ୟାଦି ବିଷୟରେ ମୂଲ୍ୟବାନ ଟିପ୍ପଣୀ ପ୍ରଦାନ କରିଥିଲେ। ସେ ମଧ୍ୟ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ଜନସୁରକ୍ଷା ଯୋଜନାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିବା ସହ, ପ୍ରତ୍ୟେକ ଘରେ ବ୍ୟାଙ୍କ ଆକାଉଣ୍ଟ ରହିବାର ଉପକାରିତା ବିଷୟରେ ଅବଗତ କରାଇଥିଲେ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶୁଭଦା ପ୍ରସାଦ ମହାନ୍ତି ବ୍ୟାଙ୍କର ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସଚେତନତାର ଉଦ୍ୟମକୁ ଉନ୍ନତ କରିବା ପ୍ରତି ଅବିରତ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାକୁର ଓ ସ୍ଥାନୀୟ ସରପଞ୍ଚ ସୁଜାତା ନାୟକ ପ୍ରମୁଖ ଯୋଗ ଦେଇଥିଲେ।



# ଭାରତର ଅଭିବୃଦ୍ଧି ଇଞ୍ଜିନ ହେବାକୁ ଯାଉଛି ଉତ୍ତର-ପୂର୍ବ: ପ୍ରଧାନମନ୍ତ୍ରୀ



ଇମ୍ଫାଲ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଜୋରାମର ଆଇଜଲରେ ୯୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ କାର୍ଯ୍ୟର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ରେଳ, ରାସ୍ତା, ବିଦ୍ୟୁତ୍, କ୍ରୀଡା ସମେତ ଅନେକ କ୍ଷେତ୍ରକୁ ଲାଭ ପହଞ୍ଚାଇବ। ଭିଡିଓ କନଫରେନ୍ସ ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନୀଳ ପର୍ବତମାଳାର ଏହି ସୁନ୍ଦର ଭୂମିରେ ରାଜତ୍ୱ କରିଥିବା ପରମେଶ୍ୱର ପାଥିଆନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ମିଜୋରାମର ଲାଙ୍ଗପୁଇ ବିମାନବନ୍ଦରରେ ଉପସ୍ଥିତ ଥିବାରୁ ଏବଂ ଖରାପ ପାଗ ଯୋଗୁଁ ଆଇଜଲରେ ଲୋକଙ୍କୁ ଭେଟିପାରି ନଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଏହି ପରିସ୍ଥିତି ସତ୍ତ୍ୱେ, ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ଏହି ମାଧ୍ୟମରେ ମଧ୍ୟ ଲୋକଙ୍କ ପ୍ରେମ ଏବଂ ସ୍ନେହ ଅନୁଭବ କରିପାରିବେ।

ସ୍ୱାଧୀନତା ଆନ୍ଦୋଳନ ହେଉ କିମ୍ବା ରାଷ୍ଟ୍ର ନିର୍ମାଣ, ଶ୍ରୀମୋଦୀ କହିଛନ୍ତି ଯେ ମିଜୋରାମର ଲୋକମାନେ ସର୍ବଦା ଯୋଗଦାନ ଦେବାକୁ ଆଗେଇ ଆସିଛନ୍ତି। ସେ କହିଛନ୍ତି ଯେ ଲାଲନୁ ରୋପୁଇଲିଆନି ଏବଂ ପାସଲଥା ଖୁଆଙ୍ଗଚେରା ଭଳି ବ୍ୟକ୍ତିତ୍ୱଙ୍କ ଆଦର୍ଶ ଦେଶକୁ ପ୍ରେରଣା ଦେଇ ଚାଲିଛି। ଶ୍ରୀ ମୋଦୀ ଜୋର ଦେଇ କହିଛନ୍ତି ଯେ "ତ୍ୟାଗ ଏବଂ ସେବା, ସାହସ ଏବଂ କରୁଣା ମିଜୋ ସମ୍ପ୍ରଦାୟରେ ଗଭୀର ଭାବରେ ନିହିତ ଅଛି। ଆଜି, ମିଜୋରାମ ଭାରତର ବିକାଶ ଯାତ୍ରାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି।"

ଏହି ଦିନଟିକୁ ଦେଶ ପାଇଁ, ବିଶେଷକରି ମିଜୋରାମବାସୀଙ୍କ ପାଇଁ ଐତିହାସିକ ବୋଲି ବର୍ଣ୍ଣନା କରି ମୋଦୀ କହିଛନ୍ତି ଯେ, "ଆଜିଠାରୁ ଆଇଜଲ ଭାରତର ରେଳ ମାନଚିତ୍ରରେ ସ୍ଥାନ ପାଇବ।" ଅତୀତକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କିଛି ବର୍ଷ ପୂର୍ବେ ତାଙ୍କୁ ଆଇଜଲ ରେଳ ଲାଇନର ଶିଳାନ୍ୟାସ କରିବାର ସୁଯୋଗ ମିଳିଥିଲା। ସେ ଗର୍ବର ସହିତ ଏହି ରେଳ ଲାଇନକୁ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିଥିଲେ। କଷ୍ଟକର ଭୂମି ସମେତ ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ, ବୈରାବୀ-ସାଇରାଙ୍ଗ ରେଳ ଲାଇନ ଏବେ ବାସ୍ତବତାରେ ପରିଣତ ହୋଇଛି। ସେ ଇଞ୍ଜିନିୟରମାନଙ୍କ ଦକ୍ଷତା ଏବଂ ଶ୍ରମିକମାନଙ୍କ ଆଗ୍ରହକୁ ପ୍ରଶଂସା କରି କହିଥିଲେ ଯେ ସେମାନଙ୍କ ପ୍ରୟାସ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି।

ଭାରତ ବିଶ୍ୱସ୍ତରୀୟ କ୍ରୀଡା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି ବୋଲି ଜୋର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଅଭିବୃଦ୍ଧି ଦେଶରେ କ୍ରୀଡା ଅର୍ଥନୀତିକୁ ମଧ୍ୟ ପ୍ରୋତ୍ସାହନ ଦେଇଛି। ସେ ମିଜୋରାମର ସମୃଦ୍ଧ କ୍ରୀଡା ପରମ୍ପରା ଏବଂ ଫୁଟବଲ୍ ଏବଂ ଅନ୍ୟାନ୍ୟ କ୍ରୀଡାରେ ଅନେକ ଚାମ୍ପିଅନ୍ ସୃଷ୍ଟି କରିବାରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ। ମିଜୋରାମ ସରକାରଙ୍କ କ୍ରୀଡା ନୀତିରୁ ମଧ୍ୟ ଲାଭ ପାଉଛି। ଖେଲୋ ଇଣ୍ଡିଆ ଯୋଜନା ଅଧୀନରେ ଆଧୁନିକ କ୍ରୀଡା ଭିତ୍ତିଭୂମି ନିର୍ମାଣ ପାଇଁ ସହାୟତା ଯୋଗାଇ ଦିଆଯାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ ସୂଚନା ଦେଇଥିଲେ ଯେ ସରକାର ସମ୍ପ୍ରତି ଏକ ଜାତୀୟ କ୍ରୀଡା ନୀତି - ଖେଲୋ ଇଣ୍ଡିଆ ଖେଲ୍ ନୀତି ଆରମ୍ଭ କରିଛନ୍ତି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପଦକ୍ଷେପ ମିଜୋରାମର ଯୁବକମାନଙ୍କ ପାଇଁ ସୁଯୋଗର ନୂତନ ଦ୍ୱାର ଖୋଲିବ।

୨୦୧୪ ପୂର୍ବରୁ ଟୁଥପେଷ୍ଟ, ସାବୁନ ଏବଂ ତେଲ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ମଧ୍ୟ ୨୭% ଟିକସ ଲାଗୁ ହେଉଥିଲା। ଆଜି, ଏହି ଜିନିଷଗୁଡ଼ିକ ଉପରେ କେବଳ ୫% ଜିଏସଟି ଲାଗୁ ହେଉଛି। ବିରୋଧୀଙ୍କ ଶାସନ ସମୟରେ, ଔଷଧ, ପରୀକ୍ଷା କିଟ୍ ଏବଂ ବୀମା ପଲିସି ଉପରେ ଅତ୍ୟଧିକ ଟିକସ ଲାଗୁ ହେଉଥିଲା। ଏହା ସ୍ୱାସ୍ଥ୍ୟସେବା ମହଙ୍ଗା କରିଦେଇଥିଲା ଏବଂ ବୀମା ସାଧାରଣ ପରିବାରର ପହଞ୍ଚିବା ବାହାରେ ଥିଲା। ଆଜି, ଏହି ସମସ୍ତ ସେବା ଏବଂ ଉତ୍ପାଦ ସୁଲଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ନୂତନ ଜିଏସଟି ହାର କର୍କଟ ଭଳି ଗମ୍ଭୀର ରୋଗର ଔଷଧକୁ ମଧ୍ୟ ଶସ୍ତା କରିବ।



ଶ୍ରୀ ମୋଦୀ କହିଛନ୍ତି, "୨୦୨୫-୨୬ ପ୍ରଥମ ତ୍ରୈମାସିକରେ ଭାରତର ଅର୍ଥନୀତି ୭.୮% ଅଭିବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି। ଦେଶ ମେକ୍ ଇନ୍ ଇଣ୍ଡିଆ ଏବଂ ରପ୍ତାନିରେ ମଧ୍ୟ ଦୃଢ଼ ଅଭିବୃଦ୍ଧି ଦେଖୁଛି।" ଏହି କାର୍ଯ୍ୟକ୍ରମରେ ମିଜୋରାମ ରାଜ୍ୟପାଳ ଜେନେରାଲ ଭି.କେ. ସିଂହ, ମିଜୋରାମ ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲଦୁହୋମା, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଶେଷ ମାଇଲ ସଂଯୋଗ ପ୍ରତି ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ୮୦୭୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ବୈରାବି-ସାଇରଙ୍ଗ ନୂତନ ରେଳ ଲାଇନର ଉଦଘାଟନ କରିଛନ୍ତି, ଯାହା ପ୍ରଥମ ଥର ପାଇଁ ମିଜୋରାମର ରାଜଧାନୀକୁ ଭାରତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରିବ। ଏକ ଚ୍ୟାଲେଞ୍ଜିଂ ପାର୍ବତ୍ୟ ଅଞ୍ଚଳରେ ନିର୍ମିତ, ଏହି ରେଳ ଲାଇନ ପ୍ରକଳ୍ପରେ ଜଟିଳ ଭୌଗୋଳିକ ପରିସ୍ଥିତିରେ ନିର୍ମିତ ୪୫ଟି ସୁଡ଼ଙ୍ଗ ଅଛି। ଏଥିରେ ୫୫ ଟି ପ୍ରମୁଖ ସେତୁ ଏବଂ ୮୮ ଟି କ୍ଷୁଦ୍ର ସେତୁ ମଧ୍ୟ ଅନ୍ତର୍ଭୁକ୍ତ। ମିଜୋରାମ ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ଏହି ଅଞ୍ଚଳର ଲୋକମାନଙ୍କୁ ନିରାପଦ, ଦକ୍ଷ ଏବଂ କମ ଖର୍ଚ୍ଚରେ ଯାତ୍ରା ବିକଳ୍ପ ପ୍ରଦାନ କରିବ। ଏହା ଖାଦ୍ୟଶସ୍ୟ, ସାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ସମୟୋଚିତ ଏବଂ ନିର୍ଭରଯୋଗ୍ୟ ଯୋଗାଣ ସୁନିଶ୍ଚିତ କରିବ, ଯାହା ଦ୍ୱାରା ସାମଗ୍ରିକ ଲଜିଷ୍ଟିକ୍ସ ଦକ୍ଷତା ଏବଂ ଆଞ୍ଚଳିକ ସୁଗମତା ବୃଦ୍ଧି କରିବ।

ପ୍ରଧାନମନ୍ତ୍ରୀ ଏହି ଅବସରରେ ତିନୋଟି ନୂତନ ଏକ୍ସପ୍ରେସ ଟ୍ରେନ, ସାଇରଙ୍ଗ (ଆଇଜଲ)-ଦିଲ୍ଲୀ (ଆନନ୍ଦ ବିହାର ଟର୍ମିନାଲ) ରାଜଧାନୀ ଏକ୍ସପ୍ରେସ, ସାଇରଙ୍ଗ-ଗୌହାଟି ଏକ୍ସପ୍ରେସ ଏବଂ ସାଇରଙ୍ଗ-କୋଲକାତା ଏକ୍ସପ୍ରେସକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଇଜଲ ଏବେ ରାଜଧାନୀ ଏକ୍ସପ୍ରେସ ମାଧ୍ୟମରେ ସିଧାସଳଖ ଦିଲ୍ଲୀ ସହିତ ସଂଯୋଗ ହେବ। ସାଇରଙ୍ଗ-ଗୌହାଟି ଏକ୍ସପ୍ରେସ ମିଜୋରାମ ଏବଂ ଆସାମ ମଧ୍ୟରେ ଯାତ୍ରାକୁ ସହଜ କରିବ। ସାଇରଙ୍ଗ-କୋଲକାତା ଏକ୍ସପ୍ରେସ ମିଜୋରାମକୁ ସିଧାସଳଖ କୋଲକାତା ସହିତ ସଂଯୋଗ କରିବ। ଏହି ଉନ୍ନତ ସଂଯୋଗୀକରଣ ହସ୍ପିଟାଲ, ବିଶ୍ୱବିଦ୍ୟାଳୟ ଏବଂ ବଜାରକୁ ପହଞ୍ଚିବା ପାଇଁ ଉନ୍ନତ ହେବ, ଯାହାଦ୍ୱାରା ସମଗ୍ର ଅଞ୍ଚଳରେ ଶିକ୍ଷାଗତ, ସାଂସ୍କୃତିକ ଏବଂ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବ। ଏହା ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ଏବଂ ଏହି ଅଞ୍ଚଳରେ ପର୍ଯ୍ୟଟନକୁ ଏକ ପ୍ରମୁଖ ପ୍ରୋତ୍ସାହନ ଦେବ।

## ତାଜ୍ ପ୍ୟାଲେସ୍, ମ୍ୟାକ୍ସ ହସପିଟାଲକୁ ବୋମା ଧମକ

ନୂଆଦିଲ୍ଲୀ: ଦିଲ୍ଲୀର ବିଭିନ୍ନ ସ୍ଥାନକୁ ଆଜି ବୋମା ଧମକ ମିଳିଛି। ପ୍ରଥମେ ହାଇକୋର୍ଟ, ତାପରେ ୨ଟି ଯାକ ମାକ୍ସ ହସପିଟାଲ ଓ ହୋଟେଲ ତାଜ୍ ପ୍ୟାଲେସକୁ ବି ବୋମା ଧମକ ମିଳିଛି। ଏହା ଫଳରେ ରାଜଧାନୀରେ ଆତଙ୍କ ଖେଳିଯାଇଛି। ମିଳିଥିବା ସୂଚନା ଅନୁସାରେ ଦିଲ୍ଲୀର ସବୁଠାରୁ ସୁରକ୍ଷିତ ଅଂଚଳଭାବେ ଜଣାଶୁଣା ଚାଣକ୍ୟପୁରୀ ଅଂଚଳରେ ଥିବା ତାଜ୍ ପ୍ୟାଲେସ ହୋଟେଲକୁ ଶନିବାର ସକାଳେ ଏକ ଇ-ମେଲ ମାଧ୍ୟମରେ ବୋମା ଧମକ ଦିଆଯାଇଥିଲା। ସେଥିରେ କୁହାଯାଇଥିଲା ଯେ ହୋଟେଲରେ ୧୬ଟି ବୋମା ରଖାଯାଇଛି। ଦିନ ୧୧ଟା ସୁଦ୍ଧା ହୋଟେଲକୁ ଖାଲି କରିବାକୁ ସେଥିରେ ଚେତାଇ ଦିଆଯାଇଥିଲା। ବୋମା ଖବର ମିଳିବା ପରେ ପୁଲିସ, ବୋମା ନିରୋଧୀ ଦଳ ଓ ଦମକଳ ବାହିନୀ ସେଠାରେ ପହଞ୍ଚି ହୋଟେଲକୁ ଯାଞ୍ଚ କରିଥିଲେ। ତେବେ ହୋଟେଲରୁ କୌଣସି ବୋମା ମିଳିନଥିଲା।

ଠିକ ସେହି ସମୟରେ ଦିଲ୍ଲୀରେ ଥିବା ୨ଟି ମାକ୍ସ ହୋଟେଲକୁ ବି ବୋମା ଧମକ ମିଳିଥିଲା। ପ୍ରଥମେ ଶାଲିମାରବାଗ ଓ ତାପରେ ଦ୍ୱାରକାରେ ଥିବା ମାକ୍ସ ହସପିଟାଲକୁ ବୋମା ଧମକ ମିଳିଥିଲା। ସେଠାରେ ବି ପୁଲିସ ଓ ଦମକଳ ବାହିନୀ ପହଞ୍ଚି ସର୍ଚ୍ଚ ଅପରେସନ କରିଥିଲେ ବି ବୋମା ମିଳିନଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏସବୁ ଇ-ମେଲ ଗୋଟିଏ ଆଇପି ଆଡରେସରୁ ପଠାଯାଇଥିଲା।

## ହଟ୍ ଏୟାର ବେଲୁନରେ ଲାଗିଲା ନିଆଁ, ବର୍ତ୍ତିଲେ ମୁଖ୍ୟମନ୍ତ୍ରୀ

ଭୋପାଳ: ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ। ମନ୍ଦସୌର ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ହଟ୍ ଏୟାର ବେଲୁନରେ ନିଆଁ ଲାଗିଯାଇଥିଲା। ଏହା ପରେ ସୁରକ୍ଷା କର୍ମୀମାନେ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କୁ ବାହାରକୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଯଦି ହଟ୍ ଏୟାର ବେଲୁନଟି ଉଡ଼ି ଯାଇଥାନ୍ତା, ତେବେ ଏକ ବଡ଼ ଦୁର୍ଘଟଣା ଘଟିପାରିଥାନ୍ତା। ବେଲୁନଟି କିପରି ନିଆଁ ଲାଗିଲା ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା କୁହାଯାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଆଜି ମନ୍ଦସୌର ଗସ୍ତରେ ଥିଲେ। ମନ୍ଦସୌରରେ ଗାନ୍ଧୀ ସାଗର ଅଭୟାରଣ୍ୟ ଅଛି, ଯେଉଁଠାରେ ପ୍ରତିବର୍ଷ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି। ମୁଖ୍ୟମନ୍ତ୍ରୀ ପ୍ରସ୍ତୁତିର ସମୀକ୍ଷା କରିବାକୁ ଏଠାରେ ପହଞ୍ଚିଥିଲେ। ଏହି ସମୟରେ, ସେ ହଟ୍ ଏୟାର ବେଲୁନରେ ବସିବା ପାଇଁ ସେଠାକୁ ପହଞ୍ଚିଥିଲେ। ଯେତେବେଳେ ସେ ବେଲୁନ ଭିତରେ ଥିଲେ, ଉକ୍ତ ବେଲୁନରେ ନିଆଁ ଲାଗିଗଲା। କିନ୍ତୁ ତାଙ୍କ ସୁରକ୍ଷା ପାଇଁ ଉପସ୍ଥିତ ସୁରକ୍ଷା କର୍ମୀମାନେ ତୁରନ୍ତ ତାଙ୍କୁ ବାହାର କରି ନିଆଁ ଲିଭାଇ ଦେଇଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଯାଦବ ବେଲୁନରେ ଚଢ଼ିବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୨୦ କିଲୋମିଟର ଥିଲା। ଏପରି ପରିସ୍ଥିତିରେ ବେଲୁନ ଆଗକୁ ବଢ଼ି ପାରିନଥିଲା। ଏଠି ଯୋଗୁଁ ବେଲୁନରେ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି।

## ଭାରତ ପାଇଁ କାହିଁକି ଜରୁରୀ ନେପାଳ?

ନୂଆଦିଲ୍ଲୀ: ସୁଧୁରୁଛି ପଡ଼ୋଶୀ ଦେଶ ନେପାଳ ସ୍ଥିତି। ଦେଶରେ ଜେନ ଜେଡଙ୍କ କ୍ରୋଧ ସରକାର ପରିବର୍ତ୍ତନ କରିଛି। ବିଦ୍ରୋହର ତିନି ଦିନ ପରେ, ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କି ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସଂସଦ ଭାଙ୍ଗିବା ସହିତ, ତାଙ୍କୁ ଛଅ ମାସ ମଧ୍ୟରେ ସଂସଦ ଅର୍ଥାତ୍ ପ୍ରତିନିଧି ସଭା ନିର୍ବାଚନ କରିବାର ଦାୟିତ୍ୱ ଦିଆଯାଇଥିଲା। ତାଙ୍କର ପ୍ରଥମ ନିଷ୍ପତ୍ତିରେ, ସେ ୫ ମାର୍ଚ୍ଚ, ୨୦୨୬ ରେ ସାଧାରଣ ନିର୍ବାଚନ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ ତାଙ୍କ ସୁପାରିଶକୁ ଗ୍ରହଣ କରିଥିଲେ। ଯାହା ଏବେ ସେଠିକା ସ୍ଥିତିକୁ ସ୍ୱାଭାବିକ କରୁଥିବା ବେଳେ ଏବେ ନେପାଳ ଉପରେ କଡ଼ା ନଜର ରଖିଛି ଭାରତ।

### କ'ଣ କହିଲେ ମୋଦି?

ସୁଶୀଳା କାର୍କି ଅନ୍ତରୀଣ ସରକାରର ଭାର ଗ୍ରହଣ କରୁ କରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍କିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେପାଳର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ସୁଶୀଳା କାର୍କିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଏଥିସହିତ ଭାରତ ନେପାଳର ଭାଇ ଭଉଣୀଙ୍କ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ନିଜ ଏକ୍ସ ପୋଷ୍ଟରେ ଲେଖିଛନ୍ତି ମୋଦି। ପୂର୍ବରୁ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (MEA) ପରିବର୍ତ୍ତନର ଯୁଗରେ କାଠମାଣ୍ଡୁ ସହିତ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଥିଲା। ମନ୍ତ୍ରଣାଳୟ କହିଛି, " ସୁଶୀଳା କାର୍କିଙ୍କ ନେତୃତ୍ୱରେ ନେପାଳରେ ନୂତନ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନକୁ ସ୍ୱାଗତ କରୁଛୁ। ଆମେ ଆଶା କରୁଛୁ ଯେ ଏହା ଶାନ୍ତି ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବ। ମନ୍ତ୍ରଣାଳୟ ଆହୁରି କହିଛି, "ଏକ ନିକଟତମ ପଡ଼ୋଶୀ, ଏକ ଗଣତାନ୍ତ୍ରିକ ଦେଶ ଏବଂ ଏକ ଦୀର୍ଘକାଳୀନ ବିକାଶ ଅଂଶୀଦାର ଭାବରେ, ଭାରତ ଉଭୟ ଦେଶର ଲୋକଙ୍କ କଲ୍ୟାଣ ଏବଂ ସମୃଦ୍ଧି ପାଇଁ ନେପାଳ ସହିତ ନିବିଡ଼ ଭାବରେ କାମ କରିବ।" ନୂଆ ସରକାରେ ଭାରତ ଏବଂ ନେପାଳ ମଧ୍ୟରେ ଥିବା ସଂପର୍କକୁ ବଜାୟ ରଖିବା ନେଇ ଏହା ଏକ ପଦକ୍ଷେପ।

## ଦେଶବ୍ୟାପୀ ହେବ ଏସ୍ଆଇଆର୍

ନୂଆଦିଲ୍ଲୀ: ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ (ଏସ୍ଆଇଆର) କୁ ନେଇ ବିବାଦ ଲାଗି ରହିଛି। ଏନେଇ ସୁପ୍ରିମ୍‌କୋର୍ଟରେ ମାମଲା ମଧ୍ୟ ଦାଏର ହୋଇଛି। ଇତି ମଧ୍ୟରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ସବୁ ରାଜ୍ୟରେ ଏସ୍ଆଇଆର ହେବ ବୋଲି ସୁପ୍ରିମ୍‌କୋର୍ଟକୁ ସୂଚନା ଦେଇଛନ୍ତି।

ଇସିଆଇ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଜାତୀୟ ସ୍ତରରେ ଯେଉଁ ଏସ୍ଆଇଆର ହେବ ୨୦୨୬ ଜୁନ୍ ପହିଲାକୁ ଧାର୍ଯ୍ୟ ତାରିଖ ଗ୍ରହଣ କରାଯାଇଛି। ବିହାର ବ୍ୟତିତ ଅନ୍ୟ ରାଜ୍ୟଗୁଡ଼ିକରେ ଏହା କରାଯିବ। ସେପ୍ଟେମ୍ବର ୧୦ରେ ଏକ ସମ୍ମିଳନୀରେ ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଏହା କୁହାଯାଇଛି। ଇସିଆଇ ପକ୍ଷରୁ ଯବାବ ସତ୍ୟପାଠ ଦାଖଲ କରି ଆଇନଜୀବୀ ଅଶ୍ୱିନୀକୁମାର ଉପାଧ୍ୟାୟ ରାଷ୍ଟ୍ରୀୟ ସ୍ତରରେ ଏସ୍ଆଇଆର କରିବା ପାଇଁ ନିର୍ଦ୍ଦେଶ ଲୋଡ଼ିଛନ୍ତି। ପ୍ରତ୍ୟେକ ରାଜ୍ୟରେ ନିୟମିତ ଭାବରେ ଏହା କରାଯିବ। ଏହା ହେଉଛି ଇସିଆଇଙ୍କର ବୈଧାନିକ କ୍ଷମତା। ଜନ ପ୍ରତିନିଧି ଆଇନ୍‌ରେ ଏହି ବ୍ୟବସ୍ଥା ରହିଛି। ଇସିଆଇ ପକ୍ଷରୁ ନୀତିରେ ସଂଶୋଧନ କରାଯାଇ ବାଦ୍ ପଡ଼ଇବା ଲାଗି ନୂଆ ନୀତି ଅଣାଯାଇଛି। ଏଥିରେ ଯଦି କିଛି ତ୍ରୁଟି ରହିଛି ତେବେ ବିଚାର ବିଭାଗର ନିର୍ଦ୍ଦେଶର ଆବଶ୍ୟକତା ରହିଛି। କୋର୍ଟ ଏବେ ବିହାରରେ ଚାଲିଥିବା ଏସ୍ଆଇଆର ପ୍ରକ୍ରିୟାକୁ ନେଇ ଶୁଣାଣି କରୁଛନ୍ତି। ବିହାରରେ ଆଧାରକାର୍ଡକୁ ଅତିରିକ୍ତ ଦଲିଲ ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବଦଳିଲା ପିଲାଙ୍କ ଆଧାରକାର୍ଡ ନିୟମ

ନୂଆଦିଲ୍ଲୀ : ଆଧାର କାର୍ଡ ଆଜି ପ୍ରତି ଭାରତୀୟଙ୍କ ପରିଚୟର ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟରେ ପରିଣତ ହୋଇଛି। ଖାସ କରି ପିଲାଙ୍କ ଆଧାରକାର୍ଡ କରିବା ଏବେ ଜରୁରି ହୋଇପଡିଛି, ଯାହା ଦ୍ୱାରା ଭବିଷ୍ୟତରେ ପିଲାକୁ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ନ ହୁଏ। ତେବେ ପିଲାଙ୍କ ଆଧାରକାର୍ଡ ତିଆରି ପାଇଁ ଏବେ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଏପର୍ଯ୍ୟନ୍ତ ପିଲାଙ୍କ ଆଧାରକାର୍ଡ କରିବାକୁ ଜନ୍ମ ପ୍ରମାଣପତ୍ର ପର୍ଯ୍ୟାପ୍ତ ଥିଲା। ଏଥି ପାଇଁ ମାତା ପିତାଙ୍କୁ ଝିନଝଟ ହେଉ ନଥିଲା। ହେଲେ ଏବେ ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ନିୟମ ସଂଶୋଧନ କରିଛନ୍ତି।

ୟୁଆଇଡିଏଆଇ ସ୍ପଷ୍ଟ କରିଦେଇଛନ୍ତି ଯେ ପିଲାଙ୍କ ଆଧାରକାର୍ଡ କରିବା ପାଇଁ କେବଳ ଜନ୍ମ ପ୍ରମାଣପତ୍ର ଏବେ ଯଥେଷ୍ଟ ନୁହେଁ, ଏହା ସହିତ ଏବେ ମାତାପିତାଙ୍କ ପରିଚୟ ଓ ଠିକଣା ସମ୍ପର୍କିତ କାଗଜପତ୍ର ମଧ୍ୟ ବାଧ୍ୟତାମୂଳକ ହେବ। ଏହାର ଅର୍ଥ ଏବେ ପିଲାଙ୍କ ଆଧାର ସେମାନଙ୍କ ମାତାପିତାଙ୍କ ଆଧାର ସହ ଲିଂକ ହୋଇ ଆସିବ। ଏହି ନିୟମ ଅନୁସାରେ ପିଲାର ବୟସ, ପରିଚୟ ଓ ଠିକଣା ପୁଷ୍ଟି ନିମନ୍ତେ ମାତାପିତାଙ୍କ କାଗଜପତ୍ରର ମଧ୍ୟ ଯାଞ୍ଚ ହେବ। ଏହା ଦ୍ୱାରା ଆଧାର ପ୍ରକ୍ରିୟା ଆହୁରି ମଜଭୁତ ଓ ପାରଦର୍ଶୀ ହେବ। ଏବେ ପିଲାଙ୍କ ଆଧାର କେବଳ ଜନ୍ମ ପ୍ରମାଣପତ୍ର ନୁହେଁ ମାତାପିତାଙ୍କ ଆଧାର ଓ ଠିକଣା କାଗଜପତ୍ର ସହିତ ସଂଯୁକ୍ତ ରହିବ।




ପିଲାର ଆଧାର ନିମନ୍ତେ ମାତାପିତାଙ୍କୁ ଏବେ ନିମ୍ନଲିଖିତ କାଗଜପତ୍ର ଉପସ୍ଥାପନ କରିବାକୁ ପଡିବ। ଏଥିରେ ମାତାପିତାଙ୍କ ଆଧାର କାର୍ଡ, ଭୋଟର ଆଇଡି, ପାସପୋର୍ଟ, ପାନ କାର୍ଡ ଘରର ବିଜୁଳି ବିଲ, ରାସନ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଆଦି କାଗଜପତ୍ର ଦେବାକୁ ପଡିବ। ସେହିପରି ପିଲାର କାଗଜପତ୍ର ଲାଗି ତା ଜନ୍ମ ପ୍ରମାଣପତ୍ର ଯେଉଁଥିରେ ନାମ ଓ ଜନ୍ମ ତାରିଖ ସ୍ପଷ୍ଟ ଓ ଅଙ୍କିତ ହୋଇଥିବା ଜରୁରି। ୫ ବର୍ଷରୁ କମ ବୟସ୍କ ପିଲାଙ୍କ ଆଧାର 'ବ୍ଲୁ ଆଧାର' ରୂପେ ଜଣାଯାଏ। ଏଥିରେ ପିଲାର ବାୟୋମେଟ୍ରିକ ନିଆଯାଏ ନାହିଁ। ଏଥି ପାଇଁ ପିଲାର ଫଟୋ ଓ ମାତାପିତାଙ୍କ କାଗଜପତ୍ର ଦ୍ୱାରା ଆଧାର ଜାରି ହୋଇଥାଏ।

## ସ୍ୱାଧୀନ ଦେଶ ହେବ ପାଲେଷ୍ଟାଇନ

ନୂଆଦିଲ୍ଲୀ: ଇସ୍ରାଏଲକୁ ବଡ଼ ଝଟକା। ପାଲେଷ୍ଟାଇନକୁ ଏକ ସ୍ୱତନ୍ତ୍ର ଦେଶ କରିବା ପ୍ରସ୍ତାବ ଜାତିସଂଘ ସାଧାରଣ ସଭା (UN)ରେ ପାରିତ ହୋଇଛି। ଭାରତ ମଧ୍ୟ ଏହାକୁ ସମର୍ଥନ କରିଛି। ବିଶ୍ୱର ୧୪୨ଟି ଦେଶ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ଦେଶ ଭାବରେ ମାନ୍ୟତା ଦେବାକୁ ସମର୍ଥନ କରିଛନ୍ତି। ଏହାକୁ ଇସ୍ରାଏଲ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଉଛି। ସେହି ସମୟରେ, ଏହା ଆଶା କରାଯାଉଛି ଯେ ଏହା ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଚାଲିଥିବା ସଂଘର୍ଷକୁ ବନ୍ଦ କରିବାରେ ବହୁତ ସାହାଯ୍ୟ କରିବ। ପାଲେଷ୍ଟାଇନ ଏବେ ବି ଏକ ଆଂଶିକ ଭାବରେ ସ୍ୱୀକୃତିପ୍ରାପ୍ତ ଦେଶ।

ପାଲେଷ୍ଟାଇନ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଦୁଇ ରାଷ୍ଟ୍ରୀୟ ସମାଧାନକୁ ସମର୍ଥନ କରି ନ୍ୟୁୟର୍କ ଘୋଷଣାପତ୍ରକୁ ଜାତିସଂଘ ସାଧାରଣ ସଭା ଅନୁମୋଦନ କରିଥିବା ବେଳେ ଭାରତ ସମେତ ବିଶ୍ୱର ୧୪୨ଟି ଦେଶ ଏହାକୁ ସମର୍ଥନ କରିଥିଲେ। ହେଲେ ୧୦ଟି ଦେଶ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ। ଏହା ବ୍ୟତୀତ ୧୨ଟି ଦେଶ ଭୋଟ ଦେବାରୁ ବିରତ ରହିଥିଲେ। ଏହି ମାମଲାରେ ଭାରତର ମତ ହେଉଛି ଏକ ସାର୍ବଭୌମ, ସ୍ୱାଧୀନ ଏବଂ କାର୍ଯ୍ୟକ୍ଷମ ପାଲେଷ୍ଟାଇନ ରାଷ୍ଟ୍ର ପ୍ରତିଷ୍ଠାକୁ ସମର୍ଥନ କରିବା, ଯାହା ସ୍ୱୀକୃତିପ୍ରାପ୍ତ ସୀମା ମଧ୍ୟରେ ଏକ ସୁରକ୍ଷିତ ଇସ୍ରାଏଲୀ ରାଷ୍ଟ୍ର ସହିତ ଶାନ୍ତିପୂର୍ଣ୍ଣ ଭାବରେ ରହିପାରିବ।

## ୧୧୪ ନୂଆ ରାଫେଲ କିଣିବା ପାଇଁ ପ୍ରସ୍ତାବ

# ବିଶ୍ୱର ହେବ ସବୁଠୁ ବଡ଼ ପ୍ରତିରକ୍ଷା ଡିଲ

ନୂଆଦିଲ୍ଲୀ : ଭାରତୀୟ ବାୟୁସେନା ରକ୍ଷା ମନ୍ତ୍ରାଳୟକୁ ୧୧୪ ନୂଆ ରାଫେଲ ଯୁଦ୍ଧ ବିମାନ କିଣିବାକୁ ଅଧିକାରୀକ ପ୍ରସ୍ତାବ ପଠାଇଛି। ଏଥିରୁ ଭାରତୀୟ ବାୟୁସେନାର ଭରସା ଏବେ ଫ୍ରାନ୍ସର ରାଫେଲ ଉପରେ ଦୃଢ ହୋଇଥିବାର ପ୍ରମାଣିତ ହେଉଛି। ଯଦି ଏହି ଡିଲ ଚୂଡ଼ାନ୍ତ ହୁଏ ତେବେ ଏହା ବିଶ୍ୱର ସବୁଠୁ ବଡ଼ ପ୍ରତିରକ୍ଷା ଡିଲ ହେବ ବୋଲି କୁହାଯାଉଛି। ଏହି କ୍ରୟ ମିଡିୟମ ରୋଲ ଫାଇଟର ଏୟାରକ୍ରାଫ୍ଟ(ଏମଆରଏଫଏ) କାର୍ଯ୍ୟକ୍ରମରେ ହେବ, ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ କୋଟି ଟଙ୍କାରୁ ବି ଅଧିକ ହେବ। ୧୧୪ ଯୁଦ୍ଧବିମାନ କ୍ରୟ ନିମନ୍ତେ ବାୟୁସେନା ରକ୍ଷା ମନ୍ତ୍ରାଳୟକୁ ପ୍ରସ୍ତାବ ପଠାଇ ଦେଇଛି। ଏବେ ଏହା ଉପରେ ପ୍ରତିରକ୍ଷା ଓ ଅର୍ଥମନ୍ତ୍ରାଳୟ ସମେତ ଅନ୍ୟ ବିଭାଗ ବିଚାର କରିବେ। ଏହା ପରେ ଏହାକୁ ରକ୍ଷା କ୍ରୟ ବୋର୍ଡ (ଡିପିବି) ନିକଟକୁ ପହଞ୍ଚିବ। ଏହା ପରେ ଅଧିଗ୍ରହଣ ପରିଷଦ (ଡିଏସି) ଏହା ଉପରେ ବିଚାର କରିବା ପରେ ଔପଚାରିକ ଡିଲରେ ସ୍ୱାକ୍ଷର ହେବ। ଫରାସୀ କମ୍ପାନୀ ଡାସଲ୍ଟ ଏଭିଏସନ ରାଫେଲର ଆଡଭାନ୍ସ ଭାରିଆଣ୍ଟ ଏଫ-୪ ଉପସ୍ଥାପନ କରିଛି। ଏହାକୁ 'ସୁପର ରାଫେଲ' କୁହାଯାଇପାରେ। କାରଣ ଏଥିରେ ଉନ୍ନତ ରାଡାର, ଇଲେକ୍ଟ୍ରୋନିକ୍ ୱାରଫେୟାର ସିଷ୍ଟମ ଓ ନେଟୱାର୍କ ସେଣ୍ଟ୍ରିକ୍ ୱାରଫେୟାର କ୍ଷମତା ରହିଛି। ଏଥିରେ ସାଟେଲାଇଟ୍ କମ୍ୟୁନିକେସନ ଓ ନୂଆ ୱିପନ ସିଷ୍ଟମ ଯୋଡା ଯାଇଛି। ଏହାକୁ ପଞ୍ଚମ ପିଢୀର ଫାଇଟର ଜେଟ୍ ପାଖାପାଖି ବିଚାର କରାଯାଉଛି ହେଲେ ଏହା ସମ୍ପୂର୍ଣ୍ଣ 'ଷ୍ଟିଲଥ୍' ଟେକ୍ନିକର ନୁହେଁ। ଏଫ-୪ ଜେଟ୍ ରୁ ଭାରତୀୟ ବାୟୁସେନାକୁ ୬-୭ଟି ନୂଆ ସ୍କ୍ୱାଡ୍ରନ ମିଳିଯାଇପାରେ। ଏବେ ଭାରତରେ ରାଫେଲର ମାତ୍ର ୨ଟି ସ୍କ୍ୱାଡ୍ରନ ରହିଛି।

ଭାରତ ୨୦୧୬ ମସିହାରେ ଫ୍ରାନ୍ସରୁ ୩୬ଟି ରାଫେଲ ଏଫ-୩ଆର କ୍ରୟ ନିମନ୍ତେ ପାଖାପାଖି ୫୯ ହଜାର କୋଟି ଟଙ୍କାର ଡିଲ କରିଥିଲା। ଏହି ଫାଇଟର ଜେଟ୍ ୨୦୨୦ ମସିହାରୁ ଭାରତୀୟ ବାୟୁସେନାରେ ସାମିଲ ହୋଇଛି। ଭାରତ ନିମନ୍ତେ ଏଥିରେ ୧୩ଟି ସ୍ୱତନ୍ତ୍ର ପରିବର୍ତ୍ତନ କରାଯାଇଛି। ଚୀନ୍ ସହିତ ୨୦୨୦ ଲଦାଖ ବିବାଦ ସମୟରେ ରାଫେଲକୁ ମୁତୟନ କରାଯାଇଥିଲା। ଅପରେସନ ସିନ୍ଦୂର କାଳରେ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ କରିବା ପାଇଁ ରାଫେଲକୁ ବ୍ୟବହାର କରାଯାଇଥିଲା। ଏହି ଅଭିଜ୍ଞତା ରାଫେଲର ବିଶ୍ୱସନୀୟତା ଓ କ୍ଷମତାକୁ ପ୍ରମାଣିତ କରିଛି।

## ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହେଁ: ଆହ୍ଲାବାଦ ହାଇକୋର୍ଟ

ଲକ୍ଷ୍ନୌ: ପ୍ରେମ ସମ୍ପର୍କ ଏବଂ ଶାରୀରିକ ସମ୍ପର୍କ ସହିତ ଜଡିତ ଏକ ପ୍ରସଙ୍ଗରେ ଆହ୍ଲାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ପ୍ରେମ ସମ୍ପର୍କରେ ଶାରୀରିକ ସମ୍ପର୍କ ସହମତିରେ ହୁଏ, ତେବେ ଏହାକୁ ଦୁଷ୍କର୍ମ ବର୍ଗୀକୃତ କରାଯାଇପାରିବ ନାହିଁ।

ମାହୋବା ଜିଲ୍ଲାର ଚରଖାରୀ ଥାନା ଅଞ୍ଚଳର ଜଣେ ମହିଳାଙ୍କ ଆବେଦନକୁ ଖାରଜ କରି ଜଷ୍ଟିସ୍ ଅରୁଣ କୁମାର ସିଂହ ଦେଶୱାଲଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ମହିଳା ଜଣକ ତାଙ୍କ ସହକର୍ମୀ ଲେଖପାଲଙ୍କ ଉପରେ ବିବାହ ବାହାନାରେ ଦୁଷ୍କର୍ମ ଏବଂ ବ୍ଲାକମେଲ୍ କରିବାର ଅଭିଯୋଗ ଆଣିଥିଲେ।

ପୀଡିତା ତାଙ୍କ ଆବେଦନରେ ଅଭିଯୋଗ କରିଥିଲେ ଯେ, ୨୦୧୯ ମସିହାରେ ତାଙ୍କ ସହକର୍ମୀ ଲେଖପାଲ ତାଙ୍କୁ ଜନ୍ମଦିନ ପାର୍ଟି ବାହାନାରେ ତାଙ୍କ ଘରକୁ ଡାକି ନିଶାଦ୍ରବ୍ୟ ପିଇବାକୁ ଦେଇଥିଲେ, ଦୁଷ୍କର୍ମ କରିଥିଲେ ଏବଂ ଭିଡିଓ ତିଆରି କରି ବ୍ଲାକମେଲ୍ କରିଥିଲେ। ତାଙ୍କ ଚେତା ଫେରିବା ପରେ, ସେ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଚାରି ବର୍ଷ ପରେ, ଜାତିଗତ ଆଧାରରେ ତାଙ୍କୁ ଗାଳି ଦେଇ ବିବାହ କରିବାକୁ ମନା କରି ଦେଇଥିଲେ। ପୀଡିତା ଏ ବିଷୟରେ ପୁଲିସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ କିନ୍ତୁ କୌଣସି ସୁଫଳ ମିଳି ନଥିଲା।




ଏହା ପରେ ପୀଡିତା ଏସସି-ଏସଟି ସ୍ୱତନ୍ତ୍ର କୋର୍ଟରେ ଅଭିଯୋଗ ଦାଏର କରିଥିଲେ, ସ୍ୱତନ୍ତ୍ର କୋର୍ଟ ଅଭିଯୋଗକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ ପୀଡିତା ହାଇକୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲେ ଏବଂ ନ୍ୟାୟ ପାଇଁ ଆବେଦନ କରିଥିଲେ। ପୀଡିତା ଯୁକ୍ତି ଦର୍ଶାଇଥିଲେ ଯେ, ଅଭିଯୁକ୍ତ ଲେଖପାଲ ବିବାହ ବାହାନାରେ ତାଙ୍କ ସହିତ ବର୍ଷ ବର୍ଷ ଧରି ସମ୍ପର୍କ ରଖିଥିଲେ। ତା'ପରେ ସେ ତାଙ୍କୁ ଜାତିଗତ ଶବ୍ଦରେ ଅପମାନିତ କରିଥିଲେ ଏବଂ ବିବାହ କରିବାକୁ ମନା କରିଥିଲେ।

କୋର୍ଟରେ, ଅଭିଯୁକ୍ତ ଆକାଉଣ୍ଟାଣ୍ଟଙ୍କ ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, ପୀଡିତା ନିଜେ ପୁଲିସ ଷ୍ଟେସନ ଏବଂ ଏସପିଙ୍କୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନା କରିବାକୁ ଚିଠି ଲେଖିଥିଲେ। ଅଭିଯୁକ୍ତ ଆକାଉଣ୍ଟାଣ୍ଟ ଯେତେବେଳେ ଧାର ଦେଇଥିବା ୨ ଲକ୍ଷ ଟଙ୍କା ଦାବି କରିଥିଲେ, ଏହାପରେ ପୀଡିତା ଏକ ଅଭିଯୋଗ ଦାଏର କରିଥିଲେ।

ଆହ୍ଲାବାଦ ହାଇକୋର୍ଟ ପୀଡିତାଙ୍କ ଆବେଦନକୁ ଖାରଜ କରି କହିଛନ୍ତି, ଯଦିଓ ମହିଳା ଜଣକ ଆରମ୍ଭରୁ ଜାଣିଛନ୍ତି ଯେ, ସାମାଜିକ କାରଣରୁ ବିବାହ ସମ୍ଭବ ନୁହେଁ, ତଥାପି ବର୍ଷ ବର୍ଷ ଧରି ସହମତିପୂର୍ଣ୍ଣ ସମ୍ପର୍କ ବଜାୟ ରଖିବାକୁ ଦୁଷ୍କର୍ମ ବୋଲି ବିବେଚନା କରାଯାଇପାରିବ ନାହିଁ। ସମସ୍ତ ତଥ୍ୟ ଓ ପ୍ରମାଣକୁ ବିଚାର କରିବା ପରେ ବିଚାରପତି ଅରୁଣ କୁମାର ସିଂହ ଦେଶୱାଲଙ୍କ ଏକକ ଖଣ୍ଡପୀଠ ପୀଡିତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

# ରାଜ୍ୟ ପୋଲିସ କବାଡି, ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପିତ



ଭୁବନେଶ୍ୱର,୧୩।୯(ସବ୍ୟୁ): କେନ୍ଦୁଝର ଠାରେ ୭୮ତମ ରାଜ୍ୟ ପୋଲିସ ପୁରୁଷ କବାଡି ଚାମ୍ପିଅନସିପ୍ ଓ ଦଶମ ପୋଲିସ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ ଓଡ଼ିଶା ପୋଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଗେମରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ କରି କେବଳ ଓଡ଼ିଶା ପାଇଁ ଗୌରବ ନୁହେଁ ବରଂ ଭାରତର ପଦକ ତାଲିକାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। କବାଡି ଚାମ୍ପିଅନସିପ୍ ରେ ରାଉରକେଲାର ପୋଲିସ ଚତୁର୍ଥ ବାଟାଲିୟନ କୁ ହରାଇ କଟକ ପୋଲିସ ଷଷ୍ଠ ବାଟାଲିୟନ ବିଜୟୀ ହୋଇଥବା ବେଳେ ଓ ହ୍ୟାଣ୍ଡବଲରେ ଢେଙ୍କାନାଳ ଜିଲ୍ଲା କେନ୍ଦୁଝର ଜିଲ୍ଲାକୁ ହରାଇ ବିଜୟୀ ହୋଇଥିଲା। ବିଜୟୀ ଓ ରନର୍ସ ଅପ ଦଳକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ପୋଲିସ ବଳରେ ଏହିପରି କ୍ରୀଡା ପ୍ରତିଯୋଗିତା ସୁସ୍ଥ, ଶୃଙ୍ଖଳିତ ଓ ପ୍ରେରଣାଦାୟକ ପରିବେଶ ଗଠନ କରୁଛି। ଆଜିର ଏହି ପ୍ରତିଯୋଗୀତାରେ ଯେଉଁ କ୍ରୀଡା ପ୍ରତିଭାମାନେ ଖେଳୁଛନ୍ତି, ସେମାନେ କାଲି ଜାତୀୟ ଦଳର ସଦସ୍ୟ, ଏସିଆନ୍ ଗେମ୍ସର ପଦକ ବିଜେତା, କିମ୍ବା ଓଲିମ୍ପିକ୍ସ ଚାମ୍ପିୟନ ହେବେ। ପୋଲିସ ସେବାରୁ ଆସିଥିବା ପ୍ରେରଣାଦାୟକ ନାମଗୁଡ଼ିକ ସେଥିପାଇଁ ପଥପ୍ରଦର୍ଶକ। ଆମେ ଭାରତୀୟ କ୍ରୀଡାକୁ ଯଦି ଆଜି ବିଶ୍ୱସ୍ତରରେ ଗର୍ବର ସହିତ ଦେଖୁଛୁ, ତାହାର ପଛରେ ରହିଛି ପୋଲିସ, ସେନା ଓ ପାରାମିଲିଟାରି ବଳର ଅସାଧାରଣ ଅବଦାନ। ଏଣୁ "ସୁସ୍ଥ ଯୁବଶକ୍ତି, ସୁସ୍ଥ ଓଡିଶା" ମୂଳମନ୍ତ୍ରରେ ଆମେ ବିଶ୍ୱାସ କରୁ। ନୂଆ ସରକାର ଆସିବା ପରେ ରାଜ୍ୟରେ ଆମେ କ୍ରୀଡ଼ାକୁ ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରୁଛୁ। ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୫-୨୬ ରେ ବ୍ଲକସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ।

ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡ଼ି.ଜି. ଯୋଗେଶ ବହାଦୁର ଖୁରାନିଆ, ଏସ.ଟି.ଏ କମିଶନର ଅମିତାଭ ଠାକୁର, ଡ଼ି.ଆଇ.ଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଭାରତ-ପାକିସ୍ତାନ ମହାଲଢ଼େଇ




ଦୁବାଇ,୧୩।୯(ଏଜେନ୍ସି): ଏସିଆ କପର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଗ୍ରୁପ୍ ଏ'ରେ ଉଭୟ ଭାରତ ଓ ପାକିସ୍ତାନ ଅଛନ୍ତି। ଏହା ଉଭୟ ଦଳ ପାଇଁ ଦ୍ୱିତୀୟ ମ୍ୟାଚ ହେବ। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ପ୍ରଥମ ମ୍ୟାଚରେ ସହଜ ବିଜୟ ହାସଲ କରିଥିଲା। ପାକିସ୍ତାନ ମଧ୍ୟ ଓମାନ ବିପକ୍ଷରେ ବଡ଼ ବିଜୟ ଲାଭ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ ଜିତି ଅଭିଯାନ ଆରମ୍ଭ କରିଛନ୍ତି। ତେଣୁ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ମହାଲଢ଼େଇ ହେବ। ବର୍ତ୍ତମାନର ଟି-୨୦ ବିଶ୍ୱ ଚାମ୍ପିଅନ୍ ଟିମ୍ ଇଣ୍ଡିଆ ଓ ପାକିସ୍ତାନ ଦୀର୍ଘ ସମୟ ଅନ୍ତରାଳରେ ଭେଟାଭେଟି ହେବାକୁଯାଉଛନ୍ତି। ଏହା ପୂର୍ବରୁ ଉଭୟ ଦଳ ୨୦୨୪ ଟି-୨୦ ବିଶ୍ୱକପରେ ମୁହାଁମୁହିଁ ହୋଇଥିଲେ ଯେଉଁଠାରେ ଭାରତ ବିଜୟୀ ହୋଇଥିଲା। ଏହାପରେ ଉଭୟ ଦଳ ଚାମ୍ପିଅନ୍ସ ଟ୍ରଫି ଉଭୟ ଦଳ ଲଢ଼ିଥିଲେ ଏଥିରେ ମଧ ଭାରତ ଜିତିଥିଲା। ପୁଣି ଏହି ଦୁଇ ଦଳ ମ୍ୟାଚ ଖେଳାଯିବ। ପ୍ରଶଂସକ ମ୍ୟାଚ ଅପେକ୍ଷାରେ ଅଛନ୍ତି।

ଭାରତୀୟ ସମୟ ରାତି ୮ଟାରୁ ମ୍ୟାଚ ଆରମ୍ଭ ହେବ। ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଏହି ମ୍ୟାଚର ସିଧାପ୍ରସାରଣ ସୋନି ସ୍ପୋର୍ଟ୍ସ ନେଟୱାର୍କରେ ଦେଖିବାକୁ ପାଇବେ। ଏତଦ ବ୍ୟତୀତ ଅନଲାଇନ୍ ପ୍ଲାଟଫର୍ମ ଫ୍ୟାନ କୋଡରେ ମ୍ୟାଚ ଲାଇଭ୍ ଷ୍ଟ୍ରିମିଂ ହେବ।

ଓମାନର ବିଜୟ ପରେ ପାକ୍ ଅଧିନାୟକ ସଲମାନ ଅଲ୍ଲୀ ଆଗା ଦଳର ପ୍ରଦର୍ଶନ ଉପରେ ଖୁସି ପ୍ରକାଶ କରିଥିଲେ। କିନ୍ତୁ ପ୍ରଦର୍ଶନର ଉନ୍ନତିର ଆବଶ୍ୟକତା ଥିବା ଦର୍ଶାଇଥିଲେ। ବୋଲିଂ ୟୁନିଟ୍ ଉତ୍କୃଷ୍ଟ ଥିଲା କିନ୍ତୁ ଆମର ୩ ପ୍ରକାର ସ୍ପିନର ଅଛନ୍ତି ଏହା ଆମର ଶକ୍ତି ବୋଲି ସଲମାନ କହିଛନ୍ତି। ବ୍ୟାଟିଂରେ ଉନ୍ନତୀ ଆଣିବାର ଅଛି । ଯଦି ଆମେ ଯୋଜନାରେ ଅଟଳ ରହିବୁ ତେବେ ଆମେ ଯେକୌଣସି ଦଳକୁ ସହଜରେ ପରାସ୍ତ କରିପାରିବୁ। ଆମ ଦଳ ଆକ୍ରମଣାତ୍ମ ମନବଳରେ ଭାରତକୁ ସ୍ୱାଗତ କରିବ ବୋଲି ସଲମାନ କହିଛନ୍ତି।

**ଆଜିର ମ୍ୟାଚ**

ଭାରତ-ପାକିସ୍ତାନ

ସ୍ଥାନ: ଦୁବାଇ

ସମୟ: ରାତି ୮ଟା

ପ୍ରସାରଣ: ସୋନୀ ନେଟୱର୍କ

# ମହିଳା ଏସିଆ କପ୍: ଭାରତ-ଚୀନ ଟାଇଟଲ ଲଢ଼େଇ



ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ଚୀନର ହାଙ୍ଗଝୌରେ ଚାଲିଥିବା ମହିଳା ଏସିଆ କପର ଟାଇଟଲ ଲଢ଼େଇ ସ୍ପଷ୍ଟ ହୋଇଛି। ରବିବାର ଆୟୋଜକ ଚୀନ୍ ଓ ଭାରତ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ସୁପର-୪ ପର୍ଯ୍ୟାୟର ଶେଷ ମ୍ୟାଚରେ ଚୀନ୍ ୧-୦ ଗୋଲରେ କୋରିଆକୁ ପରାସ୍ତ କରି ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିଭଳି ଭାରତ ତାର ଶେଷ ମ୍ୟାଚରେ କଡ଼ା ସଂଘର୍ଷ କରି ଜାପାନ ସହ ୧-୧ ଗୋଲରେ ମ୍ୟାଚ ଡ୍ର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ସୁପର-୪ ପର୍ଯ୍ୟାୟର ଶୀର୍ଷ ୨ ଦଳ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ତେଣୁ ରବିବାର ଭାରତ ଓ ଚୀନ୍ ମଧ୍ୟରେ ଟାଇଟଲ ଲଢ଼େଇ ହେବ। ଏହି ମ୍ୟାଚ ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଆରମ୍ଭ ହେବ।

ସୁପର-୪ ପର୍ଯ୍ୟାୟର ଶେଷ ମ୍ୟାଚ ଜାପାନକୁ ଭେଟିଥିଲା ଭାରତ। ଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ଏହି ମ୍ୟାଚ ଭାରତୀୟ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ତେଣୁ ଆରମ୍ଭରୁ ହିଁ ଭାରତ ଆକ୍ରମଣାତ୍ମ ଖେଳ ଦେଖାଇ ଜାପାନକୁ ଚାପରେ ରଖିବା ପାଇଁ ଚେଷ୍ଟା କରିଥିଲା। ମ୍ୟାଚର ସପ୍ତମ ମିନିଟରେ ବ୍ୟୁଟି ଡୁଙ୍ଗ ଡୁଙ୍ଗ ସପ୍ତମ ମିନିଟରେ ଗୋଲସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ବ୍ୟାବଧାନ ମ୍ୟାଚର ୫୮ତମ ମିନିଟ୍ ପର୍ଯ୍ୟନ୍ତ ରହିଥିଲା। ମ୍ୟାଚର ଶେଷ ଭାଗରେ ଜାପାନ ଗୋଲ୍ ପରିଶୋଧ କରି ମ୍ୟାଚକୁ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ସିହୋ କୋବାୟାକାୱା ୫୮ ମିନିଟରେ ଗୋଲଦେବାରୁ ମ୍ୟାଚ ୧-୧ରେ ବରାବର ରହିଥିଲା।

# ଯାଜପୁରରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୩।୯(ସବ୍ୟୁ): ଯାଜପୁରର ଖଡକପୁର ସ୍ଥିତ ସହଦେବ ବିଦ୍ୟାପୀଠରେ ଶନିବାର ମୀରାରାଣୀ ଏଜୁକେସନ ଆଣ୍ଡ ଚାରିଟେବଲ ଟ୍ରଷ୍ଟ ତରଫରୁ ଏକ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ବାଳକ ଓ ବାଳିକା ଛାତ୍ର ଛାତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷକ ଚିରସ୍ମିତା ଭଞ୍ଜଦେଓ ପିଲାମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ସମାଜରେ ଘଟୁଥିବା ଦୈନନ୍ଦିନ ଜୀବନଶୈଳୀରେ ନିଜକୁ କିପରି ସୁରକ୍ଷା ଦେଇପାରିବା ସେ ବିଷୟରେ ଟ୍ରଷ୍ଟର ସଭାପତି ମୀରାରାଣୀ ଦାସ ପିଲାମାନଙ୍କୁ କହିଥିଲେ। ଟ୍ରଷ୍ଟର ସମ୍ପାଦକ ଯଶୋବନ୍ତ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗଦେଇଥିଲେ। ହାଇସ୍କୁଲର ପ୍ରଧାନଶିକ୍ଷକ ରାଜକିଶୋର ମିଶ୍ର , ସହାୟକ ଶିକ୍ଷକ ହେମନ୍ତ ନାୟକ ଓ ଅନ୍ୟ ଶିକ୍ଷକବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସହଦେବ ବିଦ୍ୟାପୀଠର ସଭାପତି ସଞ୍ଜୟ ଖୁଣ୍ଟିଆ ଓ ସୁବ୍ରତ କୁମାର ପୃଷ୍ଟିଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପିଲାମାନଙ୍କୁ ଅଭ୍ୟାସ ସମୟରେ ଜୁସ୍ ବିତରଣ କରାଯିବା ସହିତ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ଟ୍ରଷ୍ଟର ବରିଷ୍ଠ ସଦସ୍ୟା ପ୍ରମିଳା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।




## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା

# ଟେକ୍ନିକାଲ କମିଟିରେ ଗଗନେନ୍ଦୁ

ଭୁବନେଶ୍ୱର,୧୩।୯(ସବ୍ୟୁ): ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ପଞ୍ଚମ ସଂସ୍କରଣ ଆସନ୍ତା ନଭେମ୍ବରରେ ଜୟପୁରରେ ହେବାକୁଯାଉଛୁ। କିଟ୍ ଓ କିସର କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଏହି ପ୍ରତିଯୋଗିତା ପାଇଁ ଟେକ୍ନିକାଲ କମିଟିର ସଦସ୍ୟ ଭାବେ ଇଷ୍ଟ ଜୋନରୁ ପ୍ରତିନିଧିତ୍ୱ କରିବେ। ଏହି ମେଗା ସ୍ପୋର୍ଟ୍ସ ଇଭେଣ୍ଟରେ ୨୦ଟି କ୍ରୀଡା ବର୍ଗରେ ୮୦୦୦ରୁ ଊର୍ଦ୍ଧ୍ୱ କ୍ରୀଡାବିତ୍ ଅଂଶଗ୍ରହଣ କରିବେ।

ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ଼ମିଣ୍ଟନ, ବକ୍ସିଂ, ଫେନସିଂ, ଫୁଟବଲ, ହକି, ଜୁଡୋ, କବାଡି, ମାଲଖମ୍ବା, ରଗବୀ, ସୁଟିଂ, ସୁଇମିଂ, ଟେବୁଲ ଟେନିସ୍, ଟେନିସ୍ ଭଲିବଲ, ୱେଟଲିଫ୍ଟିଂ ଏବଂ ଯୋଗ ଆଦି କ୍ରୀଡା ରହିଛି। ଗଗନେନ୍ଦୁ ଦାସଙ୍କ ସମେତ ଗେମ୍ ଟେକ୍ନିକାଲ କଣ୍ଡକ୍ଟ କମିଟିରେ ବିନୁ ଜର୍ଜ, ଅନୀଲ କୁମାର କାଲକାଲ, ୟୁଭି ଶଙ୍କର ଓ କବିତା ଖୋଲଗଡେ ଅଛନ୍ତି।



# ଫାଓର ନୂଆ ଚୟନ କମିଟି



ଭୁବନେଶ୍ୱର,୧୩।୯(ସବ୍ୟୁ): ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ମହିଳା ସିନିୟର ଓ ଜୁନିୟର ଚୟନ କମିଟି ଘୋଷଣା ହୋଇଛି। ପୂର୍ବତନ ଭାରତୀୟ ମହିଳା ଫୁଟବଲ ଦଳର ଅଧିନାୟିକା ତଥା ଫାଓର ଯୁଗ୍ମ ସମ୍ପାଦିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉଭୟ ସିନିୟର ଓ ଜୁନିୟର କମିଟିର ଅଧ୍ୟକ୍ଷା ହୋଇଛନ୍ତି। ସିନିୟର କମିଟିରେ ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟଙ୍କ ବ୍ୟତୀତ ରଞ୍ଜିତା ମହାନ୍ତି, ଗୀତାଞ୍ଜଳୀ ଖୁଣ୍ଟିଆ, ଗାୟତ୍ରୀ ମଲ୍ଲିକ ଓ ସସ୍ମିତା ମଲ୍ଲିକ ସଦସ୍ୟ ଅଛନ୍ତି। ସେହିଭଳି ଜୁନିୟର ଓ ସବଜୁନିୟର ଚୟନ କମିଟିରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ବ୍ୟତୀତ ସରିତା ଜୟନ୍ତୀ ବେହେରା, ମମତା କୁମାର ସାମନ୍ତ, ଆଲୋଚନା ସେନାପତି, ସୁପ୍ରଭା ସାମଲ ଓ ସ୍ୱର୍ଣ୍ଣମୟୀ ସାମଲ ସଦସ୍ୟ ଅଛନ୍ତି। ରାଜ୍ୟ ମହିଳା ଫୁଟବଲ ଦଳ ଚୟନରେ ଏହି ଦୁଇ କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।

# ହଂକଂ ଓପନ: ଫାଇନାଲରେ ସାତ୍ୱିକ-ଚିରାଗ

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): ଭାରତର ଦୁଇ ପୁରୁଷ ତାରକା ସଟଲର ସାତ୍ୱିକ ସାଇରାଜ ରଣକୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡି ୨୦୨୫ ବର୍ଷର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ହଂକଂ ଓପନ ସୁପର-୫୦୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଯୋଡି ଚାଇନିଜ ତାଇପେଇର ବିଙ୍ଗ-ୱି ଲିନ୍ ଓ ଚେନ ଚେଙ୍ଗ କୁଆନଙ୍କୁ ୨୧-୧୭, ୨୧-୧୫ ଗେମରେ ପରାସ୍ତ କରି ଶ୍ରେଷ୍ଠ ଉପଲବ୍ଧି ହାସଲ କରିଛନ୍ତି। ବିଶ୍ୱ ମାନ୍ୟତାର ୯ ନମ୍ବରରେ ଥିବା ଭାରତୀୟ ଯୋଡି ଟାଇଟଲ ଲଢ଼େଇରେ ଲିଆଙ୍ଗ ୱି-ୱାଙ୍ଗ ଚାଙ୍ଗଙ୍କୁ ଭେଟିବେ। ଶେଷଥର ପାଇଁ ଭାରତୀୟ ଯୋଡି ୨୦୨୪ରେ ଫାଇନାଲରେ ପ୍ରବେଶ କରିଥିଲେ।



# ଏସିଆନ୍ ହ୍ୟାଣ୍ଡବଲ ଚାମ୍ପିଅନସିପ୍: ଜାତୀୟ ଦଳରେ ସୁପ୍ରଜୀତ, ସ୍ୱସ୍ତିକ

## ଗୌରୀଶଙ୍କର କୋଚ

ଭୁବନେଶ୍ୱର,୧୩।୯(ସବ୍ୟୁ): ଜୋର୍ଡାନର ରାଜଧାନୀ ଅମାନ ସହରରେ ଚଳିତ ମାସ ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ୧୮ ବର୍ଷରୁ କମ୍ ବାଳକ ଏସିଆନ୍ ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଅଂଶଗ୍ରହଣ କରିବେ ୩ଜଣ। କୋଚ ଭାବେ ଗୌରୀ ଶଙ୍କର ମିଶ୍ର ତଥା ଖେଳାଳି ଭାବେ ସୁପ୍ରଜିତ ବେହେରା ଓ ସ୍ୱସ୍ତିକ ମହାପ୍ରସାଦ ପତି ଜାତୀୟ ଦଳ ଲାଗି ମନୋନୀତ ହୋଇ ଇତିହାସ ରଚିଛନ୍ତି। ଓଡିଶା ହ୍ୟାଣ୍ଡବଲରେ ଆଉ ଏକ ଫର୍ଦ ଯୋଡ଼ି ହୋଇଛି। ଗତ ମେ ମାସରେ ଲକ୍ଷ୍ନୌ ଠାରେ ଅନୁଷ୍ଠିତ ଭାରତ ହ୍ୟାଣ୍ଡବଲ ଦଳର ଚୂଡାନ୍ତ ଚୟନ ଶିବିରରେ ସୁପ୍ରଜିତ ଓ ସ୍ୱସ୍ତିକ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଭାରତୀୟ ପାଇଁ ମନୋନୀତ ହୋଇ ଥିଲେ। ସୁପ୍ରଜିତ ଓ ସ୍ୱସ୍ତିକ କୋଚ ଗୌରୀ ଶଙ୍କରଙ୍କ ଠାରୁ ଗତ ଦୁଇ ବର୍ଷ ହେବ ହ୍ୟାଣ୍ଡବଲର କଳାକୌଶଳ ଶିଖୁଛନ୍ତି। ଗୌରୀ ଶଙ୍କର କହିଛନ୍ତି ଆର୍ଯ୍ୟନ ପରେ ତାଙ୍କର ଦୁଇଜଣ ଛାତ୍ର ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ସେ ବହୁତ ଖୁସି। ଏଠାରେ ସୂଚନା ଯୋଗ୍ୟ ଯେ ଆର୍ଯ୍ୟନ ବ୍ରାହ୍ମୀନ ଓଡ଼ିଶାର ପ୍ରଥମ ଅନ୍ତଜାତୀୟ ଖେଳାଳି ହୋଇଥିବା ବେଳେ ତାଙ୍କ ବାପା ଗୌରୀଶଙ୍କର ପ୍ରଥମ କୋଚ ଭାବେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଗୌରୀ ଶଙ୍କର, ସୁପ୍ରଜିତ ଓ ସ୍ୱସ୍ତିକଙ୍କୁ ଓଡିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ରାଜ୍ୟରେ ହ୍ୟାଣ୍ଡବଲ କ୍ରୀଡାର ବିକାଶ ଲାଗି ସଦା ତତ୍ପର କୋଚ୍ ଗୌରୀ ଶଙ୍କର ମିଶ୍ର ନିଜ ପ୍ରଶିକ୍ଷକ ଜୀବନରେ ଆଉ ଏକ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ତାଙ୍କ କାନ୍ଧରେ ଜାତୀୟ ଦଳକୁ ମାର୍ଗଦର୍ଶନ କରିବାର ଗୁରୁଦାୟିତ୍ୱ ରହିଛି। ଏହାକୁ ସେ ସୂଚାରୁରୂପେ ସମ୍ପାଦନ କରି ଦଳକୁ ସଫଳ କରାଇ ଦେଶ ପାଇଁ ଗୌରବ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି।



## ଏସିଆନ୍ ରଗବୀ ଏମିରେଟ୍ସ ସିରିଜ୍

# ଭାରତୀୟ ଦଳରେ କିସର ୩

ଭୁବନେଶ୍ୱର,୧୩।୯(ସବ୍ୟୁ): ଏସିଆ ରଗବୀ ଏମିରେଟ୍ସ ମହିଳା-୭ ସିରିଜ୍ ପାଇଁ ଘୋଷଣା ହୋଇଥିବା ଭାରତୀୟ ମହିଳା ରଗବୀ ଦଳରେ କିସର ୩ ଜଣ ଛାତ୍ରୀ ସ୍ଥାନ ପାଇଛନ୍ତି। ଏମାନେ ହେଲେ ଡୁମୁଣି ମାରାଣ୍ଡି (ଉପଅଧିନାୟକ), ନିର୍ମାଲ୍ୟ ରାଉତ ଓ ମାମା ନାୟକ। ଭାରତୀୟ ଦଳରେ ଏହି ୩ କିସ୍ ଖେଳାଳି ସ୍ଥାନ ପାଇବା ଗୌରବର କଥା। ପୁଣିଥରେ ରଗବୀ କ୍ରୀଡାରେ ଆମ ଓଡ଼ିଆ ଖେଳାଳିଙ୍କ ପ୍ରାଧାନ୍ୟ ବଢ଼ିଛି। ଚଳିତ ମାସ ୨୦ ଓ ୨୧ ତାରିଖରେ ଚୀନର ହାଙ୍ଗ ଝୌରେ ଏହି ପ୍ରତିଯୋଗିତା ଆୟୋଜନ ହେବ। କୋଲକାତାର ସାଇ ନେତାଜୀ ସୁବାଷ ଇଷ୍ଟର୍ଣ୍ଣ ସେଣ୍ଟରରେ ଅଗଷ୍ଟ ୧୦ରୁ ସେପ୍ଟେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ରଗବୀ ଇଣ୍ଡିଆ ପକ୍ଷରୁ ଜାତୀୟ କ୍ୟାମ୍ପ ଆୟୋଜନ କରାଯାଇଛି। ଏହି ଶିବିରରେ ଅଂଶଗ୍ରହଣ କରିଥିବା ପିଲାଙ୍କ ମଧ୍ୟରୁ କିଟ୍ ଓ କିସର ୩ ଜଣ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ସୂଚନା**

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି